ବର୍ଷ-୨୫, ସଂଖ୍ୟା-୨୭୫
ଭୁବନେଶ୍ୱର
୧୬, ଅକ୍ଟୋବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 275
Bhubaneswar
16, October, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ପୁତ୍ର ସନ୍ତାନର ଜନନୀ ହେଲେ ତମନ୍ନା ବ୍ୟାସ

# ନକ୍ସଲମୁକ୍ତ ଭାରତ ନିର୍ମାଣ ଲକ୍ଷ୍ୟ ଦିଗରେ ଆଗଉଛି ଦେଶ

## ସର୍ବାଧିକ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩ ଓ ଏଲଡବ୍ଲ୍ୟୁଇ ପ୍ରଭାବିତ ଜିଲ୍ଲା ୧୧

## ଚଳିତବର୍ଷ ୩୧୨ ନକ୍ସଲ କ୍ୟାଡର ନିପାତ, ୮୩୬ ଜଣ ଗିରଫ, ୧୬୩୯ଜଣଙ୍କ ଆତ୍ମସମର୍ପଣ

**ନୂଆଦିଲ୍ଲୀ,୧୫।୧୦(ପିଆଇବି):** ମୋଦୀ ସରକାରଙ୍କ ନକ୍ସଲ ମୁକ୍ତ ଭାରତ ନିର୍ମାଣ ଲକ୍ଷ୍ୟ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ସର୍ବାଧିକ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୬ରୁ ୩କୁ ହ୍ରାସ ପାଇଛି ।ବର୍ତ୍ତମାନ କେବଳ ଛତିଶଗଡ଼ର ବିଜାପୁର, ସୁକମା ଏବଂ ନାରାୟଣପୁର ବାମପନ୍ଥୀ ଉଗ୍ରବାଦ (ଏଲ. ଡବ୍ଲ୍ୟୁ. ଇ.) ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲା। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲ୍ଲା ବର୍ଗରେ ମଧ୍ୟ ଏହି ସଂଖ୍ୟାକୁ ୧୮ ରୁ ୧୧କୁ ହ୍ରାସ କରାଯାଇଛି। ବର୍ତ୍ତମାନ କେବଳ ୧୧ଟି ଜିଲ୍ଲା ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ମୋଦୀ ସରକାର ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନକ୍ସଲ ବିପଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ପ୍ରତିଶ୍ରୁତିବଦ୍ଧ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ପରିଚାଳନାଗତ ସଫଳତା ଚଳିତ ବର୍ଷ ସମସ୍ତ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି, ଯେଉଁଥିରେ ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ ଏବଂ ଅନ୍ୟ ୮ ଜଣ ପଲିଟବ୍ୟୁରୋ/କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ସମେତ ୩୧୨ ଜଣ ବାମପନ୍ଥୀ ଉଗ୍ରବାଦୀ କ୍ୟାଡରଙ୍କୁ ନିପାତ କରି ଦିଆଯାଇଛି। ୮୩୬ ଜଣ ଏଲ୍.ଡବ୍ଲ୍ୟୁ.ଇ. କର୍ମୀଙ୍କୁ ଗିରଫ କରାଯାଇଛି ଏବଂ ୧,୬୩୯ ଜଣ ଆତ୍ମସମର୍ପଣ କରି ମୁଖ୍ୟଧାରାରେ ସାମିଲ ହୋଇଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ ଜଣେ ପଲିଟ୍ ବ୍ୟୁରୋର ସଦସ୍ୟ ଏବଂ ଜଣେ କେନ୍ଦ୍ରୀୟ କମିଟିର ସଦସ୍ୟ ଅଛନ୍ତି।

ମୋଦୀ ସରକାରଙ୍କ ଅଧୀନରେ, ଜାତୀୟ କାର୍ଯ୍ୟ ଯୋଜନା ଏବଂ ନୀତିର କଠୋର କାର୍ଯ୍ୟକାରିତା ମାଧ୍ୟମରେ ନକ୍ସଲ ବିପଦର ମୁକାବିଲା କରିବାରେ ଅଭୂତପୂର୍ବ ସଫଳତା ହାସଲ କରାଯାଇଛି, ଯାହା ଏକ ବହୁମୁଖୀ ଆଭିମୁଖ୍ୟର ପରିକଳ୍ପନା କରିଛି। ଜାତୀୟ କାର୍ଯ୍ୟ ଯୋଜନା ଏବଂ ନୀତିରେ ସଠିକ୍ ଗୁଇନ୍ଦା ଆଧାରିତ ଏବଂ ଲୋକ ଅନୁକୂଳ ବାମପନ୍ଥୀ ଉଗ୍ରବାଦ (ଏଲ.ଡବ୍ଲ୍ୟୁ.ଇ.) ମୁକାବିଲା କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପଗୁଡ଼ିକ ସହିତ ସୁରକ୍ଷା ଶୂନ୍ୟ ଥିବା ଅଞ୍ଚଳକୁ ତ୍ୱରାନ୍ୱିତ କରିବା, ଶୀର୍ଷ ନେତା ତଥା ତୃଣମୂଳ କର୍ମୀଙ୍କୁ ଟାର୍ଗେଟ କରିବା, ଘୃଣ୍ୟ ବିଚାରଧାରାର ମୁକାବିଲା କରିବା, ଭିତ୍ତିଭୂମିର ଦ୍ରୁତ ବିକାଶ ଏବଂ କଲ୍ୟାଣକାରୀ ଯୋଜନାଗୁଡ଼ିକର ପରିପୂର୍ଣ୍ଣତା, ଆର୍ଥିକ ଅବରୋଧ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଏବଂ ମାଓବାଦୀ ସମ୍ବନ୍ଧୀୟ ମାମଲାଗୁଡ଼ିକର ତ୍ୱରାନ୍ୱିତ ଅନୁସନ୍ଧାନ ଏବଂ ବିଚାର କରାଯାଇଥିଲା ।ଏକଦା ୨୦୧୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭାରତର ସବୁଠାରୁ ବଡ଼ ଆଭ୍ୟନ୍ତରୀଣ ସୁରକ୍ଷା ଆହ୍ୱାନ ବୋଲି କୁହାଯାଉଥିବା ନକ୍ସଲବାଦ ଏବେ ପ୍ରତ୍ୟାବର୍ତ୍ତନ କରୁଛି। ନେପାଳର ପଶୁପତି ଠାରୁ ଆନ୍ଧ୍ରପ୍ରଦେଶର ତିରୁପତି ପର୍ଯ୍ୟନ୍ତ ଏକ ରେଡ୍ କରିଡର ନିର୍ମାଣ କରିବା ପାଇଁ ନକ୍ସଲମାନେ ଯୋଜନା କରିଥିଲେ। ୨୦୧୩ ରେ, ବିଭିନ୍ନ ରାଜ୍ୟର ୧୨୬ ଟି ଜିଲ୍ଲା ନକ୍ସଲ ସମ୍ବନ୍ଧୀୟ ହିଂସା ରିପୋର୍ଟ କରିଥିଲେ; ମାର୍ଚ୍ଚ ୨୦୨୫ ସୁଦ୍ଧା, ଏହି ସଂଖ୍ୟା ମାତ୍ର ୧୮ ଟି ଜିଲ୍ଲାକୁ ଖସି ଆସିଥିଲା, ଯେଉଁଥିରେ କେବଳ ୬ ଟି 'ସର୍ବାଧିକ ପ୍ରଭାବିତ ଜିଲ୍ଲା' ଭାବରେ ବର୍ଗୀକୃତ ହୋଇଥିଲା।

ଛତିଶଗଡ଼ର ନକ୍ସଲ ପ୍ରଭାବିତ ଜିଲ୍ଲାଗୁଡ଼ିକରୁ ନିରନ୍ତର ଆତ୍ମସମର୍ପଣର ଖବର ଆସୁଛି। ଏହି ପରିପ୍ରେକ୍ଷୀରେ, ଆଜି କାଙ୍କେର ଜିଲ୍ଲାର ଜଙ୍ଗଲରୁ ବାହାରି ୧୦୦ ରୁ ଅଧିକ ନକ୍ସଲ କାମତେଡା ସୀମା ସୁରକ୍ଷା ବଳ ଶିବିରରେ ଆତ୍ମସମର୍ପଣ କରିଥିଲେ। ଏଥିରେ ବରିଷ୍ଠ କ୍ୟାଡର ନକ୍ସଲ ରାଜୁ ସଲାମ, କମାଣ୍ଡର ପ୍ରସାଦ ଏବଂ ମୀନା ସାମିଲ ଅଛନ୍ତି। ସମସ୍ତ ନକ୍ସଲ ବସ୍ ଯୋଗେ ଆସିଥିଲେ। ସୁରକ୍ଷା କାରଣରୁ, ବିଏସଏଫ୍ ଶିବିରକୁ ହାଇ ଆଲର୍ଟରେ ରଖାଯାଇଛି। ମାଡ୍ ଡିଭିଜନ ୧୫ ଅକ୍ଟୋବରରେ ଆତ୍ମସମର୍ପଣ ଘୋଷଣା କରିଥିଲା ।ଡିଭିଜନାଲ କମିଟି ସଦସ୍ୟ ରାଜୁ ସଲାମ, କମ୍ପାନୀ ନମ୍ବର ୫ ର କମାଣ୍ଡର ଥିଲେ। ସେ ରାଓଘାଟ ଅଂଚଳରେ ସକ୍ରିୟ ଥିଲେ। ଗତ ୨୦ ବର୍ଷ ମଧ୍ୟରେ କାଙ୍କେରରେ ଘଟିଥିବା ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ ରାଜୁ ସଲାମ। ଏତେ ସଂଖ୍ୟାରେ ନକ୍ସଲବାଦୀଙ୍କ ମୁଖ୍ୟଧାରାକୁ ଫେରିବା ଫଳରେ ଏହି ଅଂଚଳରେ ନକ୍ସଲବାଦର ନିରାକରଣ ହେବାର ଆଶା ସୃଷ୍ଟି ହୋଇଛି ।ଛତିଶଗଡ଼ର ସୁକମା ଜିଲ୍ଲାରେ ବୁଧବାର ଦିନ ପୂର୍ବରୁ ୫୦ ଲକ୍ଷ ଟଙ୍କା ଇନାମି ୨୭ ଜଣ ନକ୍ସଲ ପୁଲିସ ଅଧିକାରୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି ।ସୁକମା ପୁଲିସ୍ ଅଧୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଆତ୍ମସମର୍ପଣ କରିଥିବା ସମସ୍ତେ ନକ୍ସଲ ପୂର୍ବରୁ ବିଭିନ୍ନ ହିଂସାପୂର୍ଣ୍ଣ ଘଟଣାରେ ସମ୍ପୃକ୍ତ ଥିଲେ। ଏମାନଙ୍କ ମଧ୍ୟରେ, ପିଏଲଜିଏ ବଟାଲିୟନ୍ ନମ୍ବର ୦୧ ରେ ସକ୍ରିୟ ୨ ଜଣ ହାର୍ଡକୋର ମାଓବାଦୀ, ସିଓ୍ୱାଇସିଏମର ଜଣେ, ଦଳ ସଦସ୍ୟ ୧୫ ଜଣ ଓ ଅନ୍ୟ ୧୧ ଜଣ ସକ୍ରିୟ ନକ୍ସଲ ସାମିଲ୍ ଅଛନ୍ତି। ସରକାରୀ ସୂତ୍ର ଅନୁଯାୟୀ ଏହା ଏପର୍ଯ୍ୟନ୍ତ ୧୦୦ ରୁ ଅଧିକ ନକ୍ସଲବାଦୀଙ୍କ ମଧ୍ୟରୁ ସର୍ବବୃହତ ଆତ୍ମସମର୍ପଣ। ଏଥିରେ ଉଚ୍ଚସ୍ତରୀୟ କମାଣ୍ଡର ଏବଂ ବହୁ ସଂଖ୍ୟକ ମାଓବାଦୀ ସାମିଲ ଅଛନ୍ତି। ବର୍ତ୍ତମାନ, କାଙ୍କେର ପୋଲିସ ସମସ୍ତ ଆତ୍ମସମର୍ପଣକାରୀ ନକ୍ସଲବାଦୀଙ୍କୁ ଚିହ୍ନଟ କରିବା ପାଇଁ କାମ କରୁଛି। ସେମାନଙ୍କୁ ଖୁବ୍ ଶୀଘ୍ର ଜିଲ୍ଲା ମୁଖ୍ୟାଳୟ କିମ୍ବା ବିଭାଗୀୟ ମୁଖ୍ୟାଳୟରେ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରାଯିବ ବୋଲି ଆଶା କରାଯାଉଛି।

# ଭାରତର ଜିଡିପି ୬.୬% ହାର

ନୂଆଦିଲ୍ଲୀ,୧୫।୧୦(ପିଆଇବି): ଦୁର୍ବଳ ବିଶ୍ୱ ଅର୍ଥବ୍ୟବସ୍ଥା ମଧ୍ୟରେ ଭାରତ ଏକ ଦୃଢ଼ ସ୍ତମ୍ଭ ରୂପେ ଛିଡ଼ା ହୋଇଛି। ୨୦୨୫ ଆର୍ଥିକ ବର୍ଷରେ ଭାରତର ଜିଡିପି ୬.୬% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ଏହାର ବିଶ୍ୱ ଅର୍ଥବ୍ୟବସ୍ଥା ଆଉଟଲୁକ୍ (ଅକ୍ଟୋବର ୨୦୨୫) ରିପୋର୍ଟରେ ଆକଳନ କରିଛି। ଦୃଢ଼ ଘରୋଇ ଚାହିଦା ଏବଂ ଏକ ସ୍ଥିର ସେବା କ୍ଷେତ୍ର ଜରିଆରେ ଭାରତ ଅଭିବୃଦ୍ଧି ହାର ସୁଦୃଢ଼ ରହିବାର ସମ୍ଭାବନା ରହିଛି। ଏଥିସହିତ ମୁଦ୍ରାସ୍ଫିତ ୨.୮%କୁ ହ୍ରାସ ପାଇବା ଖାଦ୍ୟ ଓ ଇନ୍ଧନ ମୂଲ୍ୟସ୍ଥିରତାକୁ ଦର୍ଶାଉଛି ବୋଲି ଆଇଏମଏଫ ରିପୋର୍ଟରେ କୁହାଯାଇଛି। ବିଚକ୍ଷଣ ଆର୍ଥିକ ପରିଚାଳନା ଏବଂ ସ୍ଥିର ନୀତିଗତ ସଂସ୍କାର ବଳରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ୍ୟ ଅର୍ଥବ୍ୟବସ୍ଥା ମଧ୍ୟରୁ ଅନ୍ୟତମ ହୋଇପାରିଛି। ସାମ୍ପ୍ରତିକ ବାଣିଜ୍ୟିକ ବାଧା ସତ୍ତ୍ୱେ ଭାରତ ବିଶ୍ୱ ଅର୍ଥବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରୁଛି।

ଭାରତର ଜିଡିପି ୬.୪% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ପୂର୍ବରୁ ଆଇଏମଏଫ ଆକଳନ କରିଥିବା ବେଳେ ବର୍ତ୍ତମାନ ଏହାକୁ ସଂଶୋଧନ କରି ୬.୬% କରିଛି। ପ୍ରଥମ ତ୍ରୈମାସରେ ଭାରତୀୟ ଅର୍ଥବ୍ୟବସ୍ଥାର ଦୃଢ଼ ପ୍ରଦର୍ଶନ ପରେ ଏଥିରେ ସଂଶୋଧନ କରାଯାଇଛି। ବାସ୍ତବ ମୁଣ୍ଡପିଛା ଉତ୍ପାଦନ ୫.୭% ରହିବା ନେଇ ଆକଳନ କରାଯାଇଛି। ବାର୍ଷିକ ହାରାହାରି ମୁଦ୍ରାସ୍ଫିତ ୨.୮% ରହିବ ବିଶ୍ୱସ୍ତରରେ ମୁଦ୍ରାସ୍ଫିତି ହାର ଅଧିକ ରହିଥିବା ବେଳେ ଭାରତ ଏହାକୁ ଆଶାଠାରୁ ଅଧିକ ନିୟନ୍ତ୍ରଣ କରିବାରେ ସଫଳ ହୋଇଛି। ଦେଶରେ ବେକାରୀ ହାର ମଧ୍ୟ ନିୟନ୍ତ୍ରିତ ସ୍ଥିତିରେ ରହିବା ନେଇ ଆକଳନ କରାଯାଇଛି।

ଭାରତର ସେବା କ୍ଷେତ୍ର ଏବଂ ଘରୋଇ ଚାହିଦା ବିକାଶ ହାରକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୨୫ର ପ୍ରାରମ୍ଭିକ ସମୟ ତୁଳନାରେ ସେବା କ୍ଷେତ୍ରରେ ଅଭିବୃଦ୍ଧି ଦୃଢ଼ ରହିଛି। ଭାରତର ଆର୍ଥିକ ସ୍ଥିତି ସୁଦୃଢ଼ ରହିଛି। ସ୍ଥିର ବିକାଶ, ନିୟନ୍ତ୍ରିତ ମୁଦ୍ରାସ୍ଫିତି ଏବଂ ନିୟନ୍ତ୍ରିତ ଚଳନ୍ତ ଖାତା ନିଅଣ୍ଟ ସୁଦୃଢ଼ ସାମଗ୍ରିକ ଆର୍ଥିକ ଆଧାରକୁ ପ୍ରତିଫଳିତ କରୁଛି।

# ଖବର କାଗଜ ସମାଜର ଦର୍ପଣ : ମୁଖ୍ୟମନ୍ତ୍ରୀ

କଟକ,୧୫।୧୦(ମହାଭାରତ): ଯେକୌଣସି ଅନୁଷ୍ଠାନ ପାଇଁ ୧୦୦ ବର୍ଷ ପୂରଣ କରିବା ସହଜ ନୁହେଁ। ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ। 'ସମାଜ' ବୋଧହୁଏ ଓଡ଼ିଶାର ଏକମାତ୍ର ଦୈନିକ ଖବରକାଗଜ ଯାହା ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇଆସୁଛି। ସମାଜ ଖବରକାଗଜ ଆଜି କେବଳ ଏକ ଦୀର୍ଘ ୧୦୦ ବର୍ଷ ପୂରଣ କରିନାହିଁ, ତା ସହିତ ମଧ୍ୟ ସେଦିନରୁ ଆଜି ପର୍ଯ୍ୟନ୍ତ ପ୍ରତିକ୍ଷଣରେ ଯେଉଁମାନେ ତାହାର ପାଠକ ହୋଇଥାଆନ୍ତି, ସେହି ପାଠକଙ୍କ ମଧ୍ୟରେ ଏହା ଏକ ବଡ଼ ବିଶ୍ୱସନୀୟତା ଓ ଲୋକପ୍ରିୟତା ପ୍ରତିଷ୍ଠା କରିପାରିଛି। ସମାଜ କେବଳ ଏକ ଖବରକାଗଜ ନୁହେଁ, ଏହା ଗୋଟିଏ ଆନ୍ଦୋଳନ। ଖବର କାଗଜ ଏବଂ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଦେଖା ଯାଉଥିବା ସମସ୍ୟା, ପ୍ରସଙ୍ଗ ସବୁକୁ ନିର୍ଭୀକତାର ସହିତ ତଥ୍ୟ ଭିତ୍ତିରେ ପରିବେଷଣ କରିବା ତାଙ୍କର ଦାୟିତ୍ୱ। 'ସମାଜ'କୁ ଛାଡ଼ି ଓଡ଼ିଶା ବିଷୟରେ ଚିନ୍ତା କରିହେବ ନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୈନିକ ସମାଜର ୧୦୬ତମ ସ୍ୱନକ୍ଷତ୍ର ପୂର୍ତ୍ତି ପକ୍ଷ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବ୍ରିଟିଶ ସରକାରଙ୍କ କଟକଣାଠାରୁ ଆରମ୍ଭ କରି ଜରୁରିକାଳୀନ ପରିସ୍ଥିତି ପର୍ଯ୍ୟନ୍ତ ସବୁକିଛି ଦେଖିଛି ସମାଜ। ସ୍ୱାଧୀନତା ପରବର୍ତ୍ତୀ ଭାରତର ପ୍ରତ୍ୟେକ ସରକାରଙ୍କୁ ବି ସମାଜ ଦେଖିଛି। ସରକାରଙ୍କ କାର୍ଯ୍ୟକଳାପ ଉପରେ ଟିପ୍ପଣୀ ଦେବା, ସୁଚିନ୍ତିତ ମତାମତ ଦେବା ଭଳି କାର୍ଯ୍ୟ କରିଆସିଛି। ବିଶ୍ୱସନୀୟତା ବଜାୟ ରଖିବାରେ ସମାଜ ନିଜକୁ ପ୍ରମାଣିତ କରିଛି। ଉତ୍କଳମଣିଙ୍କ ଭଳି ଜଣେ ପୂଣ୍ୟାତ୍ମାଙ୍କ ଦ୍ୱାରା ସୃଷ୍ଟ ଏହି ସମ୍ବାଦପତ୍ର ଓଡ଼ିଶାବାସୀଙ୍କୁ ଦେଶ ସେବା ପାଇଁ ପ୍ରେରଣା ଦେଇଆସିଛି। ପ୍ରାରମ୍ଭିକ ସମୟରେ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ପ୍ରୋତ୍ସାହିତ କରିଥିବାବେଳେ ପରବର୍ତ୍ତୀ ସମୟରେ ଦେଶ ଓ ରାଜ୍ୟର ସାମାଜିକ ଏବଂ ଆର୍ଥିକ ପରିବର୍ତ୍ତନ ଓ ସାଂସ୍କୃତିକ ସଚେତନତା କ୍ଷେତ୍ରରେ ସମାଜ ଏବଂ ସରକାରକୁ ପ୍ରେରଣା ଦେଇଆସିଛି ।ସମାଜ ମାଧ୍ୟମରେ ସମାଜର ଉନ୍ନତି ପାଇଁ ଏହା ଥିବା ଗୋପବନ୍ଧୁଙ୍କର ମହାନ ଯଜ୍ଞ ଲୋକମାନଙ୍କର କଥା, ବ୍ୟଥା, କାହାଣୀ, ସମସ୍ୟା ଏବଂ ଅଭାବବୋଧକୁ ବ୍ରିଟିଶ ଶାସକଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ସରକାରଙ୍କ ନିକଟରେ ଏହା ପହଞ୍ଚାଇପାରିଅଛି। ସମ୍ବାଦ ପରିବେଷଣ ସହ ସମାଜ ସେବା ହେଉଛି ସମାଜର ଏକ ଅଭିନ୍ନ ଅଂଶ ।ଏହା ଲୋକସେବକ ମଣ୍ଡଳ ତତ୍ତ୍ୱାବଧାନରେ ଚାଲୁଥିବାରୁ ସମାଜ ସେବା ଏହାର ଧମନୀରେ ପ୍ରବାହିତ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହିତ କୃତ୍ରିମ ବିପର୍ଯ୍ୟୟ ସମୟରେ ସମାଜ ରିଲିଫ ପାଣ୍ଠି ଲୋକଙ୍କୁ ସହାୟତା ଯୋଗାଇଥାଏ।



ସମାରୋହରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ସମାଜର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜ ପ୍ରତି ଉତ୍କଳମଣିଙ୍କ ଅବଦାନ ଏବଂ ଏହାକୁ ଆଗକୁ ନେବାରେ ଡ. ରାଧାନାଥ ରଥଙ୍କ ଅବଦାନ ସମ୍ପର୍କରେ ମଧ୍ୟ କହିଥିଲେ ଓଡ଼ିଆ ଅସ୍ମିତାର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପ, ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନର ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନିଷ୍ଠା, ଉଦ୍ୟମ ଓ ଜନସାଧାରଣଙ୍କ ସହଯୋଗରେ ସମାଜ ତାହାର କାୟା ବିସ୍ତାର କରିଛି। ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ମଧ୍ୟ ସମାଜ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ଏହା ସହିତ ସେ ରାଜ୍ୟରେ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଏବଂ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନା ସକାର କରିବା ଲାଗି ରାଜ୍ୟକୁ ଶିଳ୍ପ ସମୃଦ୍ଧ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ଶତପ୍ରତିଶତ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ।

ଏହି ଅବସରରେ ଐତିହାସିକ କୃପାସିନ୍ଧୁ ମିଶ୍ର ଏବଂ ଲାଲା ଲଜପତ ରାୟଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକକୁ ଅତିଥିମାନେ ମଞ୍ଚରେ ପାଠକାର୍ପଣ କରିଥିଲେ। ଲୋକସେବକ ମଣ୍ଡଳ ସଭାପତି ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ। ଏହି ସମାରୋହରେ ଲୋକସେବକ ମଣ୍ଡଳ ଉପସଭାପତି ଦୀପକ ମାଳବୀୟ ଏବଂ ସମାଜର ମୁଦ୍ରାକର ଓ ପ୍ରକାଶକ ତଥା ଲୋକସେବକ ମଣ୍ଡଳର ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, ସମ୍ପାଦକ ତଥା ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ର ଉପସ୍ଥିତ ଥିଲେ।

# ଇସ୍କନର ପୁଣି ଅଦିନିଆ ରଥଯାତ୍ରା

**ଭୁବନେଶ୍ୱର,୧୫।୧୦(ମହାଭାରତ):** ବାରମ୍ବାର ତାଗିଦ ସତ୍ତ୍ୱେ ମହାପ୍ରଭୁ ଜଗନ୍ନାଥଙ୍କ ପରମ୍ପରାକୁ ମାନିବାକୁ ପ୍ରସ୍ତୁତ ହେଉନାହିଁ ଇସ୍କନ। ବାସ୍ତବରେ ଇସ୍କନର ଅଦିନିଆ। ରଥଯାତ୍ରାକୁ ନେଇ ପୁଣି ବିବାଦ ମୁଣ୍ଡ ଟେକିଚି। ଋଷିକେଷରେ ଥିବା ମଧୁବନ ଆଶ୍ରମ ଦ୍ୱାରା ୨୮ତମ ଶ୍ରୀଜଗନ୍ନାଥ ରଥଯାତ୍ରା ଅଦିନରେ ଆୟୋଜନ କରାଯାଇଛି। ଚଳିତମାସ ଅକ୍ଟୋବର ୭ ତାରିଖ ମଙ୍ଗଳବାର ଦିନ ଏଭଳି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି । ମଧୁବନ ଆଶ୍ରମ ଠାରୁ ବାହାରି ତ୍ରୀବେଣୀ ଘାଟ ଚୌକ ଦେଇ ଗୁରୁଦ୍ୱାର ଶ୍ରୀ ଗୁରୁ ସିଂ ସଭା ରେଲୱ୍ୱେ ରୋଡ ପର୍ଯ୍ୟନ୍ତ ଏହି ଅଦିନିଆ। ରଥଯାତ୍ରା ଆୟୋଜିତ ହୋଇଥିଲା ରଥଯାତ୍ରା ପାଇଁ ଏକ ନିର୍ଦ୍ଦିଷ୍ଟ ବିଧି ପରମ୍ପରା ଥିବାବେଳେ ଏହାକୁ ଭାଙ୍ଗି ଇସ୍କନ ବାରମ୍ବାର ଅଦିନିଆ। ରଥଯାତ୍ରା କରୁଛି । ରଥଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏକ ଚାରିଚକିଆ ଗାଡିରେ ବସି ଯାଉଥିବା ଦେଖିବାକୁ ମିଳିଛି ।

ଅନ୍ୟପଟେ ଇସ୍କନର ଅଦିନିଆ। ସ୍ନାନଯାତ୍ରା ଓ ରଥଯାତ୍ରା ପ୍ରସଙ୍ଗରେ ଗତମାସ ଅର୍ଥାତ ସେପ୍ଟେମ୍ବର ୬ ତାରିଖରେ ଗଜପତିଙ୍କ ମହାରାଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନୀତି ବିରୋଧୀ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ୧୦୦ ପୃଷ୍ଠାର ଏକ ପୂର୍ଣ୍ଣାଙ୍ଗ ଉତ୍ତର ଇସ୍କନକୁ ପ୍ରଦାନ କରାଯାଇଥିଲା । ନୀତି ଓ ପରମ୍ପରାକୁ ନମାନିଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତିଙ୍କ ଦ୍ୱାରା ଇସ୍କନକୁ ଚିଠି ଲେଖାଯାଇଥିଲା ।

ମାତ୍ର ଏକମାସ ପରେ ଇସ୍କନ ପୁନର୍ବାର ତାର ମନମାନି ଜାରି ରଖି ଚଳିତମାସ ୭ ତାରିଖରେ ଅଦିନିଆ। ରଥଯାତ୍ରା ଆୟୋଜନ କରିଥିଲା । ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରାକୁ ଅପମାନ ହୋଇଥିବା ବେଳେ ଏଥର ଇସ୍କନର ଅଦିନିଆ। ରଥଯାତ୍ରା ପାଇଁ ଆଇନର ଆଶ୍ରୟ ନେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ସବୁରି ମହଲରୁ ଅନୁରୋଧ କରାଯାଇଛି ।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଶଙ୍କର ସହ ୫

**କଟକ,୧୫।୧୦(ମହାଭାରତ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି)ର ଏସଆଇ ପରୀକ୍ଷା କେଲେଙ୍କାରୀରେ ଶଙ୍କର ପୃଷ୍ଟି, ଖାସ୍ ସହଯୋଗୀ ମୁନା ମହାନ୍ତିଙ୍କ ସମେତ ପାଞ୍ଚ ଜଣ ହାଇକୋର୍ଟରେ ଆଗୁଆ। ଜାମିନ ଆବେଦନ ଦାୟର କରିଛନ୍ତି। ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ଦୀପ୍ତିମୟୀ ସାହୁ, ଶ୍ରୀକାନ୍ତ ମହାରଣା, ସୁକାନ୍ତ ମହାରଣା ଓରଫ ରିଙ୍କୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କ ବିରୋଧ୍ରେ ଲୁକ୍ ଆଉଟ ସର୍କୁଲାର ଜାରି କରାଯାଇଥିଲା। ଫଳରେ ସେମାନେ ଦେଶ ଛାଡ଼ି ବିଦେଶକୁ ଆଉ ଖସି ଯାଇପାରିବେ ନାହିଁ ।ସେପ୍ଟେମ୍ବର ୩୦ରେ ତିନୋଟି ବସରେ ଯାଉଥିବା ୧୧୪ ପ୍ରାର୍ଥୀଙ୍କୁ ମୁନା ହିଁ ଯୋଗାଡ଼ କରିନେଇଥିବା ଅଭିଯୋଗ ରହିଛି। ପ୍ରାର୍ଥୀ ଯୋଗାଡ଼ ପଛରେ ମୁନା ମୁଖ୍ୟ କାର୍ପଟଦାର ଥିଲା।

# ବାପାଙ୍କୁ ବ୍ଲାକମେଲ କରି ପୁଅ ଗିରଫ

**ଭବାନୀପାଟଣା,୧୫।୧୦(ମହାଭାରତ):** ମାଓବାଦୀଙ୍କ ନାମରେ ବାପାଙ୍କୁ ଚାନ୍ଦା ମାଗି ପୁଅ ଗିରଫ। ମାଓବାଦୀଙ୍କ ନାମରେ ଚିଠି ଦେଇ ବ୍ୟବସାୟୀ ବାପାଙ୍କୁ ଚାନ୍ଦା ମାଗିଥିଲେ ପୁଅ । ଲକ୍ଷେ କି ୨ ଲକ୍ଷ ନୁହେଁ, ପୂରା ୩୫ ଲକ୍ଷ। ଏବେ ଧରାପଡ଼ି ଜେଲ୍ ଯାଇଛନ୍ତି। ଏହି ଖବର କଳାହାଣ୍ଡି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। କଳାହାଣ୍ଡି ଜିଲା ନର୍ଲା ଥାନା ରୁପ୍ରାରୋଡ଼ ବାସିନ୍ଦା ଦୀନେଶ ଅଗ୍ରୱାଲ। ତାଙ୍କର ଏକମାତ୍ର ପୁଅ ଅଙ୍କୁଶ (୨୪)। ବାପାଙ୍କ ଠାରୁ ଟଙ୍କା ଝଡ଼େଇବା ପାଇଁ ସେ ସୁଚିନ୍ତିତ ଉପାୟ ବାହାର କରିଥିଲେ। ଗତ ୫ ତାରିଖରେ ମାଓବାଦୀଙ୍କ ନାମରେ ଏକ ଚିଠି ଲେଖି ଅଙ୍କୁଶ ନିଜ କାର୍ ରେ ରଖି ଦେଇଥିଲେ। 'ଶୀଘ୍ର ୩୫ ଲକ୍ଷ ଟଙ୍କା ଦିଅ; ନଚେତ୍ ତୁମ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବୁ' ବୋଲି ଚିଠିରେ ଲେଖା ହୋଇଥିଲା। ଚିଠି ପାଇବା ପରେ ଦୀନେଶ ଓ ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ । ଦୀନେଶ ତୁରନ୍ତ ମାଓବାଦୀଙ୍କ ଚିଠି ଓ



ଚାନ୍ଦା ସମ୍ପର୍କରେ ନର୍ଲା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଜୟ ମାଝୀ ଘଟଣାର ତଦନ୍ତ କରିଥିଲେ । ଚାନ୍ଦା ମାଗିବା ଓ ଚିଠିକୁ ଗାଡ଼ିରେ ରଖିବା ଆଉ କେହି ନୁହେଁ; ଖୋଦ୍ ଅଭିଯୋଗକାରୀଙ୍କ ପୁଅ ଅଙ୍କୁଶ କରିଥିବା ପୁଲିସ ଜାଣିବାକୁ ପାଇଥିଲା। ଅଙ୍କୁଶଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ପୁଲିସ ମଙ୍ଗଳବାର ତାଙ୍କୁ ଗିରଫ କରିବା ସହ ଆଜି ମ.ରାମପୁର କୋର୍ଟକୁ ଚାଲାଣ କରିଛି। ଅଭିଯୋଗକାରୀ ଦୀନେଶ ଅଗ୍ରୱାଲ ଅଂଚଳର ଜଣେ ଜଣାଶୁଣା ଠିକାଦାର। କଳାହାଣ୍ଡି ଜିଲାରେ 'ବସୁଧା ଯୋଜନାରେ ସେ ବହୁସଂଖ୍ୟକ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ଓ ନଳକୂପ ଖନନ କରିଛନ୍ତି।

# ଲୋକପ୍ରିୟ ଅଭିନେତା ପଙ୍କଜ ଧୀରଙ୍କ ଦେହାନ୍ତ

ମୁମ୍ବାଇ,୧୫।୧୦: ମନୋରଞ୍ଜନ ଧର୍ମୀ ଦୁନିଆରୁ ଆସିଛି ଏକ ବଡ଼ ଦୁଃଖଦ ଖବର। ଜଣାଶୁଣା ଟିଭି ଓ ଫିଲ୍ମ ଅଭିନେତା ପଙ୍କଜ ଧୀର ଆଉ ନାହାନ୍ତି ବି-ଆର ଚୋପ୍ରାଙ୍କ ମହାଭାରତରେ କର୍ଣ୍ଣ ଚରିତ୍ରରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଟିଥିବା ବିଶିଷ୍ଟ ଅଭିନେତା ପଙ୍କଜ ଧୀର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । କ୍ୟାନସର ସହ ଲଢ଼େଇ କରି ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି ମହାଭାରତର କର୍ଣ୍ଣ।



ଆରପାରିକୁ ଚାଲିଗଲେ ଲୋକପ୍ରିୟ ଅଭିନେତା ତଥା ମହାଭାରତ ଧାରାବାହିକର କର୍ଣ୍ଣ ପଙ୍କଜ ଧୀର୍ ୬୮ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ବି.ଆର. ଚୋପ୍ରାଙ୍କ ମହାଭାରତରେ କର୍ଣ୍ଣ ଭୂମିକାରେ ଚମତକାର ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ ।ଦୁଃଖର ବିଷୟ ହେଲା ଯେ, କିଛି ବର୍ଷ ହେଲାଣି କର୍କଟ ରୋଗରେ ଜୀବନ-ମୃତ୍ୟୁ ସହ ଲଢ଼େଇ କରି ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ପଙ୍କଜ। ୧୯୮୮ ମସିହାରେ ବି.ଆର. ଚୋପ୍ରାଙ୍କ ମହାଭାରତର କର୍ଣ୍ଣ ଭୂମିକାରେ ଅଭିନୟ କରି ଲୋକପ୍ରିୟତା ହାସଲ କରିଥିଲେ । ସେ ଏହି ଚରିତ୍ରକୁ ଯେଉଁ ଭଳି ଭାବେ ଦର୍ଶକଙ୍କୁ ଦେଖାଇଥିଲେ ତାହା ଏବେ ବି ଅନେକଙ୍କ ମନରେ ଘର କରି ରହିଛି।

ଏକ ସାକ୍ଷାତକାରରେ ପଙ୍କଜ କହିଥିଲେ, ପ୍ରଥମେ ଅର୍ଜୁନ ଭୂମିକା ପାଇଁ ଅଡିସନ୍ ଦେଇଥିଲେ। ହେଲେ ତାହା ଫିରୋଜ ଖାନଙ୍କୁ ଦିଆଯାଇଥିଲା। ବଡକଥା ହେଉଛି ମହାଭାରତର ସୁଟିଂ ସମୟରେ ପଙ୍କଜଙ୍କ ଆଖିରେ ଏକ ତୀର ବାଜିଥିଲା ପରେ ତାଙ୍କର ଆଖି ଅସ୍ତ୍ରୋପଚାର କରାଯାଇଥିଲା। ମହାଭାରତ ଯୁଦ୍ଧ ଦୃଶ୍ୟ ଗୁଡ଼ିକୁ ଜୀବନ୍ତ କରିବା ପାଇଁ ବି.ଆର. ଚୋପ୍ରା ଭାରୀ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲେ, ଯାହା ଫଳରେ ସେଟରେ ଅନେକ ଅଭିନେତା ଗୁରୁତର ଆହତ ହୋଇଥିଲେ।

# ନୂଆପଡ଼ାରେ ତ୍ରିମୁଖୀ ଲଢ଼େଇ

**ଭୁବନେଶ୍ୱର,୧୫।୧୦(ମହାଭାରତ):** ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା ସରିବା ପରେ ଏବେ ରାଜନୀତି ପାଣିପାଗ ସରଗରମ ହୋଇଯାଇଛି। ରାଜ୍ୟର ପ୍ରମୁଖ ରାଜନେତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଆଜି ନିଜର ପ୍ରାର୍ଥିପତ୍ର ଦାଖଲ କରିସାରିଥିବା ବେଳେ ବିଜେପିର ପ୍ରାର୍ଥୀ ଜୟ ଢୋଲକିଆ ଆସନ୍ତାକାଲି ପ୍ରାର୍ଥିପତ୍ର ଦାଖଲ କରିବେ। ବିଜୁ ଜନତା ଦଳର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାର୍ଥିପତ୍ର ଦାଖଲ ତାରିଖ ଯଦିଓ ଘୋଷଣା କରାଯାଇ ନାହିଁ, ବିଜେଡି ଆସନ୍ତାକାଲି ନୂଆପଡ଼ାରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରିବାକୁ ଯାଉଛି ।ଏହି ନିର୍ବାଚନରେ ବିଜୟୀ ହେବା ପାଇଁ ତିନି ଦଳ ନିଜନିଜ ହିସାବରେ ଦକ୍ଷ ପ୍ରାର୍ଥୀ ପଡ଼ିଆକୁ ଓହ୍ଲାଇଛନ୍ତି। ଫଳରେ ନୂଆପଡ଼ା ଏବେ ରାଜନୀତିର ହଟସ୍ପଟ୍ ହୋଇଛି।

ଆସନ୍ତାକାଲି ନ ନାମାଙ୍କନ ଭରିବେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ । ଅପରାହ୍ନ ୨ ଟା ୪୫ରେ ଜୟ ତାଙ୍କର ନାମାଙ୍କନ ଦାଖଲ କରିବେ ବୋଲି ବିଜେପି ଘୋଷଣା କରିଛି। ନାମାଙ୍କନ ଦାଖଲ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ରହିବେ। ଏହାସହ ଉପ ମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ, ସାଂସଦ ଓ ବିଧାୟକ ମାନେ ନାମାଙ୍କନ ବେଳେ ଉପସ୍ଥିତ ରହିବେ। ୪୦ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ସହ ବିରାଟ ରାଲିରେ ଯାଇ ନାମାଙ୍କନ ଭରିବେ ଜୟ ଢୋଲକିଆ। ତା ପୂର୍ବରୁ ଦିନ ୧୧.୩୦ରେ ନୂଆପଡ଼ାରେ ବିଜେପି ପକ୍ଷରୁ ବିଶାଳ ମିଶ୍ରଣ ପର୍ବ ହେବ। ଏଥିରେ ନୂଆପଡ଼ାର ୧୦୦ରୁ ଅଧିକ ବର୍ତ୍ତମାନର ସରପଂଚ, ସମିତି ସଭ୍ୟ, ଓ୍ୱାର୍ଡ ମେମ୍ବର, ପୂର୍ବତନ ସରପଂଚ ଓ ସମିତି ସଭ୍ୟ ବିଭିନ୍ନ ଦଳ ଛାଡ଼ି ବିଜେପିରେ ମିଶିବେ ।ସେହିପରି ନୂଆପଡ଼ା ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ସନ୍ଧ୍ୟାରେ ପ୍ରାର୍ଥୀ ଘୋଷଣା କରିଛି। ନୂଆପଡ଼ା ନିର୍ବାଚନ ପାଇଁ ସ୍ନେହାଙ୍ଗିନୀ ଛୁରିଆ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ସ୍ନେହାଙ୍ଗିନୀଙ୍କ ନାମ ଘୋଷଣା କରିଛନ୍ତି। ସ୍ନେହାଙ୍ଗିନୀ ବର୍ତ୍ତମାନ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଅଛନ୍ତି। ପ୍ରାର୍ଥୀ ଘୋଷଣା ପରେ



ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଛୁରିଆ କହିଛନ୍ତି, ବିଜୁ ଜନତା ଦଳ ତରଫରୁ ଦଳୀୟ ସଭାପତି ନବୀନ ପଟ୍ଟନାୟକ ମୋତେ ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ତାଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛି। ମୋ ଉପରେ ସେ ଭରସା କରିଛନ୍ତି। ଦଳ ପାଇଁ, ନୂଆପଡ଼ା ପାଇଁ ଓ ରାଜ୍ୟବାସୀଙ୍କ ପାଇଁ କାମ କରିଛି। ନୂଆପଡ଼ାରେ ପର୍ଯ୍ୟବେକ୍ଷକ ଭାବେ ୪ବର୍ଷ କାମ କରିଛି। ଏହି ନିର୍ବାଚନ ପାଇଁ ନୂଆପଡ଼ାବାସୀଙ୍କ ଆଶୀର୍ବାଦ ମାଗୁଛି। ସେମାନେ ମୋତେ ବିଜୟୀ କରିବେ ବୋଲି ଆଶା କରୁଛି। ନୂଆପଡ଼ାର ପ୍ରତ୍ୟେକ ସୁଖ ଓ ଦୁଃଖ ସମୟରେ ତାଙ୍କର ସହିତ ରହିବି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନୂଆପଡ଼ାବାସୀଙ୍କର ସେବା କରିବି। ସେହିପରି ନୂଆପଡ଼ାରେ ପ୍ରଚାର କରିବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।। ସେ ଦୁଇ ଦିନ ଧରି ନୂଆପଡ଼ାରେ ରହିବାର କାର୍ଯ୍ୟକ୍ରମ ରହିଛି ।ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ଏହି ସୂଚନା ଦେଇଛନ୍ତି ନୂଆପଡ଼ା ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦମ।

ସୂଚନାଯୋଗ୍ୟ ଯେ ସ୍ନେହାଙ୍ଗିନୀ ଛୁରିଆ ବରଗଡ଼ ଜିଲ୍ଲା ଅତାବିରା ନିର୍ବାଚନ ମଣ୍ଡଳୀରୁ ୨୦୧୪ ଓ ୨୦୧୯ରେ ବିଜୟୀ ହୋଇଥିଲେ। ୨୦୨୪ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ନିହାର ମହାନନ୍ଦଙ୍କ ଠାରୁ ପରାସ୍ତ ହୋଇଥିଲେ।

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ତତ୍ପରତା ଦେଖାଯାଇଛି। ଆସନ୍ତା ନଭେମ୍ବର ୧୧ ତାରିଖରେ ଏଠାରେ ମତଦାନ ଗ୍ରହଣ କରାଯିବାକୁ ଥିବା ବେଳେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଆସନ୍ତାକାଲି ବିଜେପିର ପ୍ରାର୍ଥୀ ଜୟ ଢୋଲକିଆ ପ୍ରାର୍ଥିପତ୍ର ଦାଖଲ କରିବେ। ସେହିପରି କଂଗ୍ରେସର ପ୍ରାର୍ଥୀ ଘାସିରାମ ମାଝୀ ୧୮ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିବେ।







## ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି , କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା , କଞ୍ଚା ,ଲଙ୍କା , ଲୁଣ ,ଚିନି , ଲେମ୍ବୁ ରସ , ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ , ଅଦା , କଞ୍ଚା ଲଙ୍କା, ଲୁଣ ଚିନି , ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ , ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦୋ ନାନା , କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।



### ଖବର

## ଦଜେଜେମା ହେଲେ ନମିତା ଅଗ୍ରୱାଲ



ଆପଣଙ୍କ ଲୋକପ୍ରିୟ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କ ପରିବାର ପାଇଁ ଆଜି ଖୁସି ଖବର ଆସିଛି । ପ୍ରଥମେ ବୋହୂ, ତାପରେ ଶାଶୁ ଓ ଏବେ ଜେଜେ ମା ହୋଇଛନ୍ତି ନମିତା ଅଗ୍ରୱାଲ । ନମିତାଙ୍କ ପୁଅ ସିଦ୍ଧାର୍ଥ ଅଗ୍ରୱାଲ ଓ ବୋହୂ ତମ୍ମନାଙ୍କ ଔରସରୁ ପୁତ୍ର ସନ୍ତାନଟିଏ ଜନ୍ମ ହୋଇଛି । ଆଉ ଏନେଇ ଅଗ୍ରୱାଲ ପରିବାରରେ ଖୁସିର ମାହୋଲ ଖେଳିଯାଇଛି । ଖୋଦ ସିଦ୍ଧାର୍ଥ ଓ ତମନ୍ନା ଏନେଇ ସୂଚନା ଦେଇଥିବାବେଳେ ନମିତା ବି ନାରୀ ଜୀବନର ଆଉ ଏକ ନୂଆ ପର୍ଯ୍ୟାୟରେ ପାଦ ଦେଇଛନ୍ତି ।ଉଲ୍ଲେଖ ଥାଉ କି ୨୦୨୪ ମସିହା ଜାନୁୟାରୀରେ ସିଦ୍ଧାର୍ଥ ଅଗ୍ରୱାଲ ଓ ଓଡ଼ିଆ ଅଭିନେତ୍ରୀ ତମଭା ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ସିଦ୍ଧାର୍ଥ ଟିଭିର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ସିଦ୍ଧାର୍ଥ ଅଗ୍ରୱାଲ ଦାୟିତ୍ୱ ସମ୍ଭାଳୁଥିବାବେଳେ ଓଡ଼ିଆ ସିନେମା ଜଗତରେ ବି ବେଶ ସୁନ୍ଦର ଭାବେ ଅଭିନୟ କରିଛନ୍ତି ତାଙ୍କ ପତ୍ନୀ ତମନ୍ନା । ତମନ୍ନା ଓଡ଼ିଆ ସିନେମା ଜଗତର ଜଣେ ଆଗଧାଡିର ଅଭିନେତ୍ରୀ ହୋଇଥିବାବେଳେ ଭାଇନା କଣ କଲା ସେ, ନିଝୁମ ରାତିର ସାଥି, ପ୍ରେମ କୁମାର, ବ୍ଲାକମେଲ, ସୁପର ବୟ ଭଳି ଫିଲ୍ମରେ ଅଭିନୟ କରିଥିଲେ । କିଛିଦିନ ତଳେ ନମିତା ମଧ ତାଙ୍କ ଘରକୁ ନୂଆ ଅତିଥି ଆସିବାର ଅଛି ବୋଲି ସୂଚନା ଦେଇଥିଲେ।

## ଆଲମଣ୍ଡ ଖାଇଲେ ହୃତପିଣ୍ଡ ସୁସ୍ଥ ହୁଏ



ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ। ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନଦିନ ଜୀବନ ଆହାର ଓ ପରିବର୍ତ୍ତନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ। ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ। ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ଜ୍ଞସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି। ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ଜଳଖିଆରେ ଦୈନଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ। ପରିପୂର୍ଣ୍ଣତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ।

## ସର୍ଦ୍ଦିରୁ ସୁରକ୍ଷା ଦେବ ଖାଦ୍ୟ

ଏବେ ପାଣିପାଗରେ ହଠାତ୍ ପରିବର୍ତ୍ତନ ଘଟୁଛି। ପ୍ରବଳ ଗରମକୁ ବର୍ଷା ଯୋଗୁ ପ୍ରାୟ ପ୍ରତ୍ୟେକ ପରିବାରରେ ସର୍ଦ୍ଦି, କାଶ ସମସ୍ୟା ଦେଖାଯାଉଛି। କରୋନା ସମୟରେ ଏଭଳି ଲକ୍ଷଣ ପାଇଁ ଭୟ ଲାଗିବା ସ୍ୱାଭାବିକ। ବିଶେଷଜ୍ଞଙ୍କ ମତରେ, ସର୍ଦ୍ଦି-କାଶର ଉପଚାର ଲାଗି ଏପରି କେତେକ ଖାଦ୍ୟ ନିଜ ତାଲିକାରେ ସାମିଲ କରିପାରିବେ।



ସୁପ୍: ଏହା ଗରମଗରମ ପିଆ ଯାଉଥିବାରୁ କଫରୁ ସୁରକ୍ଷା ଦିଏ। ସ୍ୱାସ୍ଥ୍ୟକର ସୁପ୍ ଶରୀରର ବିଭିନ୍ନ ଅଙ୍ଗର ଫୁଲା କମାଇବାରେ ସହାୟକ ହୋଇଥାଏ। ଏଥିରେ ଅଦା, ରସୁଣ, ହଳଦି ଆଦି ପକାଯିବା ଉଚିତ। ସୁପ୍ ବ୍ୟତୀତ ହାଲକା ଉଷୁମ ପାଣି ପିଇବା ମଧ ଉପକାର ଦେଇଥାଏ।

ଭିଟାମିନ୍ ସି: ଏହି ଭିଟାମିନ୍ ଥିବା ଫଳ ଏବଂ ପନିପରିବା କାଶ, ସର୍ଦ୍ଦିର ଉପଚାରରେ ଲାଭଦାୟକ ହୋଇଥାଏ ତଥା ବିଭିନ୍ନ ସଂକ୍ରମଣରୁ ଶରୀରକୁ ସୁରକ୍ଷା ଦିଏ। ତେଣୁ ଭିଟାମିନ୍-ସି'ର ଉପକାର ପାଇବା ଲାଗି ଖାଦ୍ୟରେ ଟମାଟୋ, କମଳା, ଅମୃତଭଣ୍ଡା ଆଦି ସାମିଲ କରନ୍ତୁ।

କେମୋମାଇଲ୍ ଟି': ଏହି ଟି'ରେ ଜୀବାଣୁ ପ୍ରତିରୋଧକ ଗୁଣ ରହିଛି ଏବଂ ଏହା ଭଲ ନିଦ ପାଇବାରେ ସହାୟକ ହୋଇଥାଏ। ତେଣୁ ଶୋଇବାକୁ ଯିବା ପୂର୍ବରୁ ଏହି ଟି' କପେ ପିଇଲେ କାଶ ଓ ସର୍ଦ୍ଦିରୁ ସୁରକ୍ଷା ମିଳିବା ସହ ଆରାମରେ ନିଦ ପାଇପାରିବେ।

କଦଳୀ: ଅନେକଙ୍କର ଧାରଣା, କଦଳୀ ଖାଇଲେ ଥଣ୍ଡା, କାଶ ହେବ। ତେବେ ଏଥିରେ ଥିବା ପଟାସିୟମ କାଶ ଓ ସର୍ଦ୍ଦି ସମସ୍ୟାରେ ଖୁବ୍ ଭଲ କାମ କରେ। କଦଳୀରେ ଥିବା ଏକ ବିଶେଷପ୍ରକାର ପ୍ରୋଟିନ୍ ଲେକ୍ଟିନ ମଧ ସର୍ଦ୍ଦିରୁ ଦୂରେଇ ରଖିବାରେ ସହାୟକ। ଇଚ୍ଛା କଲେ ପାଚିଲା କଦଳୀକୁ ଲୁଣ ଲଗାଇ ଖାଇପାରନ୍ତି। ତେବେ ଅଧିକ କଦଳୀ ଖାଇବା କ୍ଷତିକାରକ।



## ଖୁବ ସ୍ୱତନ୍ତ୍ର ବାବା ଝାଡେଶ୍ୱରଙ୍କ ମହିମା, ଜାଣନ୍ତୁ ଏହାର ଇତିହାସ



ବାବା ଝାଡେଶ୍ୱର । ଦେବଗଡ ସହରବାସୀଙ୍କ ଆରାଧ ଠାକୁର ।ଇତିହାସରୁ ମିଳିଥିବା ତଥ୍ୟ ଅନୁସାରେ ବାମଣ୍ଡାର ଦଶମ ରାଜା ରାମଚନ୍ଦ୍ର ଦେବ ଏକଦା ଶିକାର ଉଦ୍ଦେଶ୍ୟରେ ଆମ୍ବ୍ଲଳପାଣି ଜଙ୍ଗଲକୁ ଯାଇଥିଲେ । ଶିକାର କରିବା ଉଦ୍ଦେଶ୍ୟରେ ବୁଲିଲା ବେଳେ ଦେଖିଲେ ଗୋଟିଏ ମାଳତୀଲତା ମୂଳରେ ଧବଳ ଡିମ୍ବ୍ୱାକୃତି ଶିଳାର ମସ୍ତକରେ ଏକ ନାଗସାପ ଫେଣା ଟେକି ରହିଛି । ସାପକୁ ରାଜା ବନ୍ଧୁକ ଉଠାଇ ଗୁଳି କରିଥିଲେ ।କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହୋଇ ଗୁଳି ପଥରରେ ବାଜିବାରୁ ବୋହି ଚାଲିଲା ରକ୍ତଧାର । ଏହା ଦେଖି ରାଜା ଭୟଭୀତ ହୋଇପଡିଲେ। ଜାଣିଲେ ରକ୍ତ ବୋହୁଥିବା ପଥର ହିଁ ଶିବଲିଙ୍ଗ ।ସାଷ୍ଟାଙ୍ଗ ପ୍ରଣିପାତ ହେଲେ । ଦୋଷ ମାର୍ଜନା କରିବାକୁ ମହାଦେବଙ୍କୁ ପ୍ରାର୍ଥନା କଲେ। ଝାଡ଼ ମଧ୍ୟରୁ ଆର୍ବିଭାବ ହୋଇଥିବାରୁ ଝାଡେଶ୍ୱର ବାବା ନାମରେ ଝାଡ ମଧ୍ୟରେ ପୂଜାପାଇ ଆସୁଥିଲେ ମହାଦେବ ।ବାମଣ୍ଡାର ୨୪ତମ ରାଜା ବାଲୁଙ୍କା ବୃଷଭ ଦେବଙ୍କ ୫ ପୁତ୍ର ମଧ୍ୟରୁ ଦେବଦୁଲ୍ଲଭ ଦେବ ବାବା ଝାଡେଶ୍ୱରଙ୍କ ପାଇଁ ୧୮୫୪ରେ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଯାହା ଆଜି ମଧ ବିଦ୍ୟମାନ । ସମୟ କ୍ରମେ ମନ୍ଦିରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । ବାବାଙ୍କ ମୁଖ୍ୟପର୍ବ ଶିବରାତ୍ରୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଧବଳେଶ୍ୱର ପୂଜା । ପ୍ରତିଦିନ ପ୍ରତ୍ୟୁଷରେ ମନ୍ଦିର ଖୋଲାଯାଇ ନୀତିକାନ୍ତି ସରିବା ପରେ ସକାଳ ସାଢେ ୬ଟାରେ ଭକ୍ତମାନେ ବାବାଙ୍କୁ ଦର୍ଶନ ପାଇଁ ସୁଯୋଗ ପାଇଥାନ୍ତି ।ଭକ୍ତଙ୍କ ମନସ୍କାମନା ବାବା ପୂର୍ଣ୍ଣ କରୁଥିବା ଭକ୍ତଙ୍କ ରହିଛି ବିଶ୍ୱାସ । ଏହି ଐତିହ୍ୟ ଭରା ଦେବଦୁର୍ଗ ଝାଡେଶ୍ୱର ବାବାଙ୍କ ନିକଟରେ ପହଞ୍ଚିବାକୁ ହେଲେ ଦେବଗଡ ସହର ଠାରୁ ୪ କିଲୋମିଟର ଯିବାକୁ ପଡିବ । ଟ୍ରେନରେ ଆସିଲେ ସମ୍ବଲପୁରରୁ ୯୦ କିଲୋମିଟର, ଝାରସୁଗୁଡ଼ାରୁ ୧୦୦ କିଲୋମିଟର ଓ ରାଉରକେଲାରୁ ୧୩୦ କିଲୋମିଟର ଦୂରରେ ରହିଛି ବାବାଙ୍କ ପୀଠ।

## ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ



ଅନ୍ୟ କାହା ସହ କଥାବାର୍ତ୍ତା ମଧ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.

■ ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।

■ ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।

■ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।

■ ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।

■ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।

■ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।

■ ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।

■ ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

## ହରିଆନା ଆଇପିଏସ ଅଧିକାରୀଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି



**ଭୁବନେଶ୍ୱର,୧୫।୧୦ (ମହାଭାରତ):** ହରିଆନାର ୨୦୦୧ ବ୍ୟାଚର ଆଇପିଏସ ଅଫିସର ୱାଇ.ପୁରନ କୁମାରଙ୍କ ମୃତ୍ୟୁ ଓ ତାଙ୍କ "ସୁଇସାଇଡ ନୋଟ" ଅନୁଯାୟୀ ହରିଆନା ସରକାର ପଦକ୍ଷେପ ନେଉନଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ବ୍ୟଥିତ ହୋଇଛି । ଆଜି ସଂସଦର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଘଟଣାସ୍ଥଳକୁ ପରିଦର୍ଶନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଶ୍ରୀ କୁମାରଙ୍କ ସୁଇସାଇଡ ନୋଟରେ ଉଲ୍ଲେଖିତ ଥିବା ସମସ୍ତ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାପାଇଁ ଓ ସିବିଆଇକୁ ଏହି ତଦନ୍ତଭାର ଦେବାପାଇଁ ଦାବି କରିଛି। ଗତ ଅକ୍ଟୋବର ୭ ତାରିଖରେ ସେ ଲେଖିଥିବା ୯ ପୃଷ୍ଠା ବିଶିଷ୍ଟ "ସୁଇସାଇଡ" ନୋଟ ଅନୁଯାୟୀ ହରିଆନା ପୋଲିସ ଡିଜି ଶତ୍ରୁଜିତ କପୁର ଓ ଅନ୍ୟ ୧୬ ଜଣ ଆଇଏଏସ ଏବଂ ଆଇପିଏସ ଅଧିକାରୀ ମାନେ ତାଙ୍କୁ ଜାତିଗତ ନିର୍ଯ୍ୟାତନା ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ହରିଆନା ସରକାର କୌଣସି ଜଣେ ମଧ୍ୟ ଅଧିକାରୀଙ୍କୁ ତଦନ୍ତ ପରିସର ଭୁକ୍ତ କରିନାହାନ୍ତି । ଅପର ପକ୍ଷରେ ହରିଆନାର ବିଜେପି ସରକାର ହରିଆନା ପୋଲିସ ମହାନିର୍ଦ୍ଦେଶକଙ୍କୁ ତଦନ୍ତରୁ ବଞ୍ଚାଇବାପାଇଁ ଛୁଟିରେ ପଠେଇଦେଇଛନ୍ତି । ମୃତ ଆଇପିଏସ ଅଧିକାରୀ ଶ୍ରୀ କୁମାରଙ୍କ ଧର୍ମପତ୍ନୀ ଅମନିତ ପି କୁମାର ଯିଏ ମଧ୍ୟ ଜଣେ ଆଇଏଏସ ଅଧିକାରୀ ସୁଇସାଇଡ ନୋଟରେ ଥିବା ଅଧିକାରୀ ମାନଙ୍କ ନାମରେ ଏତଲା ରୁଜୁ କରିଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ହରିଆନା ସରକାର ତାଙ୍କ ଏତଲା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କରି ନାହାନ୍ତି ଯାହାକି ହରିଆନା ସରକାରଙ୍କ ଜାତିଗତ ବିଦ୍ୱେଷ ଭାବର ପ୍ରମାଣିତ କରୁଛି। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଅନନ୍ତ ପ୍ରସାଦ ସେଠୀ, ମାନସ କୁମାର ମଲ୍ଲିକ, ଶ୍ରୀମତୀ ଅନିମା ମିଞ୍ଜି ଉପସ୍ଥିତ ଥିଲେ।

## ଚଣ୍ଡିଖୋଲରେ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଯାଜପୁର ଜିଲା ଧର୍ମଶାଳା ଓ ଚଣ୍ଡିଖୋଲ ଅଂଚଳରେ ଆଇନଶୃଙ୍ଖଳା ପରିସ୍ଥିତି କୁ ସୁଦୃଢ଼ କରିବା ନିମନ୍ତେ ଏକ ଏସଡିପିଓ କାର୍ଯ୍ୟାଳୟ ସ୍ଥାପନ କରାଯିବା ନେଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଧାନ ସଭାରେ ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବ କ୍ରମେ ଚଣ୍ଡିଖୋଲ ଠାରେ ଏକ ନୂତନ ଏସଡିପିଓଙ୍କ କାର୍ଯ୍ୟାଳୟ ସ୍ଥାପନ କରାଯିବା ନେଇ ଓଡ଼ିଶା ସରକାର ଙ୍କ ପକ୍ଷରୁ ଚିଠି ହୋଇଛି। ଜିଲ୍ଲାରେ ଯାଜପୁର ରୋଡ ଏବଂ ଯାଜପୁର ଟାଉନ ଦୁଇଟି ଏସଡିପିଓ କାର୍ଯ୍ୟାଳୟ ରହିଛି। ଯାଜପୁର ରୋଡ ସ୍ଥିତ ଏସଡିପିଓ ଙ୍କ ଅଧୀନରେ ୧୦ଟି ଥାନା ଏବଂ ଗୋଟିଏ ଟ୍ରାଫିକ ଥାନା ରହିଛି। ଯାଜପୁର ରୋଡ ସ୍ଥିତ ଏସଡିପିଓ ଙ୍କ କାର୍ଯ୍ୟାଳୟ ଠାରୁ ଧର୍ମଶାଳା , ଜେନାପୁର , ବଡ଼ଚଣା , ବୈରି, ବାଲିଚନ୍ଦ୍ରପୁର ଭଳି ବିଭିନ୍ନ ଥାନାର ଦୂରତା ଯଥେଷ୍ଟ ରହିଛି । ଯାହାଫଳରେ କୌଣସି ଅପରାଧିକ କାର୍ଯ୍ୟକଳାପ ରୋକିବାରେ ସମସ୍ୟା ଦେଖାଦେଉଛି । ଚଣ୍ଡିଖୋଲ ଓ ଏହାର ଆଖପାଖ ଅଂଚଳରେ ଦିନକୁ ଦିନ ନିଶା କାରବାର ବଢିବା ସହ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ତେଣୁ ଏହି ଅଂଚଳରେ ଏକ ନୂତନ ଏସଡିପିଓ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ବିଧାୟକ ଶ୍ରୀ ସହୁ ଅକ୍ଟୋବର ମାସ ୨୨ତାରିଖ ରେ ବିଧାନସଭା ଅଧିବେଶନରେ ପ୍ରଶ୍ନ କରିଥିଲେ । ସରକାର ଏହାକୁ ଗୁରୁତର ସହ ନେଇ ତୁରନ୍ତ କାର୍ଯ୍ୟାଳୟ ଖୋଲିବା ପାଇଁ ମଞ୍ଜୁରୀ ପ୍ରଦାନ କରିବା ପରେ ବିଧାୟକ ହିମାଂଶୁ ଶେଖର ସାହୁ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜଙ୍ଗଲ ଭୂମି ବିଭାଜନ ପ୍ରଗତିର ସମୀକ୍ଷା

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ, ଭାରତୀୟ ରେଳବାଇ, ଓପିଟିସିଏଲ, ଜିଏସଆଇ ଓ ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ମୁଖ୍ୟ ଅବସ୍ଥାପନା ପ୍ରକଳ୍ପଗୁଡ଼ିକ ପାଇଁ ଜଙ୍ଗଲ ଭୂମି ବିଭାଜନ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ନିରାକରଣ ପାଇଁ ଏକ ସମନ୍ୱୟ ବୈଠକ ସୋମବାର ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୂର୍ବବର୍ତ୍ତୀ ସେପେଟମ୍ବର ମାସରେ ହୋଇଥିବା ବୈଠକରେ ଆଲୋଚିତ ପ୍ରକଳ୍ପଗୁଡ଼ିକର ପ୍ରଗତି ଓ ସମୀକ୍ଷା କରି ଆଜିର ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। ଏଗୁଡିକ ମଧ୍ୟରେ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ ପୂର୍ବ ରେଳବାଇର ଗୋରୁ-ମହିସାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ୪ ଜି ଭିତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆ ର ଖନନ ଅନୁସନ୍ଧାନ



ପ୍ରସ୍ତାବ, ସେଲର କାଲ୍‌ଟା ଆଇରନ ଓର ଖଣି, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍ ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଂଟ ପ୍ରସ୍ତାବ ଆଦି ଅନ୍ତର୍ଭୁକ୍ତ।

ମହତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଜଙ୍ଗଲ ଭୂମି ବିଭାଜନ ଅନୁମୋଦନ ପ୍ରକ୍ରିୟାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତ୍ୱରାନ୍ୱିତ କରିବାକୁ ଓ ସମସ୍ତ ମାମଲା ସକ୍ରିୟ ଭାବେ ସମାଧାନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନାଞ୍ଚଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ପର୍ଯ୍ୟାୟରେ ନିୟମିତ ନୀରୀକ୍ଷଣ ଓ ସହଯୋଗ କରି ଅନାବଶ୍ୟକ ବିଳମ୍ବ ରୋକିବା ପାଇଁ ନୋଡାଲ୍ ଅଫିସରମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ୟୁଜର ଏଜେନସି ବା ଉପଭୋକ୍ତା ସଂସ୍ଥାମାନେ ମଧ୍ୟ ସେମାନଙ୍କର ସମସ୍ତ ଆବଶ୍ୟକ ଡକ୍ୟୁମେଂଟ, ମ୍ୟାପ ଓ ତତ୍‌ସମ୍ବନ୍ଧୀୟ ନଥି ଡିଏଫଓଙ୍କୁ ତ୍ୱରିତ ଦାଖଲ କରିବେ ଯାହା ଦ୍ୱାରା ପ୍ରକ୍ରିୟା ସମୟ କମିବ। ବୈଠକରେ ଅତିରିକ୍ତ ପିସିସିଏଫ୍ (ନୋଡାଲ୍) କେ. ମୁରୁଗେସନ୍, ସିସିଏଫ୍ (ନୋଡାଲ୍) ଏ.କେ. କର, ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଓ ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓତା, ଓପିଟିସିଏଲର ସିଏମଡି ଭାସ୍କର ଜ୍ୟୋତି ଶର୍ମା, ରେଳବାଇର ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଓ ବିଭାଗୀୟ ବନ ଅଧିକାରୀ, ୟୁଜର ଏଜେନ୍ସିର ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ।

## ଆରସିଏମ୍‌ର ରୂପାନ୍ତରଣ ଯାତ୍ରା ସମ୍ବଲପୁରରେ ପହଞ୍ଚିବ

**ସମ୍ବଲପୁର,୧୫।୧୦ (ମହାଭାରତ):** ଭାରତର ଅଗ୍ରଣୀ ଡାଇରେକ୍ଟ ସେଲିଂ କମ୍ପାନୀ ଆରସିଏମ୍ ଏହାର ୨୫ବର୍ଷ ପୂର୍ତ୍ତି ପାଳନର ଅଂଶ ଭାବରେ ଓଡ଼ିଶାର ସମ୍ବଲପୁରକୁ ଚଳିତ ଅକ୍ଟୋବର ୧୭ ତାରିଖରେ ରୂପାନ୍ତରଣ ଯାତ୍ରା ଆଣୁଛି। ଏହି ଯାତ୍ରା ସ୍ଥାନୀୟ ଜନସାଧାରଣଙ୍କ ନିମନ୍ତେ ନୂତନ ଜୀବିକା ସୁଯୋଗଗୁଡିକ ଏବଂ ବୃହତ୍ତର ଆତ୍ମ ନିର୍ଭରଶୀଳତାର ଦ୍ୱାର ଉନ୍ମୁକ୍ତ କରିବ ଏବଂ ସେହି ସମୟରେ ମହିଳା ଉଦ୍ୟୋଗୀ, ଯୁବ ନେତୃତ୍ୱ ଏବଂ ଗୋଷ୍ଠୀରେ ପରିବର୍ତ୍ତନ ବାହକମାନଙ୍କର ବାସ୍ତବ ଜୀବନ କାହାଣୀକୁ ପ୍ରଦର୍ଶିତ କରିବ। ୧୦୦ ଦିନ, ୧୭୦୦୦ କିଲୋମିଟର ଦେଶବ୍ୟାପୀ ଯାତ୍ରା ୭୫ ସହର ଗସ୍ତ କରିବ ଏବଂ ୨୫ଟି ବିଶାଳ କାର୍ଯ୍ୟକ୍ରମ ଆୟୋଜନ କରି ସ୍ୱାସ୍ଥ୍ୟ, ସେବା ଏବଂ ସଂସ୍କାରର ବାର୍ତ୍ତା ପ୍ରସାର କରିବ। ଏହି ଅଭିଯାନ ଆରସିଏମ୍‌ର ଆଭିମୁଖ୍ୟକୁ ପୁନଃସୁଦୃଢ କରୁଛି ଯେ ଏହା କେବଳ ଏକ ଡାଇରେକ୍ଟ ସେଲିଂ (ପ୍ରତ୍ୟକ୍ଷ ବିକ୍ରୟକାରୀ) ନୁହେଁ, ବରଂ ଏକ ଲୋକ କୈନ୍ଦ୍ରିକ ଏବଂ ମୂଲ୍ୟବୋଧକୁ ପ୍ରାଧାନ୍ୟ ଦେଉଥିବା ଆନ୍ଦୋଳନ ଅଟେ। ସମ୍ବଲପୁରର ବାସିନ୍ଦା ଅନନ୍ୟ ସୁଯୋଗ ଆବିଷ୍କାର କରିବେ ଏବଂ ଏହି ଜନ କୈନ୍ଦ୍ରିକ ଆନ୍ଦୋଳନ କିଭଳି ସମଗ୍ର ଭାରତରେ ଜୀବନରେ ସକାରାତ୍ମକ ରୂପାନ୍ତରଣ ଆଣୁଛି ତାହା ନିଜ ଆଖି ଆଗରେ ଦେଖିବେ। ୨୦୦୦ରେ ଏହା ଆରମ୍ଭ ହେବା ଦିନଠାରୁ ଆରସିଏମ୍ ହଜାର ହଜାର ସଂଖ୍ୟାରେ ସଫଳତାର କାହାଣୀ ସୃଷ୍ଟି କରିଛି, ଗୃହିଣୀ, ଅବସରପ୍ରାପ୍ତ ବୃତ୍ତିଧାରୀ, ଯୁବବର୍ଗଙ୍କୁ ସଶକ୍ତ କରୁଛି ଏବଂ କିଛି ବ୍ୟକ୍ତିବିଶେଷ ମଦ୍ୟପାନ ଛାଡି ପୂର୍ଣ୍ଣାଙ୍ଗ ସଫଳତା ହାସଲ କରୁଛନ୍ତି ଏବଂ ଇଜ୍ଜତର ସହିତ ସେମାନଙ୍କ ଜୀବନ ପୁନଃନିର୍ମାଣ କରୁଛନ୍ତି। ସମ୍ବଲପୁରରେ ଏହି ଭବ୍ୟ କାର୍ଯ୍ୟକ୍ରମ ଆରସିଏମ୍‌ର ୨୫ ବର୍ଷ ଯାତ୍ରା ପ୍ରତି ସମର୍ପିତ ହୋଇଛି ଏବଂ ଏଥିରେ ଶତାଧିକ ଲୋକ ଅଂଶଗ୍ରହଣ କରିବା ଆଶା କରାଯାଉଛି।

## ସହରାଞ୍ଚଳ ବିକାଶ ପାଇଁ ଏଡିବି ସହ ଆଲୋଚନା

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଓଡିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ, ମଙ୍ଗଳବାର ସହରାଞ୍ଚଳ ବିକାଶ ଏବଂ ଗତିଶୀଳତା କ୍ଷେତ୍ରରେ ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ସହିତ ଏକ ଗଭୀର ଏବଂ ରଣନୈତିକ ସହଯୋଗ ପାଇଁ ମାର୍ଗ ଅନୁସନ୍ଧାନ କରିବା ପାଇଁ ଆଲୋଚନା କରିଛି। ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭିତିଭୂମି ବିକାଶ, ସ୍ଥାୟୀ ଗତିଶୀଳତା ଏବଂ ସ୍ଥିର ସହରାଞ୍ଚଳ ଯୋଜନା କ୍ଷେତ୍ରରେ ସୁଦୃଢ଼ ସହଯୋଗ ମାଧ୍ୟମରେ ଓଡ଼ିଶାର ସହରୀ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଉଭୟ ପକ୍ଷ ସହରାଞ୍ଚଳ ପଦକ୍ଷେପଗୁଡ଼ିକର ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ସ୍ୱଚ୍ଛ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ତଦାରଖ, ତଥ୍ୟ-ଚାଳିତ ନିଷ୍ପତି ଗ୍ରହଣ ଏବଂ ସମନ୍ୱିତ ପ୍ରକଳ୍ପ ପରିଚାଳନା ପାଇଁ ମିଳିତ କମିଟି ଗଠନ ଉପରେ ଆଲୋଚନା କରିଥିଲେ। ସୌଗତ ଦାସଗୁପ୍ତା ଏବଂ ଅଭିଷେକ ମୁଖାର୍ଜୀଙ୍କୁ ନେଇ ଗଠିତ ଏସୀୟ ଉନ୍ନୟନ ବ୍ୟାଙ୍କର ଏକ ପ୍ରତିନିଧିମଣ୍ଡଳୀ ଏକ ଦୀର୍ଘକାଳୀନ ସହଭାଗୀତା ପାଇଁ ଏଡିବି ର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସହରାଞ୍ଚଳ




ବିକାଶ ଏବଂ ଗତିଶୀଳତା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ଭଳି ସହଯୋଗୀ କ୍ଷେତ୍ରଗୁଡ଼ିକୁ ବୈଷୟିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାର ସେମାନଙ୍କର ଉଦ୍ଦେଶ୍ୟ ପ୍ରକାଶ କରିଥିଲା, ଯାହା ଦ୍ୱାରା ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯିବ। ଶ୍ରୀମତୀ ପାଢୀ ଓଡ଼ିଶାର ବିକାଶ ଯାତ୍ରାରେ ଏଡିବି ର ନିରନ୍ତର ଯୋଗଦାନକୁ ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ, ସ୍ଥିର ଏବଂ ଲୋକ-କୈନ୍ଦ୍ରିକ ସହର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସହରାଞ୍ଚଳରେ ଜୀବନର ଗୁଣବତା ବୃଦ୍ଧି କରିବା ପାଇଁ ସମନ୍ୱିତ ଯୋଜନା, ନବସୃଜନ-ଚାଳିତ ଶାସନ ଏବଂ ସ୍ଥାୟୀ ସମାଧାନ ଉପରେ ବିଭାଗର ଧ୍ୟାନ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ।

## କୋକା-କୋଲା ଏବଂ ଗୁଗୁଲ ଜେମିନି 'ଫେଷ୍ଟିକନ୍ସ' ଏଆଇ ଯାଦୁକରୀ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଏହି ଦିପାବଳୀରେ, କୋକା-କୋଲା ଇଣ୍ଡିଆ ଭାରତ କିଭଳି ଭାବରେ ସାଂସ୍କୃତିକ, ସୃଜନଶୀଳତା ଏବଂ ଆଧୁନିକତମ ଜ୍ଞାନକୌଶଳ ସହିତ ମିଳିତ ହୋଇ ଏହାକୁ ପାଳନ କରିବ ସେ ବିଷୟରେ ପୁନଃକଳ୍ପନାରେ ରହିଛି। ଗୁଗୁଲ ସହିତ ପ୍ରଥମ ଥର ପାଇଁ ଏଭଳି ଧରଣର ଏକ ସହଭାଗୀତା ଜରିଆରେ, କୋକା-କୋଲା ଫେଷ୍ଟିକନ ଦିୱାଲି ଶୁଭେଚ୍ଛାର ଉପସ୍ଥାପନ କରୁଛି ଯାହାକି ଗ୍ରାହକ ମାନଙ୍କୁ ବ୍ୟକ୍ତିଗତ ଡ଼ିଜିଟାଲ ଶୁଭେଚ୍ଛା ପ୍ରସ୍ତୁତି ଏବଂ ସେୟାର ପାଇଁ ଦି ଗୁଗୁଲ ଜେମିନି ଆପ୍ ବ୍ୟବହାରକାରୀତାକୁ ସକ୍ଷମ କରିପାରିବ। କୋକା-କୋଲାର ସୀମିତ-ସଂସ୍କରଣ ଉତ୍ସବ ପ୍ୟାକରେ ଉପଲବ୍ଧ ହେବା ସହିତ, ଏଭଳି ଏକ ପଦକ୍ଷେପ ଲୋକମାନଙ୍କୁ ଏକ କ୍ୱିଆର କୋଡ଼ ସ୍କାନ କରି ସେମାନଙ୍କର ନିଜସ୍ୱ ବ୍ୟକ୍ତିଗତ ଫେଷ୍ଟିଭ ଅବତାର ଅଧିକାରକୁ ଜେମିନି ଆପ୍ ମଧ୍ୟରେ ଏହାର ଆଧୁନିକତମ ଛବି ସୃଷ୍ଟିକାରୀ ସକ୍ଷମତାକୁ ବ୍ୟବହାର କରି ଏହାକୁ ପ୍ରସ୍ତୁତି ଏବଂ ସେୟାର କରିପାରିବ। ଏଭଳି ଏକ ନବୀନତମ ଡ଼ିଜିଟାଲ ଅଭିଜ୍ଞତା ଜରିଆରେ, କୋକା-କୋଲା ନିଜର ଗ୍ରାହକ ମାନଙ୍କୁ ଏକ ବିରଳ ରାସ୍ତା ପ୍ରଦାନ କରିବା ସହିତ ସେମାନଙ୍କର ଉତ୍ସବ ମୁଖର ପରିବେଶକୁ ସେୟାର କରିପାରିଛି।

## କିଟ୍‌ର ସ୍ୱସ୍ତିକା ମିଶ୍ର ଏବଂ ଅଦ୍ୱେୟା ସଡ଼ଙ୍ଗୀ ଜିତିଲେ ଟିସିଏସ ଇନକ୍ୟୁଜିଟିଭ୍ ସଂସ୍କରଣ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ) ପକ୍ଷରୁ ଅନୁଷ୍ଠିତ ଏହାର ବାର୍ଷିକ କୁଇଜ୍ ପ୍ରତିଯୋଗିତା, ଟିସିଏସ ଇନକ୍ୟୁଜିଟିଭ୍ ୨୦୨୫ର ଭୁବନେଶ୍ୱର ସଂସ୍କରଣରେ ବୁଦ୍ଧିମତା, ଦଳଗତ କାର୍ଯ୍ୟ ଦକ୍ଷତା ଓ ଦ୍ରୁତ ଚିନ୍ତାଧାରାର ଏକ ଉତ୍ତମ ନିଦର୍ଶନ ଦେଖିବାକୁ ମିଳିଛି। ଅଷ୍ଟମ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଏହି ପ୍ରତିଯୋଗିତା, ୧୨-ସହର ଜାତୀୟ ସିରିଜର ଏକ ଅଂଶ ସ୍ୱରୁପ ସହର ରାଉଣ୍ଡରେ ଜ୍ଞାନ ପ୍ରଦର୍ଶନ କରିବାକୁ ଆଗ୍ରହୀ ପ୍ରାୟ ୪୪୦ ଯୁବ ଉତ୍ସାହୀ ପ୍ରତିଯୋଗୀଙ୍କ ଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଏହି କ୍ରମରେ ଭୁବନେଶ୍ୱର ସଂସ୍କରଣରେ ପ୍ରଭାବଶାଳୀ ଉପସ୍ଥିତି ଦେଖିବାକୁ ମିଳିଥିଲା, ୨୨୦ ଦଳ ଓଡ଼ିଶା ଓ ବାହାରର ୩୦ ରୁ ଅଧିକ ଦଳ ସେମାନଙ୍କ ସ୍କୁଲର ପ୍ରତିନିଧିତ୍ୱ କରୁଥିଲେ। ଏହି ପ୍ରତିଯୋଗିତାମୂଳକ ଇଭେଣ୍ଟରେ କଟକ, ହମିରପୁର, ସମ୍ବଲପୁର, ଭିଲାଇ, ପୁରୀ, ସଖିଗୋପାଳ ଏବଂ ପୁରୁଲିଆ (ପଶ୍ଚିମବଙ୍ଗ) ଭଳି ଅନେକ ସ୍ଥାନରୁ ଦଳ ଅଂଶଗ୍ରହଣ କରିଥିଲେ। କୁଇଜ୍ ଉତ୍କର୍ଷତାର ଏକ ରୋମାଞ୍ଚକର ଫାଇନାଲ ରାଉଣ୍ଡ ପରେ, କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ସ୍ୱସ୍ତିକା ମିଶ୍ର ଏବଂ ଅଦ୍ୱେୟା ସଡ଼ଙ୍ଗୀ ବିଜୟୀ ହୋଇ ଭୁବନେଶ୍ୱର ସଂସ୍କରଣରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ସେମାନଙ୍କର ପ୍ରଦର୍ଶନ ସେମାନଙ୍କର ଧୈର୍ଯ୍ୟ, ସଠିକତା ଏବଂ ମାନସିକତାର ଉପସ୍ଥିତି ପାଇଁ ଉଲ୍ଲେଖନୀୟ ଥିଲା।

## ଟାଇଟାନ୍ ରାଗା ଗ୍ଲିମର୍ସ ଏବଂ ଟାଇଟାନ୍ ଷ୍ଟେଲାର ଉନ୍ମୋଚନ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଟାଇଟାନ ପକ୍ଷରୁ କମଲ ୱାଚ୍ ଆଣ୍ଡ କୋ ସହଯୋଗରେ ଏକ ସ୍ୱତନ୍ତ୍ର ଅଭିଜ୍ଞତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଗ୍ରାହକଙ୍କୁ ଆନନ୍ଦିତ କରିବା ସହ ଡିଜାଇନ୍, ଡ୍ରାମା ଓ ଟେକ୍ନୋଲୋଜିର ଆକର୍ଷଣୀୟ ମିଶ୍ରଣ ସହିତ ଗ୍ରାହକଙ୍କୁ ଆନନ୍ଦିତ କରିଛି। ଲଂଚ ଇଭେଂଟ୍ ଏକ ପାରମ୍ପାରିକ ଶୋକେସ୍ ଠାରୁ ଅଧିକ ଥିଲା, ଅତିଥିମାନଙ୍କୁ ଏକ ଷ୍ଟାଇଲିଂ ଅଭିଜ୍ଞତା ଏବଂ ଏକ ଚିତାକର୍ଷକ ଆଲୋକ-ଶବ୍ଦ ଦୃଶ୍ୟ ସହିତ ଏକ ଇମର୍ସିଭ୍ ଅଭିଜ୍ଞତା ପ୍ରଦାନ କରିଥିଲା ଯାହା ଉଭୟ ସଂଗ୍ରହ ପଛରେ ଥିବା କାହାଣୀକୁ ଜୀବ' କରିଥିଲା । ଗ୍ରାହକମାନେ ସୁଚିନ୍ତିତ ଭାବରେ ଆକର୍ଷିତ ହୋଇଥିବା ପରିବେଶ ପାଇଁ ସେମାନଙ୍କର ଆନନ୍ଦ ଏବଂ ପ୍ରଶଂସା ପ୍ରକାଶ କରିଥିଲେ, ଯାହା ଟାଇମପିସ୍‌ର ସାରାଂଶକୁ ପ୍ରତିଫଳିତ କରିଥିଲା – ଚମତ୍କାର, ବୋଲ୍ଡ ଏବଂ ଅବିସ୍ମରଣୀୟ। କାର୍ଯ୍ୟକ୍ରମରେ କମଲ ୱାଚ୍‌ର ନିର୍ଦ୍ଦେଶକ ରାଜେନ୍ଦ୍ର ଟୋଟଲା କହିଛନ୍ତି, 'ରାଗା ଗ୍ଲିମର୍ସ ଏବଂ ଟାଇଟାନ୍ ଷ୍ଟେଲାରକୁ ଆମର ଗ୍ରାହକ ମାନଙ୍କ ସହିତ ପରିଚିତ କରାଇ ଆମେ ଆନନ୍ଦିତ । ଏହି ସଂଗ୍ରହଗୁଡ଼ିକ ପ୍ରକୃତରେ ଶୈଳୀ ଏବଂ ପଦାର୍ଥର ବିବର୍ତ୍ତନକୁ ପ୍ରତିନିଧିତ୍ୱ କରେ ଏବଂ ଆମର ଗ୍ରାହକମାନେ ସେମାନଙ୍କୁ ଗ୍ରହଣ କରି ଆପଣାଇବାର ଅପେକ୍ଷା କରିଛୁ।

## କୁମ୍ଭାର ଶିଳ୍ପ ଓଡିଶାର ପ୍ରାଚୀନ ସଂସ୍କୃତି

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଟେରାକୋଟା ଏବଂ କୁମ୍ଭାର ଶିଳ୍ପ" ଓଡିଶାର ପ୍ରାଚୀନ ସଂସ୍କୃତି ଏବଂ ଗରିମାମୟ ଐତିହ୍ୟର ପ୍ରତୀକ। ରାଜ୍ୟରେ ୩୬,୦୦୦ ରୁ ଅଧିକ କାରିଗର ଏହି ଶିଳ୍ପକୁ ଆଧାର କରି ଜୀବିକା ନିର୍ବାହ କରୁଛନ୍ତି। ଏହି ବାର୍ଷିକ ଟେରାକୋଟା ପ୍ରଦର୍ଶନୀ ସେମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ସହ ଏହି ସମୃଦ୍ଧ ହସ୍ତଶିଳ୍ପକୁ ଆଗକୁ ବଢାଇବାରେ ସହାୟକ ହେବ ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି।

ସ୍ଥାନୀୟ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ "ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'-୨୦୨୫"ର ଉଦଘାଟନ ଅବସରରେ ଗଣମାଧ୍ୟମକୁ ସମ୍ବୋଧନ କରି ସେ ଏହା କହିଛନ୍ତି। ଦୀପାବଳୀକୁ ଦୃଷ୍ଟିରେ ରଖି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏହି ଉଦଘାଟନୀ ଉତ୍ସବରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗ ଦେଇ



କହିଥିଲେ, ଗୋଟିଏ ସ୍ଥାନରେ ଟେରାକୋଟା ଏବଂ କୁମ୍ଭାର ହସ୍ତଶିଳ୍ପକୁ ପ୍ରଦର୍ଶିତ କରିବା ସହ ହସ୍ତଶିଳ୍ପୀମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳଲକ୍ଷ୍ୟ। "ବାର୍ଷିକ ଟେରାକୋଟା ପ୍ରଦର୍ଶନୀ:ମୃତ୍ତିକା" ୧୩ ରୁ ୧୯ ଅକ୍ଟୋବର, ୨୦୨୫ ପର୍ଯ୍ୟନ୍ତ ଚାଲିବ। ଚଳିତଥର ୨୧୦ଟି ଷ୍ଟଲ୍ ଖୋଲିଛି। ପ୍ରତ୍ୟେକ ଦିନ ଦିବା ୧୧ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲା ରହିବ।

ଓଡିଶାର ସମସ୍ତ ଜିଲ୍ଲାରୁ ପ୍ରାୟ ୩୫୦ ଜଣ ଟେରାକୋଟା ଏବଂ କୁମ୍ଭାର ହସ୍ତଶିଳ୍ପୀ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ପ୍ରାୟ ୩ କୋଟି ଟଙ୍କାରୁ ଅଧିକ ବିଜିନେସ୍ ହେବ ବୋଲି ଆକଳନ କରାଯାଇଛି। ପ୍ରତି ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଥିମ୍ ପ୍ୟାଭିଲିୟନରେ ପାରମ୍ପରିକ ଠାରୁ ଆଧୁନିକ ସୌଖୀନ ଉପକରଣ ପର୍ଯ୍ୟନ୍ତ ଟେରାକୋଟା ହସ୍ତଶିଳ୍ପର ଯାତ୍ରାକୁ ପ୍ରଦର୍ଶନ କରାଯାଇଛି।

କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଉପ-ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ସମବାୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆମ ରାଜ୍ୟରେ ୪୦ ରୁ ଅଧିକ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜ ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୬୧ଟି ହସ୍ତଶିଳ୍ପ ମଧ୍ୟରୁ "ଟେରାକୋଟା ଏବଂ କୁମ୍ଭାର ଶିଳ୍ପ" ହେଉଛି ଏକ ଅତ୍ୟନ୍ତ ପୁରାତନ ହସ୍ତଶିଳ୍ପ।

## ଟାଟା ମୋର୍ଟସ ଫ୍ଲାଗସିପ ଏଲପିଓ ୧୮୨୨ ବସ୍ ଚ୍ଚେସିସ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଟାଟା ମୋଟର୍ସ ବାଣିଜ୍ୟିକ ଯାନ, ବାଣିଜ୍ୟିକ ଗତିଚ୍ଛଳନର ଭାରତରେ ନେତୃତ୍ୱ ବହନକାରୀ, ଆଜି ଏହାର ସର୍ବୋତ୍କୃଷ୍ଟ ଆଧୁନିକ ଇଂଟରସିଟି ମଂଚ୍ଚର ଏପର୍ଯ୍ୟନ୍ତ ରହିଥିବା ସବୁଠାରୁ ନୂତନ ଟାଟା ଏଲପିଓ ୧୮୨୨ ବସ୍ ଚ୍ଚେସିସର ଅନାବରଣ କରିଛି। ବହୁ ଦୂରଗାମୀ ଯାତ୍ରୀବାହୀ ଗମନାଗମନ ନିମନ୍ତେ ଏକ ନୂତନ ବେଂଚ୍ଚମାର୍କ ରେକର୍ଡ଼ ସୃଷ୍ଟିକାରୀ ଜ୍ଞାନକୌଶଳରେ ପ୍ରସ୍ତୁତ, ଏଲପିଓ ୧୮୨୨ ଆରାମଦାୟକତା, ଦକ୍ଷତା ତଥା କାର୍ଯ୍ୟକାରୀ କୁଶଳତାକୁ ଅତି ଦୃଢ଼ତାର ସହିତ ଆଗକୁ ବଢ଼ାଇ, ଟାଟା ମୋଟର୍ସର ନେତୃତ୍ୱକୁ ଆଗାମୀ ଭବିଷ୍ୟତର ଚ୍ଚଳମାନତା ପାଇଁ ପୁନଃ ପ୍ରତିଷ୍ଠିତ କରିପାରିଛି। ଏହି ଟାଟା ଏଲପିଓ ୧୮୨୨ ଏହାର ସମ୍ପୂର୍ଣ୍ଣ ବାୟୁ ନିଲମ୍ବତାର କୌଶଳ ଏବଂ କମ୍ ମାତ୍ରାର ଏନଭିଏଚ୍ (କୋଳାହଳ, କମ୍ପନ, କଠୋରତା) ଗୁଣବତା ଜରିଆରେ ଏକ ବିରଳ ଚାଳନା ଅଭିଜ୍ଞତା ପ୍ରଦାନ କରୁଅଛି। ନମନୀୟ ସଂଖ୍ୟା ଅର୍ଥାତ୍ ୩୬ରୁ ୫୦ ଜଣ ଯାତ୍ରୀ ବସିବା ତଥା ଶୟନ କଳା ଭଳି ଅବସ୍ଥିତି ସହିତ, ଏହାର ଚ୍ଚେସିସ୍ ଭାରତରେ ବୃଦ୍ଧି ପାଉଥିବା ଗମନାଗମନ ଭିତିଭୂମି ତଥା ବାହନ ପରିଚାଳକ ମାନଙ୍କର ଗତିଶୀଳ ଆବଶ୍ୟକତାକୁ ନେଇ ସେମାନଙ୍କ ଆକାଂକ୍ଷା ପରିପୂରଣ ପାଇଁ ଡ଼ିଜାଇନ ହୋଇଛି।ଆନନ୍ଦ ଏସ, ଉପ-ସଭାପତି ଏବଂ ମୁଖ୍ୟ-କମର୍ସିଆଲ ପାସେଞ୍ଜର ଭେଇକିଲ ବିଜିନେସ, ଟାଟା ମୋଟର୍ସ କମର୍ସିଆଲ ଭେଇକିଲ କହିଛନ୍ତି, "ଭାରତର ଇଂଟରସିଟି ଗମନାଗମନ ଇକୋ ପ୍ରଣାଳୀ ଏକ ପରିବର୍ତନଶୀଳ ଦିଗ ଦେଇ ଗତି କରୁଛି।

## ପିଏନ୍‌ବି ମେଟ୍‌ଲାଇଫ ନୂଆ ଶାଖା ଉଦ୍‌ଘାଟିତ

**ଯାଜପୁର,୧୫।୧୦ (ମହାଭାରତ):** ଭାରତର ଅଗ୍ରଣୀ ଜୀବନ ବୀମାକାରୀ ପିଏନ୍‌ବି ମେଟ୍‌ଲାଇଫ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ପିଏନ୍‌ବି ମେଟ୍‌ଲାଇଫ) ଯାଜପୁରରେ ଏକ ନୂଆ ଶାଖା ଉଦ୍‌ଘାଟନ ସମ୍ପର୍କରେ ଘୋଷଣା କରିଛି। ଏହି ସମ୍ପ୍ରସାରଣ ସହିତ କମ୍ପାନୀର ସମ୍ପ୍ରତି ଓଡ଼ିଶାରେ ମୋଟ ଶାଖା ସଂଖ୍ୟା ୧୦ରେ ପହଞ୍ଚିଛି। ଏହି ଶାଖା ଉଦ୍‌ଘାଟନ ପଲିସୀ ସେବାଗୁଡିକ ଏବଂ ବିଶ୍ୱସନୀୟ ପରାମର୍ଶ ଗ୍ରାହକ ଯେଉଁଠାରେ ଥିଲେ ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚାଇ ବୀମାକୁ ଅଧିକ ସୁଲଭ୍ୟ କରାଇବା ନିମନ୍ତେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସମୀର ବନ୍‌ସଲ, ଏମ୍‌ଡି ଓ ସିଇଓ, ପିଏନ୍‌ବି ମେଟ୍‌ଲାଇଫ କହିଥିଲେ, "ବିଶ୍ୱାସ ସର୍ବଦା ପିଏନ୍‌ବି ମେଟ୍‌ଲାଇଫର ଗ୍ରାହକଙ୍କ ସହିତ ସମ୍ପର୍କର ମୂଳଦୁଆ ହୋଇ ରହିଆସିଛି। ସମ୍ପ୍ରତି ସମଗ୍ର ଭାରତରେ ୧୭୨ଟି ଶାଖା ସହିତ ଆମେ କେବଳ ଆମର ପହଞ୍ଚକୁ ପରିବ୍ୟାପ୍ତ କରୁନାହୁଁ, ବରଂ ତାହାସହିତ ଗ୍ରାହକମାନେ ପ୍ରତ୍ୟେକ ସୋପାନରେ ଆମ ଉପରେ ନିର୍ଭର କରିପାରିବେ, ସେହି ଭରସାକୁ ମଧ୍ୟ ସୁଦୃଢ କରୁଛୁ। ସେମାନେ ଯେଉଁଠାରେ ଆମକୁ ସର୍ବାଧିକ ଆବଶ୍ୟକ କରୁଛନ୍ତି ସେଠାରେ ପହଞ୍ଚିବା ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି ଏବଂ ସୁରକ୍ଷାକୁ ଅଧିକ ନିକଟତର କରିବା, ଏହାକୁ ସରଳ କରିବା ତଥା ସେମାନଙ୍କୁ ସେମାନଙ୍କର ଆର୍ଥିକ ଭବିଷ୍ୟତ ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ ଯୋଜନା କରିବାରେ ସହାୟତା କରୁଛୁ।"

## ଏକାମ୍ର ପ୍ରକଳ୍ପ ସମୀକ୍ଷା ବୈଠକ



**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର କମିଶନର ତଥା ଏକାମ୍ର ପ୍ରକଳ୍ପର ନୋଡାଲ ଅଫିସର ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏକାମ୍ର ପ୍ରକଳ୍ପ ଅଗ୍ରଗତି ସଂପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି ମୁଖ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ପାର୍କିଂ, ରାସ୍ତାଘାଟ, ଷ୍ଟ୍ରିଟ୍ ଲାଇଟ୍, ଜମି ଅଧିଗ୍ରହଣ ଏବଂ ପ୍ରକଳ୍ପର ଅନ୍ୟାନ୍ୟ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ୧୧ ଶହ ଶତାବ୍ଦୀର ଐତିହାସିକ ଲିଙ୍ଗରାଜ ମନ୍ଦିରର ଆଖପାଖ ଅଂଚଳକୁ ପନର୍ଜୀବିତ କରିବା ସହ ଏକାମ୍ର କ୍ଷେତ୍ରର ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ଯୋଜନା ବଦ୍ଧଭାବେ କରିବା ଏବଂ ଭୁବନେଶ୍ୱର ଐତିହ୍ୟର ସଂରକ୍ଷଣ ଓ ସହରାଞ୍ଚଳ ବିକାଶ ପାଇଁ ପଦେକ୍ଷେପ ନେବା ହେଉଛି ଏହି ପ୍ରକଳ୍ପର ଉଦେଶ୍ୟ। ଚାରୁଖଚିତ ସ୍ଥାପତ୍ୟ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ତୀର୍ଥଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା, ଏକାମ୍ର ପରିସରରେ ସୁନିୟନ୍ତିତ ଟ୍ରାଫିକ ବ୍ୟବସ୍ଥା କରିବା, ପୁରାତନ ମନ୍ଦିର ଏବଂ ଜଳାଶୟଗୁଡିକର ପୁନରୁଦ୍ଧାର, ପାଦଚଲା ରାସ୍ତାର ବିକାଶ, ପାର୍କିଂ ଓ ସମାବେଶ ସ୍ଥଳ ସୃଷ୍ଟି କରିବା ଏବଂ ଏହି ଅଞ୍ଚଳକୁ ୟୁନିସ୍କୋରେ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ପାଇଁ ସ୍ଥାନିତ କରିବା। ପବିତ୍ର ବିନ୍ଦୁ ସାଗର ହ୍ରଦ ଚାରିପାଖରେ ଉତ୍ସର୍ଗୀକୃତ ପାଦଚଲା ରାସ୍ତାର ବିକାଶ କରିବା ସର୍ବୋପରି ମନ୍ଦିର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି କରିବା। କେବଳ ସେତିକି ନୁହେଁ, ମନ୍ଦିର ପରିସର ସହିତ ଜଡିତ ଜୀବନ୍ତ ପରମ୍ପରା ଓ ସାଂସ୍କୃତିକ ଅଭ୍ୟାସକୁ ବୃଦ୍ଧି କରିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ। ସଂପ୍ରତି ପ୍ରାୟ ୭ ଏକର ଘରୋଇ ଜମି ଅଧିଗ୍ରହଣ ସହ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଜମି ଅଧିଗ୍ରହଣ ପାଇଁ ବିଏମ୍ ସି ଖୁବ୍ ଶୀଘ୍ର ଓବିସିସି ସହିତ ଆଲୋନଚା କରିବା ପରେ ଏ ସଂପର୍କିତ ଯୋଜନାର ରୂପରେଖ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ସଂପୃକ୍ତ ଅଂଚଳରେ ସ୍ୱରେଜ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି।

## ବ୍ୟାଙ୍କ ଅଫ୍ ବରୋଦାର 'ବିଓବି କେ ସଙ୍ଗ୍ ତ୍ୟୋହାର କି ଉମଙ୍ଗ' ଉତ୍ସବ

**ଭୁବନେଶ୍ୱର,୧୫।୧୦ (ମହାଭାରତ):** ଭାରତରେ ପାର୍ବଣ ଋତୁ ଆନନ୍ଦ, ଉତ୍ସବ ଓ ନୂତନ ଆରମ୍ଭର ଏହି ଅବସରରେ ପରିବାରମାନେ ବଡ଼ କ୍ରୟ ଯୋଜନା କରିଥା'ନ୍ତି – ଯେପରିକି ନୂଆ ଘର ନେବା, କାର କିଣିବା ଅବା ସେମାନଙ୍କର ବ୍ୟବସାୟକୁ ବିସ୍ତାର କରିବା, ସେହି ସମୟରେ ଗ୍ରାହକମାନଙ୍କ ପାଇଁ ପାର୍ବଣ ଋତୁକୁ ଆହୁରି ସ୍ୱତନ୍ତ୍ର ପୁରସ୍କାରପ୍ରାପ୍ତ କରିବା ପାଇଁ, ବ୍ୟାଙ୍କ ଅଫ୍ ବରୋଦା ଏହାର ବାର୍ଷିକ ଉତ୍ସବ ଅଭିଯାନ, 'ବିଓବି କେ ସଙ୍ଗ୍ ତ୍ୟୋହାର କି ଉମଙ୍ଗ – ଶୁଭ ଭି, ଲାଭ ଭି' ଆରମ୍ଭ କରିଛି। ଚଳିତ ବର୍ଷର ଏହି ଅଭିଯାନ ବହୁଦିନ ଧରି କ୍ରୟ ଅଭିଳାଷା ରଖିଥିବା ଏବଂ ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାରେ ସଂଚୟ ଭଳି ସମସ୍ତ ଦିଗକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଅଫରଗୁଡ଼ିକରେ ପରିପୂର୍ଣ୍ଣ ରହିଛି। ଗୃହକ୍ରେତାଙ୍କ ପାଇଁ ଗୃହ ଋଣ ଯାହା ବର୍ତ୍ତମାନ ଅଫର ଅନୁଯାୟୀ ଶୂନ୍ୟ ପ୍ରକ୍ରିୟାକରଣ ଶୁଳ୍କ ସହିତ ୭.୪୫ ପ୍ରତିଶତ ବାର୍ଷିକରୁ ଆରମ୍ଭ ହେଉଛି। ସେହିପରି ନୂତନ ଯାନ କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଅଫର ଆକାରରେ ଗାଡ଼ିର ଅନ୍-ରୋଡ୍ ମୂଲ୍ୟର ୯୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ଓ ଇଲେକ୍ଟ୍ରିକ୍ ଯାନ ପାଇଁ ଆଠ ବର୍ଷ ପର୍ଯ୍ୟନ୍ତ ପରିଶୋଧ ଅବଧି ବୃଦ୍ଧି କରାଯାଇଛି। ଏଥିସହିତ ବ୍ୟାଙ୍କ ଅଫ୍ ବରୋଦା ଇଲେକ୍ଟ୍ରିକ୍ ଯାନ ପାଇଁ ପ୍ରକ୍ରିୟାକରଣ ଶୁଳ୍କରେ ୫୦ ପ୍ରତିଶତ ରିହାତି ପ୍ରଦାନ କରି ଇଲେକ୍ଟ୍ରିକ୍ ଯାନ କ୍ରେତାମାନଙ୍କୁ ଆହୁରି ଉତ୍ସାହିତ କରୁଛି।

## ଗଣତନ୍ତ୍ରର ସୁରକ୍ଷା

ସବୁ ସ୍ତମ୍ଭ ଦୁର୍ବଳ ହୋଇଗଲେ ଗଣତନ୍ତ୍ରର ଏକମାତ୍ର ସୁରକ୍ଷା କବଚ ଭାବେ ନ୍ୟାୟପାଳିକା କାର୍ଯ୍ୟ କାରିଥାଏ। କିନ୍ତୁ ଯଦି ନ୍ୟାୟପାଳିକା ଦୁର୍ବଳ ହୋଇଯାଏ ତେବେ କିଏ ଗଣତନ୍‌ତ୍ରର ସୁରକ୍ଷା କରିବା, କିଏ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବ ? ନ୍ୟାୟପାଳିକା ପ୍ରତି ଆସ୍ଥା ହ୍ରାସର ଅନେକ କାରଣ ରହିଛି। ଏଠାରେ ଗୋଟିଏ ଉଦାହରଣ ପ୍ରଦାନ କରାଯାଇପାରେ। ଦିଲ୍ଲୀ ହାଇକୋର୍ଟର ଜଣେ ତତ୍କାଳୀନ ବିଚାରପତିଙ୍କ ଘରୁ ବିପୁଳ ପରିମାଣର ୫ ଶହ ଟଙ୍କିଆ ନୋଟ ମିଳିଲା। ଏହି ଅର୍ଥ ସମ୍ପୃକ୍ତ ବିଚାରପତିଙ୍କ ଆୟ ବହିର୍ଭୂତ ସମ୍ପତ୍ତି। ଏହି ଘଟଣା ପରେ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଛି। ଅବଶ୍ୟ ତାଙ୍କୁ କୌଣସି ମାମଲାର ଶୁଣାଣୀ ଦାୟିତ୍ୱ ଦିଆଯାଇନାହିଁ। କିନ୍ତୁ ଏବେ ବି ସେ ଜଣେ ବିଚାରପତି। ଏହା ଦୁର୍ଭାଗ୍ୟଜନକ। ଯଦି ଜଣେ ତଳିଆ କର୍ମଚାରୀ ଶହେ ଟଙ୍କା ଲାଞ୍ଚ ନେଇ ଧରାପଡୁଛନ୍ତି ତାଙ୍କୁ ତତ୍କାଳ ଗିରଫ କରାଯାଉଛି। କିନ୍ତୁ ଜଣେ ହାଇକୋର୍ଟ ବିଚାରପତି, ଯିଏ ଆଇନ କାନୁନ ସମ୍ପର୍କରେ ଭଲଭାବେ ପରିଚିତ, ଦୁର୍ନୀତିପୂର୍ଣ୍ଣ ଉପାୟରେ ଟଙ୍କା ସଂଗ୍ରହ କରିବାର ପରିଣାମ ସମ୍ପର୍କରେ ସେ ଭଲଭାବେ ଅବଗତ। ତାଙ୍କ ଘରୁ ପୁଳା ପୁଳା ଆୟ ବହିର୍ଭୂତଟଙ୍କା ଜବତ ହେବା ସତ୍ତ୍ୱେ ତାଙ୍କ ବିରୋଧରେ ଏ ଯାବତ ପୋଲିସ ଥାନାରେ ମାମଲାଟିଏ ବି ରୁଜୁ ହେଲା ନାହିଁ। ତାଙ୍କୁ ଏବେ ବି ଜଣେ ହାଇକୋର୍ଟ ବିଚାରପତିଙ୍କୁ ମିଳୁଥିବା ସମଦସ୍ତ ପ୍ରକାର ସୁବିଧା ସୁଯୋଗ ଓ ସମ୍ମାନ ମିଳୁଛି। ଏହା ଦୁର୍ଭାଗ୍ୟର ବିଷୟ। ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆସିବାର ଥିଲା। କିନ୍ତୁ କାହିଁକି ଏହା ଆସିଲା ନାହିଁ, ସେ ସମ୍ପର୍କରେ ସାଧାରଣ ଜନତା ଅଜ୍ଞ। ତାଙ୍କୁ ତତ୍କାଳ ଗିରଫ କରାଯାଇ ତିହାର ଜେଲ ପଠାଇବାର ବ୍ୟବସ୍ଥା ହେବା ଉଚିତ। ଚୀନରେ ଏଭଳି ଘଟଣା ଘଟିଥିଲେ, ସମ୍ପୃକ୍ତ ବିଚାରପତିଙ୍କୁ ଫାଶୀ ଦିଆଯାଇସାରନ୍ତାଣି। ସମ୍ପୃକ୍ତ ବିଚାରପତିଙ୍କୁ ଏ ଯାବତ କାହିଁକି ଗିରଫ କରାଯାଇନାହିଁ, ତାହାର ଜବାବ ସୁପ୍ରିମକୋର୍ଟ ଦେବା ଉଚିତ। ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ହ୍ରାସ ପାଇବାର ଏହା ଏକ ଛୋଟିଆ କାରଣ। ବିଶ୍ୱାସ ହ୍ରାସ ପାଇବା ହେତୁ ବିଚାରପତିଙ୍କ ପ୍ରତି ସମ୍ମାନ ମଧ୍ୟ ରହୁନାହିଁ। ନିକଟରେ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ କୋର୍ଟ ରୁମ ଭିତରେ ସୁପ୍ରିମକୋର୍ଟ ପ୍ରଧାନବିଚାରପତି ବି ଆର ଗଭାଇଙ୍କ ଉପରକୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ଏହାକୁ ସବୁ ମହଲରେ ନିନ୍ଦା କରଂଯାଇଛି। ଏହା ଏକ ନିନ୍ଦନୀୟ ଘଟଣା ଏଥି;ରେ ସନ୍ଦେହ ନାହିଁ। କାରଣ ସମ୍ପୃକ୍ତ ଆଇନଜୀବୀ ବ୍ୟକ୍ତିଗତ ଭାବେ ବି ଆର ଗଭାଇଙ୍କୁ ଅପମାନିତ କରିନାହାଁନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ପଦକୁ ଅପମାନିତ କରିଛନ୍ତି। ପ୍ରଧାନବିଚାରପତି ପଦର ଗରିମା କ୍ଷୁର୍ଣ୍ଣ ହୋିଛି। କିନ୍ତୁ ବ୍ୟକ୍ତିଗତ ଭାବେ ବି ଆର ଗଭାଇ ମଧ୍ୟ ପ୍ରଧାନବିଚାରପତି ପଦର ଗରିମା ନଷ୍ଟ କରିଥିବା ଅଭିଯୋଗ ହେଉଛି। ଏକ ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ଆକ୍ଷେପମୂଳକ ମନ୍ତବ୍ୟ ଦେବା, ତାଙଖ୍କୁ କାହିଁକି ପ୍ରୋଟୋକଲ ଅନୁଯାୟୀ ମୁଖ୍ୟ ଶାସନ ସଚିବ, ଡିଜିଜି ଏବଂ ମୁମ୍ବାଇ ମେୟର ସ୍ୱାଗତ କରିବାକୁ ଆସିଲେ ନାହିଁ, ସେ ସମ୍ପର୍କରେ ପ୍ରଶ୍ନ କରିବା କ୍ଷୁଦ୍ର ମାନସିକତାର ପରିଚୟ। ପ୍ରଧାନବିଚାରପତିଙ୍କୁ କୋର୍ଟ ପରିସରରେ ଜୋତା ଫିଙ୍ଗିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଏହା ଆଇନଗତ ଦୃଷ୍ଟିରୁ ଏକ ଅପରାଧ। କିନ୍ତୁ ଏଳି ଦୁର୍ଭାଗଞ୍ଜଜନକ ଘଟଣା କାହିଁକି ଘଟିଲା, ତାହାର ତର୍ଜମା ଏବଂ ସମୀକ୍ଷା ମଧ୍ୟ ସୁପ୍ରିମକୋର୍ଟ କରିବା ଉଚିତ। ଏ ସମ୍ପର୍କରେ ବୁଦ୍ଧିଜୀବୀ, ସାଂସଦ, ଆଇନଜୀବୀ ଏବଂ ବିଚାରପତିମାହନେ ଚିନ୍ତା କରିବା ଉଚିତ।

## ବଉଳାର ବିଷାଦ


॥ ପ୍ରଦୀପ୍ତ ବିଶ୍ୱାଳ ॥


> *ପୁରାଣ କାଳରେ ରାମ, କୃଷ୍ଣ ମୋ ସହିତ ଖେଳୁଥିଲେ, ଗାଈଗୋଠ ନେଇ ବଣଜଙ୍ଗଲ, ନଈପଠା ବୁଲାଇ ବୁଲାଇ ମୋତେ ମନଭରି ଖାଇବାକୁ ଦେଉଥିଲେ। ମୋ ଦେହରେ ବର୍ଷାଟିକେ ପଡିଲେ ଗିରି ଗୋବର୍ଦ୍ଧନ ପାହାଡକୁ ଟେକି ଧରି ମୋତେ ଆଶ୍ରୟ ଦେଇଥିଲେ। ସେଥିପାଇଁ ମୁଁ ମଧ କୃତଜ୍ଞତାର କାପର୍ଣ୍ଣ୍ୟତା କରିନାହିଁ। ମୁଁ କ୍ଷୀର, ଦହି, ଲବଣୀ ଅଯାଚିତ ଭାବେ ଅଜାଡି ଦେଉଛି। ସଂସାରରେ ଯେତେ ପ୍ରକାର ଖାଦ୍ୟ ଅଛି, ମୋର କ୍ଷୀରସର ଓ ଲବଣୀ ପ୍ରଭୁ ଶ୍ରୀକୃଷ୍ଣଙ୍କର ସବୁଠୁ ପ୍ରିୟ।*

ଗୋଟିଏ ଗାଈ। ମୋ ନାଁ 'ବଉଳା'। ମୋର ଚାରିଟା ଗୋଡ, ଗୋଟିଏ ମୁଣ୍ଡ, ଦୁଇଟି କାନ, ଦୁଇଟି ଶିଙ୍ଗ ଓ ଗୋଟିଏ ଲାଞ୍ଜ ଅଛି। ମଶା ଡାଆଁଶ ଦେହରେ ବସିଲେ ମୋ ଲାଞ୍ଜରେ ଘଉଡାଇ ଦିଏ। ମୁଁ କ୍ଷୀର ଦିଏ, ସେଥିରୁ ବଭିନ୍ନ ପ୍ରକାର ମିଷ୍ଟାନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହୁଏ, ଠାକୁରଙ୍କ ପାଖେ ପ୍ରସାଦ ଲାଗେ। ମଣିଷ ତାକୁ ଖାଇ ସୁସ୍ଥ ରହେ। ମୋର ମଳ, ମୁତ୍ର, ଚର୍ମ, ଶିଙ୍ଗ, ହାଡ ସମସ୍ତ ଜିନିଷ ମଣିଷର ଉପକାରରେ ଲାଗେ। ମନେପଡେ ୩ୟ ଶ୍ରେଣୀରେ ପଢୁଥିବା ସମୟର ରଚନା ଲେଖିବା କଥା। ୧ମ ଶ୍ରେଣୀରେ ଅକ୍ଷର ଶିଖି ସରଳ ଶବ୍ଦ ଜାଣିବା, ୨ୟ ଶ୍ରେଣୀରେ ଛବିଳ ମଧୁ ବର୍ଣ୍ଣବୋଧର ଯୁକ୍ତାକ୍ଷର ଶିକ୍ଷା ସହ କେତେଗୁଡିଏ ଶବ୍ଦକୁ ନେଇ ଗୋଟିଏ ବାକ୍ୟଗଠନ କରିବା ଏବଂ ୩ୟ ଶ୍ରେଣୀରେ ଆରମ୍ଭ ହୁଏ କେତେଗୁଡିଏ ବାକ୍ୟକୁ ନେଇ ରଚନା ଲେଖିବା ଶୈଳୀ। ଆଉ ରଚନା ଆରମ୍ଭ ହୁଏ ଗାଈର ଆତ୍ମ କାହାଣୀରୁ। କାରଣ ମଣିଷ ଛୁଆଟି ମା'କ୍ଷୀର ଛାଡିଲେ ଗାଈ କ୍ଷୀର ପିଇ ବଡ ହୁଏ। ଗାଈ ତାର ୨ୟ ମାଆ। ଏଥିପାଇଁ ଗାଈକୁ ଗୋମାତା କୁହାଯାଏ। ଛୁଆଟିଏ ଜନ୍ମହୋଇ ହେତୁ ପାଇବା ପରେ ପ୍ରଥମେ ଗାଈକୁ ତାର ଘରେ ଦେଖେ। ସେଇଥିପାଇଁ ବୋଧହୁଏ ଗାଈର ଆତ୍ମକାହାଣୀରୁ ପାଠ ଆରମ୍ଭ ହୁଏ। ଗାଁଆରେ ଏମତି ଘର ନ ଥିବ ଯେଉଁ ଘରେ ଗାଈ ନଥିବ। ଗାଈ ସହିତ ପିଲାଦିନରୁ ପ୍ରତ୍ୟେକ୍ଷ ଭାବରେ ସଂସ୍ୱର୍ଶରେ ଆସିଥବାରୁ ତା ବିଷୟରେ ରଚନା ଲେଖାରୁ ପାଠ ଆରମ୍ଭ ହୁଏ।

ମଣିଷର ଅଦରକାରୀ ଘାସକୁଟା, କୁଣ୍ଡାତୋରାଣୀରେ ମୋର ଶାନ୍ତି। ମଣିଷ ଭଳି ମାଛମାଂସ ପ୍ରତି ମୋର ଲୋଭ ନାହିଁ। ଆଗେ ମୋ ପାଇଁ ଗାଁ ମୁଣ୍ଡରେ ଚାରଣ ପଡିଆଟେ ଥିଲା। କିଛି ସମୟ ପାଇଁ ହେଉ ପଛେ ସାଙ୍ଗସାଥୀ ମାନଙ୍କ ସହ ମିଶି ଘାସ ଚରେ ଓ ସୂର୍ଯ୍ୟାସ୍ତ ପୂର୍ବରୁ ଗାଁ ଦାଣ୍ଡରେ ଲାଞ୍ଜ ଟେକି ହେଣ୍ଡିମାରି ମହାଆନନ୍ଦରେ ଧୂଳି ଉଡାଇ ଘରକୁ ଫେରେ। ଏହି ସମୟକୁ ଗୋଧୁଳି ସମୟ କୁହାଯାଏ। ଲୋକମାନଙ୍କ ପାଇଁ ଏଇଟା ସବୁଠୁ ଶୁଭ ସମୟ। ଏବେ ଆଉ ସେତକ ସ୍ୱାଧୀନତା ନାହିଁ। ଗାଁଆରେ ଆଉ ଚାରଣ ଭୂମି ନାହିଁ କି ନଡାଛପର ଘର ନାହିଁ। ଇଟା ସିମେଣ୍ଟ କୋଠାଘରେ ନଡାର ଆବଶ୍ୟକତା ନାହିଁ। ମଣିଷ ମେହେନତ କରି ହଳଲଙ୍ଗଳ ଧରି ଆଉ ଚାଷ କରୁନି। ଟଙ୍କିକିଆ ଚାଉଳରେ କୁଣ୍ଡା ନାହିଁ କି ଚସୁ ନାହିଁ, ଯାହା ମୋ ଭାଗ୍ୟରେ ପଡିଥାଆନ୍ତା। ଖୁଣ୍ଟରେ ବନ୍ଧା ହୋଇ ମାଲିକର ହାତ ଟେକା ଦାନକୁ ଅପେକ୍ଷା କରି ରହିଥାଏ। ଛୁଆକୁ ଭୋକ କଲେ ସେ କାନ୍ଦିଲେ ତା ମାଆ ସବୁକାମ ଛାଡି ଦୌଡିଆସି ତାକୁ ଖାଇବାକୁ ଦିଏ, ମାତ୍ର ମୁଁ ଭେମା ରଡି ଛାଡିଲେ ମଧ ଶୁଣିବାକୁ କାହା ପାଖରେ ତର ନାହିଁ।

ପୁରାଣ କାଳରେ ରାମ, କୃଷ୍ଣ ମୋ ସହିତ ଖେଳୁଥିଲେ, ଗାଈଗୋଠ ନେଇ ବଣଜଙ୍ଗଲ, ନଈପଠା ବୁଲାଇ ବୁଲାଇ ମୋତେ ମନଭରି ଖାଇବାକୁ ଦେଉଥିଲେ। ମୋ ଦେହରେ ବର୍ଷାଟିକେ ପଡିଲେ ଗିରି ଗୋବର୍ଦ୍ଧନ ପାହାଡକୁ ଟେକି ଧରି ମୋତେ ଆଶ୍ରୟ ଦେଇଥିଲେ। ସେଥିପାଇଁ ମୁଁ ମଧ କୃତଜ୍ଞତାର କାପର୍ଣ୍ଣ୍ୟତା କରିନାହିଁ। ମୁଁ କ୍ଷୀର, ଦହି, ଲବଣୀ ଅଯାଚିତ ଭାବେ ଅଜାଡି ଦେଉଛି। ସଂସାରରେ ଯେତେ ପ୍ରକାର ଖାଦ୍ୟ ଅଛି, ମୋର କ୍ଷୀରସର ଓ ଲବଣୀ ପ୍ରଭୁ ଶ୍ରୀକୃଷ୍ଣଙ୍କର ସବୁଠୁ ପ୍ରିୟ। ଗୋପପୁରରେ ସମସ୍ତଙ୍କ ଘରୁ ଲୁଚି ଛପି ଖାଆନ୍ତି ଓ ଏହାକୁ ଅମୃତ ସମାନ ଆଖ୍ୟା ଦେଇଛନ୍ତି। ମୋର ସତ୍ୟନିଷ୍ଠା ଯୋଗୁଁ ହିଂସ୍ର ବ୍ୟାଘ୍ର ଭଳି ଜୀବ ମୋତେ ନ ଖାଇ ଛାଡିଦେଇ ଥିଲା। ମହର୍ଷି ବଶିଷ୍ଠଙ୍କ ଆଶ୍ରମରେ ମୁଁ କାମଧେନୁ ରୁପେ ସେବାପୂଜା ପାଉଥିଲି। ମୋ ସାହାଯ୍ୟରେ ସେ ପ୍ରବଳ ପ୍ରତାପୀ ବିଶ୍ୱାମିତ୍ରଙ୍କୁ ପରାସ୍ତ କରି ତାଙ୍କର ଅହଂକାରକୁ ଚୂର୍ଣ୍ଣ କରିଥିଲେ। ମୋ ଝିଅ ନନ୍ଦିନୀର ସେବା କରି ଅପୁତ୍ରିକ ମହାରାଜ ଦିଲ୍ଲୀପ ପୁତ୍ରବାନ ହୋଇ ରଘୁଙ୍କୁ ପୁତ୍ର ରୁପେ ପାଇଥିଲେ ଯିଏ ରଘୁକୁଳର ସ୍ଥାପନା କରିଥିଲେ। ପ୍ରଭୁ ରାମଚନ୍ଦ୍ର ଏହି କୁଳରେ ଜନ୍ମ ହୋଇ ରାବଣକୁ ମାରି ରାମରାଜ୍ୟ ପ୍ରତିଷ୍ଠା କରିଥିଲେ ଯାହା ଯୁଗ ଯୁଗକୁ ଆଦର୍ଶ ହୋଇ ରହିଛି।

ଶାସ୍ତ୍ର କହନ୍ତି, ମୋ ଦେହରେ ୩୩ କୋଟି ଦେବତା ଅଛନ୍ତି। ମୋତେ ସେବାପୂଜା କଲେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଚଉବର୍ଗ ପ୍ରାପ୍ତି ହୋଇଥାଏ। ପୁରାକାଳରେ ମୁନିଋଷିମାନେ ଆଶ୍ରମରେ ମୋତେ ପାଳନ କରି ମୋର ସେବାଯତ୍ନ କରୁଥିଲେ। ମୋଠାରୁ ଉତ୍ପନ ଘୃତରେ ଯଜ୍ଞାଦିକର୍ମ କରି ବର୍ଷା କରାଇବା ଓ ଜଳବାୟୁକୁ ବିଶୁଦ୍ଧ କରାଇ ସମାଜର ମଙ୍ଗଳ କାମନା କରୁଥିଲେ। ବିବାହ ସମୟରେ କନ୍ୟା ପିତାମାନେ କନ୍ୟାଦାନ ସହିତ ଗୋଦାନ କରି ପୁଣ୍ୟ ଅର୍ଜନ କରୁଥିଲେ। କିଛି ନ ହେଲେ କନ୍ୟାର ଯେଉଁ ସନ୍ତାନ ହେବ ସେ ଗାଈକ୍ଷୀର ଖାଇ ସୁସ୍ଥସବଳ ହୋଇ ଜୀବନ ଧାରଣ କରିବ। ଗୋଦାନ ର ପୂଣ୍ୟ ସର୍ବଶ୍ରେଷ୍ଠ।

ଲୋକମାନେ ମୋର କ୍ଷୀର ଓ କ୍ଷୀରରୁ ପ୍ରସ୍ତୁତ ଦହି, ଛେନା, ଲବଣୀ, ଘିଅ ଖାଇ ଶରୀରର ରୋଗ ପ୍ରତିଷେଧକ ଶକ୍ତି ବଢାଇ ଦୀର୍ଘଜୀବି ହେଉଥିଲେ ଓ ମୃତ୍ୟୁ ପର୍ଯ୍ୟନ୍ତ ନିଃରୋଗ ରହୁଥିଲେ। ଗୋମୂତ୍ର ପାନ କଲେ କୌଣସି ଦୁସାଧ ରୋଗ ମଧ ଶରୀରରେ ପ୍ରବେଶ କରିପାରିବ ନାହିଁ। ମୋର ଗୋବରକୁ ଲୋକମାନେ ଶୁଖାଇ ଜାଳେଣୀ କରନ୍ତି ଓ କମ୍ପୋଷ୍ଟ କରି କ୍ଷେତରେ ଦେଇ ସୁନାଫଳାନ୍ତି। ଗୋବରରୁ ପ୍ରସ୍ତୁତ ଗ୍ୟାସ୍‌ରୁ ରୋଷେଇ ପାଇଁ ଜାଳେଣୀ ରୁପେ ବ୍ୟବହାର କରିଆସୁଛନ୍ତି। ମୁଁ ମରିଗଲା ପରେ ମଧ ମୋର ଶିଙ୍ଗରେ ପାନିଆ ତିଆରି କରି ମୁଣ୍ଡକୁଣ୍ଡାଇଲେ ମୁଣ୍ଡ ଥଣ୍ଡା ରହେ ଓ ମୁଣ୍ଡରୁ ଚୁଟି ଉପୁଡେ ନାହିଁ। ମୋର ଚମଡାରେ ଚପଲ, ବ୍ୟାଗ୍, ବେଲ୍ଟ, ବାଦ୍ୟଯନ୍ତ୍ର ଇତ୍ୟାଦି ତିଆରି କରି ତାକୁ ବ୍ୟବହାର କରନ୍ତି।

ଏପରିକି ମୋର ହାଡକୁ ମଧ ସାର ପ୍ରସ୍ତୁତ କରି ଜମିରେ ବ୍ୟବହାର କରି ଉତ୍କୃଷ୍ଟ ଉତ୍ପାଦନ କରୁଥିଲେ। ଜୀବିତ ଏବଂ ମୃତ୍ୟୁ ପରେ ମଧ ଏହିପରି ମଣିଷର ସେବା କରିଆସୁଛି। ମୋର ଅଣ୍ଡିରା ବାଛୁରୀମାନେ ଜମିରେ ହଳକରି ସୁନା ଫଳାଉଥିଲେ। ଶଗଡରେ ବୋହି ଆଣି ଖଳାରେ ଗଦାକରିବା ପରେ ବେଙ୍ଗଳା ପକାଇ ତାକୁ ଅମଳ କରୁଥିଲେ। ଶଗଡଗାଡିରେ ନୂଆବୋହୂ ଶାଶୁଘରକୁ ଯାଉଥିଲା, ଲୋକମାନେ ଦୂରବାଟକୁ ଯାତାୟାତ କରିବା ସହିତ ଜିନିଷପତ୍ର ନେବାଆଣିବା କରୁଥିଲେ। ମୁଁ ମୋ ଛୁଆର ପେଟରୁ କାଟି କ୍ଷୀର ଅଜାଡି ଦିଏ। ମଣିଷ ମହାଆନନ୍ଦରେ ଚଳୁଥିଲା ପ୍ରତିବଦଳରେ ମୋତେ ଟିକେ ସ୍ନେହ ଓ ଯତ୍ନ କରୁଥିଲା। ମୋ ପରିବାର ବି ଆନନ୍ଦରେ ଥିଲା।

## ଅତୁଟ ବିଶ୍ୱାସ


॥ ଡ଼ ପ୍ରତିଭା ମହାରଥୀ ॥


ସମଗ୍ର ସୃଷ୍ଟିର ସ୍ରଷ୍ଟା ଜଣେ। ଆମର ଚେତନା ତାଙ୍କ ସହ ଯୁକ୍ତ ହୋଇପାରିଲେ ଆମ ଭିତରେ ରହିଥିବା ସତ୍ୟ, ନିଷ୍ଠା ଓ ଭକ୍ତି ଆଦି ସଦ୍‌ଗୁଣାବଳୀର ଉନ୍ମେଷ ଘଟିବ ଓ ଆମର ଚେତନା ବିଶ୍ୱଚେତନାରେ ମିଶି ଏକାକାର ହୋଇଯିବ, ସେତିକିବେଳେ ହିଁ ଉପଲବ୍ଧି କରିହେବ ଯେ ଆମ ଭିତରେ ଥିବା ଛୋଟ 'ମୁଁ'ଟି କିପରି ବଶ୍ୱର କୋଣ ଅନୁକୋଣକୁ ବିଚ୍ଛୁରିତ ଆଉ ବିସ୍ତାରିତ ହୋଇଯାଉଛି। 'ମୁଁ' ରୂପକ ଅହଙ୍କାରର ଆବର୍ତ୍ତରୁ ଥରେ ବାହାରିଗଲେ ବିଶ୍ୱ ହୁଏ ନିଜର। ଏହାକୁ କୁହାଯାଏ ସାଧନା। ସମସ୍ତ ସଙ୍କୁଚିତ ଭାବନା ହେଉଛି ସ୍ୱାର୍ଥପରତା। କିନ୍ତୁ ବିଶ୍ୱ ଭିତରେ ନିଜକୁ ଦେଖିବା ହେଉଛି ଆଧାତ୍ମିକତା। ଆମେ ଜୀବନକୁ ଯେଉଁଭଳି ଦେଖିବା, ଜୀବନଠାରୁ ଆମେ ସେହିଭଳି ପାଇବା।

ସେହି ବିଶ୍ୱନିୟନ୍ତାଙ୍କୁ ଅନୁଭବ କରିବା ପାଇଁ 'ବିଶ୍ୱାସ' ଏକ ବଳିଷ୍ଠ ମାଧମ। ବିଶ୍ୱାସ ଏକ ମାନସିକ ଶକ୍ତି, ବିଶ୍ୱାସ ଏକ ଆତ୍ମିକ ଶକ୍ତି, ବିଶ୍ୱାସରେ ହିଁ ଭଗବାନଙ୍କୁ ଉପଲବ୍ଧି କରିହୁଏ। କୁହାଯାଏ ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁ ଦୂରେ। ବିଶ୍ୱାସରେ ହିଁ ପ୍ରେମ, ଭକ୍ତି, ତ୍ୟାଗ ଭାବ ତିଷ୍ଠି ରହେ। ବିଶ୍ୱାସର ମୂଳଦୁଆ ଉପରେ ହିଁ ଏ ସୃଷ୍ଟି ଦଣ୍ଡାୟମାନ।

ଆସନ୍ତୁ ଶୁଣିବା ବିଶ୍ୱାସ ସମ୍ବନ୍ଧରେ ଛୋଟ ଗଳ୍ପଟିଏ। ଗୋଟିଏ ଗ୍ରାମରେ ଜଣେ ସନ୍ନ୍ୟାସୀ ଥିଲେ। ସେ ସର୍ବଦା ତାଙ୍କ ଭଗବାନଙ୍କୁ ନେଇ ମଗ୍ନ ଥାଆନ୍ତି, ପାଇଲେ ଖାଆନ୍ତି, ନ ହେଲେ ନାହିଁ – ଯେଉଁଠି ଇଚ୍ଛା ସେଇଠି ଶୋଇ ପଡ଼ନ୍ତି। ସବୁବେଳେ ଗ୍ରାମର କେତେକ ଭକ୍ତଙ୍କ ସାଥୀରେ ରାମ ଭଜନ ଅଥବା କୃଷ୍ଣ ଭଜନରେ ମାତି ଥାଆନ୍ତି। ଖରା, ବର୍ଷା, ଶୀତ, କାକରକୁ ତାଙ୍କର ଆଦୌ ଖାତିର ନଥାଏ। ଗାଁ ଶେଷ ବରଗଛ ମୂଳେ କୁଡ଼ିଆଟିଏ କରି ସେଠାରେ ରହୁଥାଆନ୍ତି। ଦିନେ ସେହି ଗ୍ରାମର ସବୁଠୁ ଧନୀ ଓ ପ୍ରତାପଶାଳୀ ଜମିଦାର ସେହି ସନ୍ନ୍ୟାସୀଙ୍କୁ ପାଖକୁ ଯାଇ ତାଙ୍କ ପ୍ରତି ଦୟା ଓ କରୁଣାରେ ବିଗଳିତ ହୋଇ ହାତଯୋଡ଼ି କହିଲେ – ହେ ବାବାଜୀ! ଆପଣ ଏଠାରେ ଏପରି ଅଳସୁଆମୀ କରି ଏତେ କଷ୍ଟକର ଜୀବନ କାହିଁକି ଭଲା ବଞ୍ଚୁଛନ୍ତି। ମୋ ଘରକୁ ଆସନ୍ତୁ, ମୁଁ ଆପଣଙ୍କୁ ଉପଯୋଗୀ ଚାକିରିଟିଏ ଦେବି। ଏଣୁ ତେଣୁ ଚାକିରି ନୁହେଁ। ମୋ ଘରେ ଜଗନ୍ନାଥ ମନ୍ଦିର ଅଛି।

ଭାଗବତ ଘର ଅଛି, ଅଷ୍ଟଧାତୁରେ ନିର୍ମିତ ଦୁର୍ଗାମୂର୍ତ୍ତି ମଧ ଅଛନ୍ତି। ଆପଣ ସେହିସବୁ ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରିବେ ଏବଂ ମୁଁ ଆପଣଙ୍କର ସବୁ ସୁଖ ସୁବିଧା କଥା ବୁଝିବି। ଜମିଦାରଙ୍କ ମୁହଁରୁ ଏହି ପ୍ରସ୍ତାବ ଶୁଣି ସେହି ଅନିକେତ ଅବଧୂତ ସନ୍ନ୍ୟାସୀ ହସିହସି ଖୁବ୍ ବିନୟରେ କହିଲେ – ହେ ଦୟାଳୁ ଜମିଦାର, ମୋତେ ଆପଣ କ୍ଷମା କରନ୍ତୁ। ଆପଣଙ୍କ ପ୍ରସ୍ତାବ ପାଇଁ ଧନ୍ୟବାଦ ଦେଉଛି। କିନ୍ତୁ ପାଞ୍ଚୋଟି କାରଣରୁ ମୁଁ ଆପଣଙ୍କ ପ୍ରସ୍ତାବ ଗ୍ରହଣ କରିପାରିବି ନାହିଁ। ଜମିଦାର ଏ କଥାରେ ସାମାନ୍ୟ କ୍ଷୁବ୍ଧ ହୋଇ କହିଲେ – ତାହେଲେ ସେହି ପାଞ୍ଚୋଟିଯାକ କାରଣ ଆପଣ ପ୍ରକାଶ କରନ୍ତୁ। ସନ୍ନ୍ୟାସୀ କହିଲେ – ପ୍ରଥମଟି ହେଲା ଭବିଷ୍ୟତରେ ଆପଣ ଆପଣଙ୍କ ସର୍ତ୍ତ ଭାଙ୍ଗି ପାରନ୍ତି।

ଦ୍ୱିତୀୟଟି ହେଲା – ଆପଣଙ୍କର ସମସ୍ତ ଧନସମ୍ପତ୍ତି ଉପରେ ଡକାୟତି ହୋଇପାରେ ବା ଆପଣ ଜମିଦାରୀ ହରାଇପାରନ୍ତି। ତୃତୀୟରେ – ଆପଣ ବର୍ତ୍ତମାନ ମୋତେ ଯାହା ସବୁ ଦେବାପାଇଁ କହୁଛନ୍ତି ଭବିଷ୍ୟତରେ ଦିନେ ସେଥିପାଇଁ ଆପଣଙ୍କର କୁଣ୍ଠା ଆସିଯାଇପାରେ। ଚତୁର୍ଥରେ – ଆପଣ ଯଦି କେବେ ଅକସ୍ମାତ୍ ମୋର କିଛି ଗୁରୁତର ଦୋଷ ଦେଖିବେ, ତାହାଲେ ବିରକ୍ତ ହୋଇ ମୋତେ ଚାକିରିରୁ ବାହାର କରିଦେଇପାରନ୍ତି ଏବଂ ପଞ୍ଚମରେ – ଯଦି ମୋ ପୂର୍ବରୁ ଆପଣଙ୍କର ମୃତ୍ୟୁ ହୋଇଯାଏ (ଭଗବାନ ନ କରନ୍ତୁ) ତେବେ ଆପଣଙ୍କ ଉତ୍ତରାଧିକାରୀମାନେ ମୋତେ ପୂଜାରୀ ଚାକିରିରୁ ବାହାର କରିଦେଇ ତାଙ୍କର ପ୍ରିୟଲୋକକୁ ରଖିପାରନ୍ତି। ହେ ଜମିଦାର ମହାଶୟ, ଆପଣ ଏବେ ଜାଣି ରଖନ୍ତୁ – ମୋର ଏପରି ଜଣେ ପ୍ରଭୁ ଅଛନ୍ତି – ଯାହାଙ୍କଠାରେ ମୁଁ ଆଶ୍ରୟ ନେଇଛି – ତାଙ୍କଠାରେ ଏହି ପାଞ୍ଚୋଟିଯାକ ଦୋଷ ନାହିଁ, ଏବେ ବୁଝନ୍ତୁ – ମୁଁ ମୋର ସେହି ପ୍ରିୟପ୍ରଭୁଙ୍କୁ ଛାଡ଼ି ଆପଣଙ୍କ ପାଖେ ଚାକରି କରିବାକୁ ଯିବି କାହିଁକି!! ଜମିଦାର ଖୁବ୍ ଅପ୍ରତିଭ ହୋଇ କହିଲେ – ହେ ସନ୍ନ୍ୟାସୀ, ଆପଣ କଣ ଆପଣଙ୍କ ପ୍ରଭୁଙ୍କୁ କେବେ ଦେଖିଛନ୍ତି? ସନ୍ନ୍ୟାସୀ ହସି ହସି କହିଲେ – ମୁଁ ତାଙ୍କୁ ଦେଖେ ବା ନ ଦେଖେ ମୋର କିନ୍ତୁ ଦୃଢ଼ ବିଶ୍ୱାସ ଯେ, ସେ ମୋତେ ପ୍ରତି ମୁହୂର୍ତ୍ତରେ ଦେଖୁଛନ୍ତି। ଜମିଦାର ତଥାପି ପଚାରିଲେ – ଆଚ୍ଛା ଯଦି କେବେ କୌଣସି କାରଣରୁ ଆପଣଙ୍କର ଆପଣଙ୍କ ପ୍ରିୟ ପ୍ରଭୁଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ କଟିଯାଏ??

ସନ୍ନ୍ୟାସୀ ଏଥର ହୋହୋ ହୋଇ ହସି ଉଠିଲେ! କହିଲେ ମୋର ସେହି କରୁଣାମୟ ପ୍ରଭୁ କଣ ମୋର ଆସ୍ଥା ଓ ବିଶ୍ୱାସକୁ ପରୁଆ କରନ୍ତି। ମୋର ଦୃଢ଼ ବିଶ୍ୱାସ ଯେ ମୁଁ ତାକୁ କେବେ ଛାଡ଼ିଲେ ବି ସେ ମୋତେ କେବେ ଛାଡ଼ିବେ ନାହିଁ, ଛାଡ଼ିବେ ନାହିଁ, ଛାଡ଼ିବେ ନାହିଁ। ବିଶ୍ୱାସ କାହାକୁ କୁହାଯାଏ ଆମେ ତ ଜାଣିପାରିଲେ। ଏହିଭଳି ଦୃଢ଼ ବିଶ୍ୱାସ ଯାହାର ହୃଦୟରେ ପରମାତ୍ମାଙ୍କ ପ୍ରତି ଥିବ, ସିଏ ନିଶ୍ଚିତ ଭାବରେ ପରମାତ୍ମାଙ୍କର ଏକ ଶ୍ରେଷ୍ଠ ଭକ୍ତ ରୂପେ ପରିଗଣିତ ହେବ। ଭାଗବତରେ ସେଥିପାଇଁ ତ ଲେଖାଅଛି –

ମୂଳଟି ଅଟଇ ବିଶ୍ୱାସ। କହଇ ଜଗନ୍ନାଥ ଦାସ ॥

ବିଶ୍ୱାସ ବିନୁ କର୍ମ ଯେତେ। ଫଳ ନ ମିଳେ କଦାଚିତେ ॥


ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର

ମୋ – ୯୪୩୭୦୩୬୮୦୯


## ପୁଅ ଜିଉନ୍ତିଆ ଦୂତୀବାହନ ଓଷା


॥ ଡ଼ଃ.ଅରୁନ୍ଧତୀ ଦେବୀ ॥


ସନ୍ତାନ ପ୍ରତି ମଆର ସ୍ନେହ ଅନନ୍ତ ଅସୀମ। ଝିଅଟିଏ ମାଆ ଭୂମିକାକୁ ଆସିବା ପରେ ସେ ସାଜିଯାଏ ତ୍ୟାଗ, ମମତା ଓ ପ୍ରୀତିର ଅଫୁରନ୍ତ ଉତ୍ସଟିଏ। କେତେବେଳେ ସ୍ୱାମୀର ମଙ୍ଗଳ କାମନା କରି ସେ ପୂଜିବସେ ସାବିତ୍ରୀଙ୍କୁ ତ ପୁଣି କେତେବେଳେ ନିଜ ଭାଇ ପାଇଁ ଭଉଣୀ ସାଜି ପୂଜା ଭ୍ରାତୃ ଦ୍ୱିତୀୟାରେ ପୂଜା କରିବସେ ଭାଇ। ପୁଣି କେତେବେଳେ ମାଆଟିଏ ହୋଇ ସନ୍ତାନର ମଙ୍ଗଳ ପାଇଁ ପୂଜା କରେ ଦୂତୀ ବାହନ ବା ପୁଅଜିଉନ୍ତିଆ। ନାରୀଟିଏ ପରିବାରର ସବୁ ସଦସ୍ୟଙ୍କ ମଙ୍ଗଳ ପାଇଁ ବାରମାସରେ ଆୟୋଜନ କରେ ତେର ଓଷା ବ୍ରତ। ଦରକାର ହେଲେ ସେ ନିଜ ଜୀବନକୁ ମଧ ବାଜି ଲଗାଇ ଦିଏ।

ସାରା ପରିବାରର ମଙ୍ଗଳ ଯେମିତି ନାରୀଟିଏ ଏକାନ୍ତ କାମ୍ୟ। ହସି ହସି ସେ ସବୁ ଦୁଃଖକୁ ସହି ନିଏ, କଷ୍ଟକୁ ବି ଆପଣେଇ ନିଏ। ପୁଅ ଜିଉନ୍ତିଆ ପଶ୍ଚିମ ଓଡ଼ିଶାରେ ଯେପରି ଏକ ନିଆରା ପର୍ବ, ଠିକ୍ ସେହିପରି ଦୂତୀବାହାନ ଓଷା ବା ଦୂତୀୟା ଓଷା ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଏକ ପ୍ରସିଦ୍ଧ ଓଷା। ସମ୍ବଲପୁର, ସୁନ୍ଦରଗଡ଼ ଓ ବରଗଡ଼ରେ ଏହି ଦୂତିବାହନ ଓଷା ବେଶ ନିଷ୍ଠା ଓ କାଷ୍ଠାର ସହ ପାଳିତ ହୋଇଥାଏ। ଠିକ୍ ସେହିପରି କଟକ ଭୁବନେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ଅଞ୍ଚଳରେ ଦୂତୀବାହନ ଓଷା ବା ଦୂତୀୟ ଓଷା ଏକ ପାରିବାରିକ ଓ ସାମାଜିକ ଓଷା ଭାବରେ ଗ୍ରାମୀଣ ଜୀବନଧାରାରେ ଏକ ଧର୍ମୀୟ ବାତାବରଣ ସୃଷ୍ଟି କରିଛି। ସନ୍ତାନର ମଙ୍ଗଳ ସହ ଆୟୁଷ କାମନା କରି ମାଆ ଓ ବିବାହିତ ମହିଳାମାନେ ଏହି ଓଷାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି। ଏହି ଓଷା ଗ୍ରାମୀଣ ଜୀବନ ଧାରାରେ ଏକ ପାରିବାରିକ ସମ୍ବନ୍ଧ ଓ ସାମାଜିକ ଦୃଢ଼ତା ସୃଷ୍ଟି କରେ। ଗାଁ ମଣିଷର ଚଳନୀ ଓ ସାଣ୍ଟାଣାକୁ ଦୃଢ଼ କରିଥାଏ। ଏହି ଓଷା ମଣିଷଙ୍କ ଜୀବନ ଧାରାକୁ ଏକତାର ରଜ୍ଜୁରେ ବାନ୍ଧିବା ସହ ଉତ୍ସବ ମୁଖର କରିତୋଳେ। ଦୂତୀବାହନଙ୍କୁ ପୂଜା କରି ମାଆଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାରା ଦିନ ନିର୍ଜଳା ଉପବାସ କରି ନିଷ୍ଠାର ସହ ଏହି ବ୍ରତଧାରଣ କରିବା ହେଉଛି ଓଷାର ମୁଖ୍ୟ କାର୍ଯ୍ୟ।

ଆଶ୍ୱିନର ଅଷ୍ଟମୀ ତିଥିରେ ପୁଅ ଜିଉନ୍ତିଆ ପାଳନ କରାଯାଏ। ପୂଜାର ପୂର୍ବଦିନ ଶିଳ ଶିଆଳୀ ପୂଜା କରାଯାଏ। ଏହିଦିନ ଶିଳକୁ ହଳଦୀ ପାଣିରେ ଧୋଇ ଦିଆଯାଏ। ଏଥିରେ ଗୁଆ ସହ ପୁଞ୍ଜାଏ କରି ଚାଉଳ ରଖାଯାଏ। ଏହିଥିରେ ଦୀପ କଳସ ବସାଇ ପିଠା ଭୋଗ ଲଗାଯାଏ। ସେଥିରୁ ଚାରୋଟି ପିଠା ଉପରକୁ ଫିଙ୍ଗାଯାଏ ଏବଂ ଚାରୋଟି ପିଠା ତଳେ ପୋତି ଦିଆଯାଏ। ପୂଜା ଦିନ ମାଆମାନେ ନିର୍ଜଳା ଉପବାସ ରୁହନ୍ତି। ସଂଜହେଲେ ସ୍ନାନସାରି ନଦୀବାଲିରେ ବେଦୀ କରନ୍ତି। ସେଇ ବେଦୀରେ ଚାରିଖଣ୍ଡ କାଠି ପୋତାଯାଏ। ଚାରି କାଠି ଉପରେ ଚାରୋଟି ଚକା କାକୁଡ଼ି ରଖାଯାଏ। ଗାଧୋଇ ସାରିବା ପରେ କାଠିରେ ଆଖୁ କଦଳୀ ଏପରି ୫ଟି ଗଛର ଡାଳ ପୋତାଯାଏ। ବ୍ରାହ୍ମଣ ସହ ଲକ୍ଷ୍ମୀନାରାୟଣଙ୍କ ପୂଜା ପାଠ କରାଯାଏ। ସୂର୍ଯ୍ୟାସ୍ତ ପରେ ହିଁ ଏହି ପୂଜା ହୋଇଥାଏ। ଏହି ପୂଜାରେ ୨୧ ପ୍ରକାର ଫଳ ଭୋଗ ଲାଗି ହୋଇଥାଏ। ଏଥିସହ ୧୦୮ ଦୂବ, ୧୦୮ ଚାଉଳ ଓ ପରଦିନ ହିଁ ବ୍ୟବହୃତ ହୋଇଥାଏ। ସକାଳେ ପୂଜାସ୍ଥାନରେ ୪ଖଣ୍ଡ କାଠି ଖଣ୍ଡୁଆଳ ଚକି ପ୍ରତୀକ ଭାବରେ ଗୌରୀ ପୂଜା କରାଯାଏ। ଏହି ଦିନ ମୁଗ ଆଠଟି, ଚାଉଳ ଆଠଟି, ଦହି ଗୁଡ଼ ସହ ଜଳିବା ପରେ ପୁଅମାନଙ୍କୁ ବନ୍ଦାପନା କରାଯାଏ। ସମସ୍ତେ ଭୋଗ ବାଢ଼ନ୍ତି।

ଏହି ଭୋଗକୁ ପଶ୍ଚିମ ଓଡ଼ିଶାରେ ଜିଉନ୍ତିଆ ବୋଲି କୁହନ୍ତି। ଏହାପରେ ଆରମ୍ଭ ହୋଇଯାଏ ମଉଜ ମଜଲିସ ଓ ପିଠା ପଣାରେ ପରିବାର ହସି ଉଠେ। ମାଆ ଖାଇବା ପରେ ଅନ୍ୟ ସନ୍ତାନମାନେ ଖାଇଥାନ୍ତି। ଉତ୍ତର ଓଡ଼ିଶାରେ ଅନେକ ଗାଁ ପରିବେଶରେ ମଉଜ ମଜଲିସରେ ଛକ ଜାଗାମାନ ଫାଟି ଉଠେ। ଠିକ୍ ସେହିପରି ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଜିଉଁନ୍ତିଆ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଗାଉଣା, ବାଜଣା ଭିତରେ ପରିବେଶ ଜୀବନ୍ତ ହୋଇଉଠେ। ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ପୁଅ ଜିଉନ୍ତିଆ ଓଷାକୁ ନେଇ ଜିଉନ୍ତିଆ ଉତ୍ସବମାନ ପାଳିତ ହୋଇଥାଏ। ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀର ରାତ୍ରକାଳରୁ ଦୁର୍ଗାଙ୍କର ଶୟନ ଉତ୍ସବ ଆରମ୍ଭ ହୋଇଥାଏ। ଏହା ୧୫ ଦିନ ପର୍ଯ୍ୟନ୍ତ ଚାଲେ। ଏହି ସମୟଟି ଅତ୍ୟନ୍ତ ଅଶୁଭ ସମୟ। କାରଣ ହରିଙ୍କ ଶୟନ ସାଥିକୁ ଦେବୀଙ୍କ ଶୟନ ଅଶୁଭର ପ୍ରତୀକ।

୧୫ ଦିନ ଶୋଇବା ପରେ ଶଯ୍ୟା ତ୍ୟାଗ କରି ମାଆ ଦୁର୍ଗାଙ୍କର ଉପାସନା ଉତ୍ସବ ପାଳିତ ହୁଏ। ସେ ରାତ୍ରିରେ ସହସ୍ର କୁମ୍ଭାରିଷ୍ଟ କରାଯାଏ ଏବଂ ପରଦିନ ଠାରୁ ଦେବୀଙ୍କ ଷୋଠଶ ପୂଜାରମ୍ଭ ହୋଇଥାଏ। ଆଶ୍ୱିନ ଅଷ୍ଟମୀରେ ମୂଳାଷ୍ଟମୀ ଅବକାଶରେ ମାଆ ଦୂତୀବାହନଙ୍କୁ ପୂଜା କରିବା ସମୟରେ ଯେଉଁ ପସରା ପୂଜା ଅନୁଷ୍ଠିତ ହୋଇଥାଏ ସେହି ପସରାରେ ପୂଜା ପାଉଥିବା ୪୭ ପ୍ରକାର ପନିପରିବା ଓ ଫଳମୂଳକୁ ନେଇ ଆଶ୍ୱିନ ନବମୀରେ ଆୟୋଜିତ ହୁଏ ଘାଣ୍ଟ। ଓଡ଼ିଆ ଘରର ଘାଣ୍ଟ ବେଶ ପ୍ରସିଦ୍ଧ। ଏହି ଘାଣ୍ଟକୁ ଗ୍ରାମୀଣ ଜୀବନଧାରାରେ ପରିବାର ସହିତ ଜ୍ଞାତି କୁଟୁମ୍ବ ଓ ଆତ୍ମୀୟସ୍ୱଜନଙ୍କୁ ବାଣ୍ଟି ଖିଆଯାଏ। ଆଶ୍ଚର୍ଯ୍ୟର କଥା ଏହି ଘାଣ୍ଟ ଏବେ ଅନ୍ତର୍ଜାତୀୟ ଖାଦ୍ୟ ତାଲିକାରେ ମେନ୍ୟୁରେ ସ୍ଥାନ ପାଇଛି।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ସ୍ଥାୟୀ ହାଟ ପାଇଁ ପ୍ରସ୍ତୁତି ବୈଠକ




ନାରାୟଣପାଟଣା, (ମହାଭାରତ) : ଆଜି ସ୍ଥାନୀୟ ତହସିଲଦାର ପ୍ରଭାତୀ ଝଡିଆ ଙ୍କ ସଭାପତିତ୍ୱରେ ତହସିଲ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ନାରାୟଣପାଟଣା ବ୍ଲକ ରେ ସାପ୍ତାହିକ ହାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ବୈଠକରେ ବିଡିଓ ବିକ୍ରମ କୁମାର ଦୋରା, ଉପଜିଲ୍ଲାପାଳ ତଥା ଆର୍ ଏମ୍ ସି ଅଧିକାରୀ ଶୀବ ଶଙ୍କର ମିଶ୍ର , ସରପଂଚ ରେବତୀ କୁନ୍ଦାରିଆ,ଦମକଳ ବାହିନୀ ଅଧିକାରୀ ଅନୁପମ ବାଗ , ଅବକାରୀ ଉପନୀରିକ୍ଷକ ଉମେଶ କୁମାର ଦୋରା,ରାସ୍ତା ଗୃହ ନିର୍ମାଣ ବିଭାଗ ଅଧିକାରୀ ସଂଜୟ ସିଂ, ଆଇନଜୀବୀ ସି ଏଚ୍ ପ୍ରଭାକର ରାଓ ,ପଂଚାୟତ ନିର୍ବାହୀ ଅଧିକାରୀ ରମେଶ ତୁଳ ,ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ହବିକା ରବି ସମେତ , ବିଶିଷ୍ଟ ବ୍ୟବସାୟୀ ପି ନବୀନ ସୁବୁଦ୍ଧି,କେ ଶାୟା ରାଜୁ ,ପି ଜନାର୍ଦ୍ଦନ ସୁବୁଦ୍ଧି ସମେତ ଗଣମାଧ୍ୟମ ,ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।ସ୍ଥାୟୀ ହାଟ ନଥିବାରୁ ମେନ୍ ରୋଡ଼ ରେ ବ୍ଲକ ତଥା ବ୍ଲକ ବାହାରୁ ଶହ ଶହ ବେପାରୀ ଆସି ଖରା ବର୍ଷା ଶୀତ କାକରରେ ରାସ୍ତା କଡ଼ରେ ଦୋକାନ ଖୋଲି ବ୍ୟବସାୟ କରୁଥିବାରୁ ରାସ୍ତା ପରିବେଶ ନଷ୍ଟ ହେବା ସହ ରବିବାର ସାପ୍ତାହିକ ହାଟ ରେ ଯାତାୟତ ଗାଡ଼ି ପାର୍କିଂ ରେ ନାରା ସମସ୍ୟା ଉପୁଜୁଥିବା ।ଏ ବିଷୟରେ ଜିଲ୍ଲା ପାଳ ଙ୍କ ଅଭିଯୋଗ ଶୁଣାଣୀରେ ଅଭିଯୋଗ ପରେ ଆଜି ସ୍ଥାୟୀ ହାଟ ପାଇଁ ତହସିଲଦାର ପ୍ରଭାତୀ ଝଡିଆ ବୈଠକ ଡକେଇ ସ୍ଥାୟୀ ସମାଧାନ ପାଇଁ ଜାଗା ଚିହ୍ନଟ ପାଇଁ ପରାମର୍ଶ ଲୋଡ଼ିଥିଲେ । ଗାଁ ପରିସରରେ ସରକାର ଜମି ନଥିବାରୁ ବର୍ଷ ବର୍ଷ ଧରି ରାସ୍ତା କଡ଼ରେ ସାପ୍ତାହିକ ହାଟ ହେଉଥିବା ରୁ ସ୍ଥାୟୀ ହାଟ ପାଇଁ ପୁରୁଣା ଥାନା ,ବିକ୍ରମପୁର କୁ ଯିବା ରାସ୍ତାରେ ଥିବା ଗୋଚର ଜମି ଏବଂ ଅବ୍ୟବହୃତ ହୋଇ ରହିଥିବା ମିନି ଷ୍ଟାଡିୟମ ରେ ସାପ୍ତାହିକ ହାଟ ପାଇଁ ତିନୋଟି ପ୍ରସ୍ତାବ ଦିଆଯାଇଥିଲା ।ଏଥିରେ ଅବ୍ୟବହୃତ ଭାବେ ମିନି ଷ୍ଟାଡିୟମ କୁ ସ୍ଥାୟୀ ହାଟ କରିବାକୁ ବ୍ୟବସାୟୀ , ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ଗ୍ରାମବାସୀ ପ୍ରସ୍ତାବ ଦେଇଥିଲେ ।ଚାରି ସପ୍ତାହ ମଧ୍ୟରେ ଏକ ଟିମ୍ ଗଠନ କରାଯାଇ ହାଟରେ କେତେ ବ୍ୟବସାୟୀ ଆସୁଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ , ଅଗ୍ରୀମ ସୁଚନା ଦିଆଯାଇ ,ଡ଼ାକବାଜି ଯନ୍ତ୍ର ସହ? ସମସ୍ତ ଛୋଟ ବଡ଼ ହାଟ ବେପାରୀ ଙ୍କ ନାମ ଠିକଣା କେଉଁ ବ୍ୟବସାୟ କରନ୍ତି ହାଟରେ ସମସ୍ତ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଆଗାମି ଦିନରେ ଷ୍ଟାଡିୟମ ପରିସରରେ ଜାଗା ଚିହ୍ନଟ କରି ଥୋଇଥାନ କରିଯିବାକୁ ସହମତି ପ୍ରକାଶ ପାଇଥିଲା ।ଗୋଟିଏ ଜାଗାରେ ବ୍ୟବସାୟ ହେବା ସହ ଗାଡ଼ି ମୋଟର ପାର୍କିଂ କରିବାର ସୁବିଧା ମିଳିପାରିବ ।ପରଦିନ ପଂଚାୟତ ତରଫରୁ ହାଟର ଆବର୍ଜନା ଉଠାଯିବ ।ଏଥିରେ ଷ୍ଟାଡିୟମ ସଫାସୁତୁରା ରହିବା ସହ ବ୍ୟବହାର କାମରେ ଆସିବ ।ହାଟ ବର୍ତମାନ ଆର୍ ଏମ୍ ସି ଅଧୀନରେ ଥିବାରୁ ବର୍ଷକୁ ୧୦ ରୁ ୧୫ ହଜାର ଟଙ୍କା ଆର୍ ଏମ୍ ସି ପଂଚାୟତ କୁ ପୈଠ କରୁଥିବାରୁ ସାପ୍ତାହିକ ହାଟ ର ପରିଚାଳନା ଦାୟିତ୍ୱ ତଥା ଟିକସ ଆଦାୟ ଦାଇତ୍ୱ ପଂଚାୟତ କୁ କ୍ଷମତା ଦିଆଗଲେ ପଂଚାୟତ ବାର୍ଷିକ ଦୁଇ ଲକ୍ଷ ରୁ ଉର୍ଦ୍ଧ ଟିକସ ଆଦାୟ କରିପାରିବା ସହ ପଂଚାୟତ ଓ ହାଟର ବିକାଶରେ ସାହାଯ୍ୟ ହୋଇପାରିବ ବୋଲି ସରପଂଚ ବୈଠକ ରେ ଉପସ୍ଥାପନା କରିଥିଲେ । ନାରାୟଣପାଟଣା ବ୍ଲକ ର ଐତିହାସିକ ହାଟ ୪୦ ବର୍ଷ ପୁରୁଣା ।ଏହି ହାଟ ଉପରେ ବ୍ଲକ ତଥା ବ୍ଲକ ବାହାରୁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ନିର୍ଭର କରିଥାନ୍ତି। ଆଦିବାସୀ ଅଧ୍ୟୁଷିତ ଅଂଚଳ ର ଲୋକେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ସାପ୍ତାହିକ ହାଟରେ ଆଣି ବେପାର ବାଣିଜ୍ୟ କରିଥାନ୍ତି ।ଶୁଖୁଆ ,ପନିପରିବା,ଘୋରୋଇ ସାମଗ୍ରୀ,ଦୈନନ୍ଦୀନ ଜୀବନରେ ବ୍ୟବହୃତ ବସ୍ତୁ ସାମଗ୍ରୀ ହାଟରେ କିଣାବିକା ହୋଇଥାଏ ।ତେଣୁ ଏହି ଐତିହାସିକ ହାଟକୁ ନୂଆ ପରିଚୟ ଦେବା ,ବଜାୟ ରଖିବାକୁ ପ୍ରଶାସନ ତରଫରୁ ଯେଉଁ ପଦକ୍ଷେପ ନିଆଯାଇଛି ତାକୁ ସମସ୍ତେ ଧନ୍ୟବାଦ ଦେଇଛନ୍ତି।

# ବାରକୋଟ ନୂତନ ଥାନାଧିକାରୀଙ୍କ ଯୋଗଦାନ



ଦେବଗଡ, (ମହାଭାରତ) : ବୁଧୁବାର ଆଜି ବାରକୋଟ ନୂତନ ଥାନା ଅଧିକାରୀ ସୁଶାନ୍ତ କୁମାର ବଢ଼େଇ ଙ୍କୁ ଦେବଗଡ଼ ଜିଲ୍ଲା ସାମ୍ବାଦିକ ୟୁନିୟନ ବାରକୋଟ ଶାଖା ତରଫରୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆ ଯାଇଛି । ବାରକୋଟ ସାମ୍ବାଦିକ ସଂଘ ର ଗଣନାଥ ମହାପାତ୍ର, ନିରଞ୍ଜନ ନନ୍ଦ, ସନ୍ତୋଷ ମହାପାତ୍ର, ସୁଦାମ ବେହେରା, ବିବେକାନନ୍ଦ ସାହୁ ଉପସ୍ଥିତ ରହି ବାରକୋଟ ଅ*ଳ ରେ କିପରି ଆଇନ ସୁରକ୍ଷା ଠିକ ଠାକ ରହିବ ଏବଂ ଆଗକୁ ବାରକୋଟ କାଳୀପୂଜା ଥିବାରୁ କେମିତି ଶାନ୍ତି ଶୃଙ୍ଖଳା ର ସହିତ ପୂଜା ହେବ ।ଏବଂ ଅ*ଳ ରେ ହେଉଥିବା ବେଆଇନ କାର୍ଯ୍ୟ କୁ ରୋକାଯାଇପାରିବ ସେ ବିଷୟରେ ବାରକୋଟ ନୂତନ ଅଧିକାରୀ ଙ୍କ ସହ ଆଲୋଚନା କରିଥିଲେ ।

# ଚାନ୍ଦପୁର ସରପଂଚଙ୍କ ଅନିୟମିତତାକୁ ବିରୋଧ ଉପ-ଜିଲ୍ଲାପାଳଙ୍କୁ ଫେରାଦ ହେଲେ ୧୪ ୱାର୍ଡସଭ୍ୟ

ରଣପୁର, ( ମହାଭାରତ ) : ରଣପୁର ବ୍ଲକ୍ ଅନ୍ତର୍ଗତ ଚାନ୍ଦପୁର ସରପ*ଙ୍କ ମନମାନି ଓ ନାନାଦି ଅନିୟମିତତା ବିରୋଧରେ ପ*ାୟତର ନାଏବ ସରପ* ଓ ସମସ୍ତ ୱାର୍ଡସଭ୍ୟ-ସଭ୍ୟା ଉପ-ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିବା ଜଣାପଡ଼ିଛି । ଅଭିଯୋଗ ମୁତାବକ, ଚାନ୍ଦପୁର ସରପ* ରଞ୍ଜିତା ସେନାପତି ନିଜର ଦାୟିତ୍ୱ ସଠିକ୍ ରୂପେ ପାଳନ କରିବା ପରିବ☐ ନିଜର ସ୍ୱାମୀ ଓ ଦିଅରଙ୍କୁ ହାତବାରିସୀ କରି ପ*ାୟତକୁ ଆସୁଥିବା ବିଭିନ୍ନ ଯୋଜନାର ଅର୍ଥ ତୋଷାରପାତ କରି ନିଜ ସ୍ୱାର୍ଥ ସାଧନ କରିଚାଲିଛନ୍ତି। ଏପରିକି ଏ ନେଇ ପ*ାୟତ ବୈଠକରେ ଆଲୋଚନା ନକରି ଅନେକ ସମୟରେ ୱାର୍ଡସଭ୍ୟଙ୍କ ସ୍ୱାକ୍ଷର କରିବା ସାଙ୍ଗକୁ ପରେ ରିଜୋଲ୍ୟୁସନ କରି ଅନେକ ସମୟରେ ସଭା ଖାତାକୁ ଘରକୁ ଘର ବୁଲାଇ ସ୍ୱାକ୍ଷର କରାଇ କାମ କରିଚାଲିଛନ୍ତି। ସରପ* ଶ୍ରୀମତୀ ସେନାପତିଙ୍କ ସ୍ୱାମୀ ଓ ଦିଅରଙ୍କ ସହାୟତାରେ ବହୁ ଅର୍ଥ ବେଆଇନ ଭାବେ ତୋଷାରପାତ କରିବା ନେଇ ସମସ୍ତ ୱାର୍ଡସଭ୍ୟ-ସଭ୍ୟା ଜାଣିବା ପରେ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ପ*ାୟତ ବୈଠକ ଡକାଯାଇଥିଲେ ହେଁ ଜାଣିଶୁଣି ସରପ* ଏହାକୁ ବର୍ଜନ କରିଆସୁଛନ୍ତି। ଏ ସମ୍ପର୍କରେ ୱାର୍ଡସଭ୍ୟ-ସଭ୍ୟା ମିଳିତ ହୋଇ ଉପ-ଜିଲ୍ଲାପାଳଙ୍କୁ ଭେଟି ନାନାଦି ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ଅବଗତ କରିଛନ୍ତି। ସରପ*ଙ୍କ ବିରୋଧରେ ମୁଖ୍ୟ ଅନିୟମିତତା ଗୁଡ଼ିକ ହେଲା, ପ*ାୟତ କାର୍ଯ୍ୟାଳୟକୁ ନଆସି ନିଜ ଦିଅର ଦ୍ୱାରା ସାଧାରଣ ଜନତାଙ୍କୁ କଟୁ ମନ୍ତବ୍ୟ ଦେବା ସାଙ୍ଗକୁ ଗାଳିଗୁଲଜ କରିବା, ପାନୀୟ ଜଳ ପାଇଁ ପ*ାୟତକୁ ଆସିଥିବା ୯୦ଟି ନୂତନ ପାଇପ୍ ବଦଳରେ ମିଳିଥିବା ୯୦ଟି ପୁରୁଣା ପାଇପ୍?କୁ ପ*ାୟତରେ ନରଖି ଅନ୍ୟତ୍ର ରଖି ହରିଲୁଟ୍ କରିବା, ଗ୍ରାମବାସୀଙ୍କ ବିରୋଧ ସ☐ ଇନ୍ଦିରା କଲୋନୀ ସମ୍ମୁଖରେ ଗୋଚର ଜାଗାରେ ଶ୍ମଶାନ କରିବା ଆଳରେ ୪ଟି ପିଣ୍ଡି କରି ଲକ୍ଷାଧିକ ଟଙ୍କା ମିଥ୍ୟା ବିଲ୍ କରି ଚଳୁ କରିବା, ପ୍ରତିବର୍ଷ ଜଳଛତ୍ର କରିବା ନାମରେ ମିଥ୍ୟା ଫଟୋ ଉଠାଇ ଜଳଯୋଗାଣ ପାଇଁ ଅନୁଦାନ ରାଶି ଆତ୍ମସାତ କରିବା, ପ*ାୟତରୁ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଏବଂ ବଜାର ଭିତରେ ଲକ୍ଷାଧିକ ଟଙ୍କାର ବିଦ୍ୟୁତ ସରଞ୍ଜାମ, ଷ୍ଟ୍ରିଟ୍ ଲାଇଟ୍ ସହ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ହେବାରୁ ବଳକା ସମସ୍ତ ଜିନିଷ ପ*ାୟତରେ ନରଖି ନିଜେ ଚୋରି କରି ଅନ୍ୟତ୍ର ରଖିବା, ପ*ାୟତ କାର୍ଯ୍ୟାଳୟ ପରିସର ପରିଷ୍କାର ପରିଚ୍ଛନତା ପାଇଁ କୌଣସି ପିଅନ କିମ୍ବା ସୁପରଭାଇଜର ନିଯୁକ୍ତି କରାନଯାଇ ସେ ବାବଦରେ ଆସୁଥିବା ଅର୍ଥ ହେରଫେର କରିବା, ବିଦ୍ୟାଳୟ ନିଜସ୍ୱ ପାଣ୍ଠିରୁ ଭୂମିଠାରୁ ୬ଟି ପିଢ଼ି ପଥର ଉଠାଯାଇଥିବା ବେଳେ ପୁନର୍ବାର ସରକାରୀ ଅର୍ଥ ବିନିଯୋଗ ବାହାନାରେ ମିଥ୍ୟା ବିଲ୍ କରିବା, ଚାନ୍ଦପୁର ମଙ୍ଗଳା ସାହିରେ ପୂର୍ବରୁ ଥିବା କୋଠ ଘରେ ଅସ୍ଥାୟୀ ବିଦ୍ୟାଳୟ କରିବା ବାହାନାରେ ଚ*କତା କରି ୫୦ ହଜାର ଟଙ୍କା ସରକାରୀ ଅନୁଦାନ ରାଶି ଉଠାଇ ନେବା, ମଙ୍ଗଳା ସାହିର ନାଳ ପାଣି ନିଷ୍କାସନ ପାଇଁ ନିମ୍ନମାନର ଡ୍ରେନ କରି ଅଧିକ ଖର୍ଚ୍ଚ ଦର୍ଶାଇ ପ*ାୟତ ଅର୍ଥ ଲୁଟିବା, ପ*ାୟତ ଅଧୀନ କଲ୍ୟାଣ ମଣ୍ଡପ ନିମ୍ନମାନର କରି ବିଲ୍ ଉଠାଇବା, ମନରେଗା କାମରେ ନାନାଦି ଅନିୟମିତତା ଆଦି କାର୍ଯ୍ୟ ସରପ* ମନମୁଖି ଭାବେ କରି ଚାଲିଛନ୍ତି। ଏଥିରେ ନାଏବ ସରପ* ବିଜୟ କୁମାର ନାୟକ ଓ ୱାର୍ଡସଭ୍ୟ-ସଭ୍ୟା ପ୍ରମୋଦ କୁମାର ଦାସ, ଲିଲିବାଳା ସାହୁ, ବସନ୍ତ ବେହେରା, ଶାନ୍ତିଲତା ବାରିକ, ରେବତୀ ବେହେରା, ଗେଲି ଦେଇ, ପ୍ରସନ୍ନ କୁମାର, ବାସୁଦେବ ସାହୁ, ବାଉରୀବନ୍ଧୁ ସାହୁ, ମାନିନୀ ପୃଷ୍ଟି, ପ୍ରିୟ ମଲ୍ଲିକ, ରାମକୃଷ୍ଣ ଦଳେଇ ଓ ମୁକ୍ତା ସାହୁ ପ୍ରମୁଖ ଉପ-ଜିଲ୍ଲାପାଳଙ୍କୁ ଭେଟି ସରପ*ଙ୍କ କଳା କାରନାମା ବିରୋଧରେ ଲିଖିତ ଅବଗତ କରିବା ସାଙ୍ଗକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସରପ* ରଞ୍ଜିତା ସେନାପତିଙ୍କୁ ପଚାରିବାରୁ, ସେମାନଙ୍କ ଅଭିଯୋଗର ତଦନ୍ତ କରାଯାଉ, ପ୍ରକୃତ ସତ୍ୟ ପଦାକୁ ଆସିବ।

# ଆଂଚଳିକ ଗଣମାଧ୍ୟମ କର୍ମଶାଳା ‘ବାର୍ତାଳାପ ‘ କାର୍ଯ୍ୟକ୍ରମ ଅନୁଷ୍ଠିତ




କାକଟପୁର, (ମହାଭାରତ) : ପୁରୀ ଜିଲ୍ଲା କାକଟପୁର ନିର୍ବାଚନମଣ୍ଡଳୀ ସ୍ତରରେ କୋଣାର୍କ ଲୋଟସ ରିସର୍ଟ ବୈଠକ ଗୃହ ରେ ସରକାର ଓ ସାମ୍ବାଦିକତା ମଧ ରେ ସୁ ସମ୍ପର୍କ ସ୍ଥାପନ ପାଇଁ ଭାରତ ସରକାର ଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପିଆଇବି ଭୁବନେଶ୍ୱର ପକ୍ଷ ରୁ ବା☐ାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି, ଏହି କାର୍ଯ୍ୟକ୍ରମ ରେ ସୂଚନା ପ୍ରସାରଣ ମନ୍ତ୍ରାଣାଳୟ ର ଓଡିଶା ଏବଂ ଝାଡଖଣ୍ଡ ପ୍ରାନ୍ତ ର ଅତିରିକ୍ତ ମହାନିର୍ଦ୍ଧେଶକ(ଏଡିଜି) ତଥା ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଜେନେରାଲ ଅଖିଳ କୁମାର ମିଶ୍ର କାର୍ଯ୍ୟକ୍ରମ କୁ ସମ୍ବୋଧିତ କରିଥିଲେ, ଏଥି ସହିତ ଅନ୍ୟ ମାନଙ୍କ ଭିତରେ ମ*ାସିନ ଅତୀଥି ରୂପେ ଭୁବନେଶ୍ୱର ସିଜୀଏସଟି ଯୁଗ୍ମ ଆୟୁକ୍ତ ଡୀ କଲ୍ୟାଣ ଚକ୍ରବ☐ୀ କାର୍ଯ୍ୟକ୍ରମ ରେ ପରବ☐ୀ ପିଢୀ ମାନଙ୍କର ଜୀଏସଟି ସଂସ୍କାର ଓ ଏହାର ଲାଭ ସମ୍ପର୍କ ରେ ନିଜ ର ମତାମତ ସାମ୍ବାଦିକ ମାନଙ୍କ ସାମ୍ନା ରେ ଉପସ୍ଥାପନା କରିଥିଲେ, ଏହି ପ୍ରସଙ୍ଗ ରେ ଉପସ୍ଥିତ ଅସ୍ତରଙ୍ଗ କାକଟପୁର କୋଣାର୍କ ଅ*ଳ ର ସାମ୍ବାଦିକ ମାନେ ନୂତନ ଜୀଏସଟି ସମ୍ପର୍କ ରେ ଗ୍ରାମା*ଳ ଲୋକ ମାନଙ୍କୁ କିପରି ସଚେତନତା କରାଇହେବ ଓ ଏଥି ସହିତ ଅନେକ ପଦାର୍ଥ ରେ ପୁରୁଣା ଏମଆରପି କୁ ଆଲୋଚନା ହୋଇଥିଲା, ଖୁବ ଶୀଘ୍ର କମ୍ପାନୀ ମାନେ ନୂତନ ଜୀଏସଟି ଉପରେ ନିଜ ନିଜ ଉତ୍ପାଦିତ ଦ୍ରବ୍ୟ ବଜାର କୁ ଯୋଗାଇ ବେ ବୋଲି ବିଭାଗ ତରଫରୁ ଗଣମାଧ୍ୟମ କୁ ସୂଚନା ଦିଆଯାଇଥିଲା, ଗ୍ରାମା*ଳ ର ଲୋକ ମାନେ ସରକାର ଙ୍କ ଜୀଏସଟି ବ୍ୟବସ୍ଥା ଉପରେ କିପରି ସଚେତନତା ହେବେ ଏହା ଉପରେ ଅଧିକାରୀ ସାମ୍ବାଦିକ ଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଓ ସଚେତନତା ସୃଷ୍ଟି କରିବାକୁ ଆଲୋଚନା ଚକ୍ର ରେ କହିଥିଲେ, ବହୁ ପୁରାତନ ସମୟ ଖବର କାଗଜ ର ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର ମାତୃ ଭାଷା ର ଗୁରୁତ୍ୱ ଏବଂ ଆ*ଳିକ ଭାଷା ରେ ସମ୍ବାଦପତ୍ର ର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ, ବିଶେଷ କରି କେନ୍ଦ୍ର ସରକାର ଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧ ରେ ଆଲୋଚନା କରିବା ସହ ବିଶେଷକରି ଓଡିଶା ରେ ସରକାର ଙ୍କ କୃଷି, ମତ୍ସ୍ୟପାଳନ କ୍ଷେତ୍ର ରେ ଚାଷୀ ମାନେ ଲାଭବାନ ହୋଇଛନ୍ତି ଯାହା ପ୍ରଚ୍ଛଦପଟ ରେ ଗଣମାଧ୍ୟମ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତାମତ ରଖିଥିଲେ, କାର୍ଯ୍ୟକ୍ରମ ଆଗରୁ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ମ*ାସିନ ଅତିଥି ଙ୍କୁ ପୁଷ୍ପଗୁଚ୍ଛ ଓ ଉ☐ରୀୟ ପ୍ରଦାନ କରାଯାଇ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସୀ ), ଭୁବନେଶ୍ୱର ସହାୟକ ନିର୍ଦ୍ଧେଶକ ତଥା ବା☐ାଳାପ ର ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେବା ସହ ବିଭିନ୍ନ ବ୍ଲକ ରୁ ପ୍ରତିନିଧିତ୍ୱ କରୁଥିବା ସାମ୍ବାଦିକ ଙ୍କ ସହ ପରିଚୟ ବା[ଥିଲେ, ସଭା ରେ କେନ୍ଦ୍ର ସରକାର ଙ୍କ ଜନସ୍ୱାର୍ଥ କଲ୍ୟାଣ ର ବିଭିନ୍ନ କାର୍ଯ୍ୟକ୍ରମ କୁ ନେଇ ବିଭିନ୍ନ ସାମ୍ବାଦିକ ଙ୍କ ସହ ଐତିହ୍ୟ, ପୌରାଣିକ, ସଭ୍ୟତା, ଜନ କଲ୍ୟାଣ କାରି ଯୋଜନା, ଆର୍ଥିକ ଅଭିବୃଦ୍ଧି ଓ ସଚେତନତା କୁ ନେଇ ଅନେକ ଆଲୋଚନା ପର୍ଯ୍ୟାୟ କ୍ରମେ ହୋଇଥିଲା, ବହୁ ବରିଷ୍ଠ ସାମ୍ବାଦିକ ଓ ଯୁବ ସାମ୍ବାଦିକ ମାନେ ଯୋଗ ଦେଇଥିଲେ, ପରିଶେଷରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ଭୁବନେଶ୍ୱର ଉପ ନିର୍ଦ୍ଧେଶକ ମନୋଜ କୁମାର ଜାଲି ଧନ୍ୟବାଦ ଜ୍ଞାପନ କରିଥିଲେ କ୍ଷ ଗଣମାଧ୍ୟମ ସହିତ ସରକାର ଙ୍କ ବା☐ାଳାପ କାର୍ଯ୍ୟକ୍ରମ କୁ ସମସ୍ତ ସାମ୍ବାଦିକ ମାନେ ପ୍ରଶଂସା କରିଛନ୍ତି, ଆଲୋଚନା ରେ ଜନ ସମ୍ପର୍କ ଓ ସରକାର ଙ୍କ ଜନକଲ୍ୟାଣ ଯୋଜନା କୁ ଲୋକାଭିମୁଖୀ କରିବାକୁ ଗଣମାଧ୍ୟମ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ ।

# ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ଗଣିଆ, (ମହାଭାରତ): ଗଣିଆ ବ୍ଲକ ମିଶନ ଶକ୍ତି ସଭାଗୃହରେ ରାଷ୍ଟ୍ରୀୟ ପୋଷଣ ମାସ ବୁଧବାର ଦିନ ଅପରାହ୍ନ ରେ ପାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ବିଡିଓ ପ୍ରିତିବାଳା ରଣା ଯୋଗଦାନ କରିଥିବାବେଳେ ମୁଖ୍ୟବକ୍ତାଭାବେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଧୁସୁଦନ ଦାଶ ଓ ସମ୍ମାନିତ ଅତିଥିଭାବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ରାଉତରାୟ, ମିଶନଶକ୍ତି ବିପିସି ପ୍ରଭାକର ଦାଶ, ସୁପରଭାଇଜର କଳ୍ପନା ମିଶ୍ର ଯୋଗଦାନ କରିଥିବାବେଳେ ରାଷ୍ଟ୍ରୀୟ ପୋଷଣର ବ୍ଲକ ସଂଯୋଜିକା ଶର୍ମିଷ୍ଠା ଶତପଥି ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ୭୦ରୁ ଉର୍ଦ୍ଧ ମହିଳା ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ୧୭ ସେପଟ୍ମ୍ବର ରୁ ୧୬ ଅକ୍ଟୋବର ପର୍ଯ୍ୟନ୍ତ ୩୦ଦିନ ଧରି ଚାଲିଥିଲା । ଏହି ମାସ ପାଳନର ମୂଳ ଲକ୍ଷ ଶିଶୁମାନଙ୍କର ରକ୍ତହନତା ଦୁର କରିବା ମୂଳ ଲକ୍ଷ ବୋଲି ମୁଖ୍ୟବକ୍ତାଭାବେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଧୁସୁଦନ ଦାସ କହିଥିଲେ । ମାଉ ଗର୍ଭାବସ୍ଥା ଠାରୁ ଆରମ୍ଭ କରି ଶିଶୁର ଜନ୍ମର ୨ବର୍ଷ ର୍ପ୍ୟନ୍ତ ପ୍ରାୟ ୧୦୦୦ଦିନ ପର୍ଯ୍ୟନ୍ତ କିଭଳି ଶିଶୁର ଯତ୍ନ ନେଲେ ରକ୍ତ ହୀନତା ହେବ ନାହିଁ ସେ ବିଷୟରେ ଆଲୋଚନା କରାଯାଇଥିଲା । ରକ୍ତହିନତା, ହାତଧୁଆ ସ୍ୱଚ୍ଛତା ଆଦି ସଂପର୍କରେ ସଚେତନତା କରାଯାଇଥିଲା । ଏଥି ସହିତ ମୋ ଉପକାରୀ ବଗିଚା ସଂପର୍କରେ ଆଲୋଚନା କରାଯାଇଥିଲା । ବାଡ଼ିରେ ବିଭିନ୍ନ ପ୍ରକାର ସବୁଜ ପନିପରିବା ଚାଷକରି ଶିଶୁମାନଙ୍କୁ ଖାଇବାକୁ ଦେବା ଓ ନିଜେ ଖାଇଲେ ତାହା ବିଭିନ୍ନମାରାତ୍ମକ ରୋଗରୁ ରକ୍ଷା କରିପାରିବ ବୋଲି ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ଅବସରରେ କିଶୋରୀ ବାଳିକା ଓ ଅଙ୍ଗନୱାଡ଼ି କେନ୍ଦ୍ର ପିଲାମାନଙ୍କ ମଧ୍ୟରେ ନାଚ ଗୀତର ପ୍ରତିଯୋଗିତା, ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିଶୁମାନଙ୍କର ପୋଷଣ ସଂପର୍କରେ ବକ୍ତୃତା, ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା । ବକ୍ତୃତାରେ ସୋନାଲି ରାଉତ ପ୍ରଥମ, ସୁକାନ୍ତ ଜେନା ୨ୟ, ସୁଧାଂଶୁ ଶେଖର ସାହୁ ୩ୟ, ପ୍ରବନ୍ଧରେ ସୋନାଲି ରାଉତ ପ୍ରଥମ, ମିରାବାଇ ସ୍ୱାଇଁ ୨ୟ, ସୁଚିତ୍ରା ଦାଶ ୩ୟ ଓ କୁଇଜରେ ସୁକାନ୍ତ ଜେନା ପ୍ରଥମ, ସୋନାଲି ରାଉତ ୨ୟ ଓ ମିରାବାଇ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ମଣ୍ଡୁଆ-ସରାସ ରାସ୍ତା ଖୋଳି ଦେଲା ଠିକା ସଂସ୍ଥା



କେନ୍ଦୁଝର, (ମହାଭାରତ): ପୂ☐ ବିଭାଗର ଆଟୋପୁର-ଇନ୍ଦୁକୁଳି ସାହି-ବଡଦାଣ୍ଡ-ହୁଡକୋ କଲୋନୀ-ଠାକୁରପାଟଣା, ବଳଭଦ୍ରପୁର ଏବଂ ମଣ୍ଡୁଆ-ସରାସ-ମୁଣ୍ଡାସାହି ଛକ ରାଙ୍କି ରାସ୍ତାରେ ପାଇପ ଲାଇନ ଏବଂ ଅପଟିକାଲ ଫାଇବର କେବୁଲ ଖୋଳିବା ଯୋଗୁଁ ରାସ୍ତା ନଷ୍ଟ ହୋଇଛି । ବିନା ଅନୁମତିରେ ଏହି କାମ କରାଯାଉଥିବାରୁ ପୂ☐ ବିଭାଗ ପକ୍ଷରୁ ଉଭୟ କାମ କରୁଥିବା ଠିକାଦାର ଏବଂ ଗ୍ରାମୀଣ ଜଳଯୋଗାଣ ଓ ପରିମଳ ସଂସ୍ଥା ବିରୁଦ୍ଧରେ ଟାଉନ ଥାନାରେ ଆଜି ଏତଲା ଦିଆଯାଇଛି । ପୂ☐ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ଏତଲା ଦେଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ମଣ୍ଡୁଆ-ସରାସ ଦେଇ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାଟି କେନ୍ଦୁଝର ସହରବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅଟେ । ପୂ☐ ବିଭାଗ ରାସ୍ତାର ଉନ୍ନତିକରଣ ବାବଦରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ପାଇପ ଲାଇନ ଏବଂ ଅପଟିକାଲ ଫାଇବର କେବୁଲ କାମ ଯୋଗୁଁ ରାସ୍ତାଟି ଗମନାଗମନ ଅନୁପଯୋଗୀ ହୋଇପଡିଛି । ବିନା ଅନୁମତିରେ ରାସ୍ତା ତାଡି ପାଇପ ଲାଇନ ଏବଂ ଅପଟିକାଲ କେବୁଲ ପକାଉଥିବାରୁ ଏବେ ଏହି ରାସ୍ତା ଦେଇ ଯିବା ଆସିବା କରିବାରେ ସମସ୍ୟା ସୃଷ୍ଟି ହେଉଛି । ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ବେଲଦା ଏବଂ ସରାସ ଗାଁ ନିକଟରେ ଜେସିବି ମେସିନ ସାହାଯ୍ୟରେ କଂକ୍ରିଟ ରାସ୍ତା ତାଡି ପାଣି ପାଇପ ଲାଇନ ଏବଂ ଅପଟିକାଲ କେବୁଲ ବିଛା ଚାଲିଛି । ଫଳରେ ରାସ୍ତା ଏବଂ ଅନେକ ସ୍ଥାନରେ ଡ୍ରେନ ମଧ ଭାଙ୍ଗି ଯାଇଛି । ଏହି ରାସ୍ତାକଡରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସେ[ାଲାଇଜ୍ କିଚେନ୍ ସେ[ର, କେନ୍ଦ୍ର୍ୟ ବିଦ୍ୟାଳୟ,ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ରହିଛି । ଏହି ଶିକ୍ଷାନୁଷ୍ଠାନ ଗୁଡିକରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି । ଏହି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ଯାତାୟତ ନିମନ୍ତେ ଏକମାତ୍ର ରାସ୍ତା ଅଟେ । ଏହି ରାସ୍ତା ବର୍ଷ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିବା ପରେ ପୂ☐ ବିଭାଗ ରାସ୍ତାର ଉନ୍ନତିକରଣ କରିଥିଲା । ମାତ୍ର ଏବେ ପାଇପ ଲାଇନ ଏବଂ ଅପଟିକାଲ ବିଛାଉଥିବା ଠିକା ସଂସ୍ଥା ପୂ☐ ବିଭାଗ ବିନା ଅନୁମତିରେ ପାଇପ ପକାଉଥିବାରୁ ରାସ୍ତାଟି ବିପଦସଙ୍କୁଳ ହୋଇପଡିଛି । ଏହି ରାସ୍ତା ଉପରେ ନିୟମିତ ଶହ ଶହ ଅଟୋରିକ୍ସା ଠାରୁ ଆରମ୍ଭ କରି ଚାରି ଚକିଆ ଓ ମୋଟରସାଇକେଲ ଯୋଗେ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନକୁ ଅତି ବିପଦସଂକୁଳ ପରିସ୍ଥିତିରେ ଯାତାୟତ କରୁଛନ୍ତି । ଏ ନେଇ ପୂ☐ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ସମ୍ବିତ କୁମାର ମହାନ୍ତି ଙ୍କ ସହ ଯୋଗାଯୋଗ କରିବାରୁ ଦୁଇଟି ଠିକା ସଂସ୍ଥା ଅନୁମତି ନ ଥାଇ ବେଆଇନ ଭାବେ ରାସ୍ତା ଭାଙ୍ଗି ପାଇପ ଲାଇନ ଏବଂ ଅପଟିକାଲ କେବୁଲ ପକାଉଛନ୍ତି । ବିନା ଅନୁମତିରେ କାମ ଚାଲି ଥିବାରୁ କାମ ବନ୍ଦ କରିବାକୁ କୁହାଯାଇଛି । ଏ ନେଇ ଥାନାରେ ଏତଲା ଦିଆଯାଇଛି । ବିନା ଅନୁମତିରେ ଏଭଳି କାମ କିପରି ଚାଲିଛି ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ସଂପୃକ୍ତ ଠିକା ସଂସ୍ଥା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଗୋରୁ ଚମଡ଼ା ବୋଝେଇ ପିକଅପ୍ ଭ୍ୟାନ ଧରି ପୋଲିସ ଜିମା ଦେଲେ ବଜରଙ୍ଗଦଳ କର୍ମକର୍ତ୍ତା



ବାଲିଚନ୍ଦ୍ରପୁର,(ମହାଭାରତ) ବୁଧବାର ଅପରାହ୍ନ ୫ଟା ସମୟରେ ଏକ ଗୋରୁ ଚମାଡ଼ା ବୋଝେଇ ପିକ୍‌ଅପ୍ ଭ୍ୟାନ ବ୍ରହ୍ମବରଦା ପଟରୁ ବାଲିଚନ୍ଦ୍ରପୁର ଅଭିମୁଖେ ଆସୁଥିବା ସମୟରେ ଅରେଇକଣା ନିକଟରେ ବଡ଼ଚଣା ବଜରଙ୍ଗ ଦଳ ନଜରରେ ପଡ଼ିଥିଲା। ଉକ୍ତ ଗାଡ଼ିକୁ ସେମାନେ ଅଟକାଇ ଯାଂଚ କଲାବେଳକୁ ସେଥିରେ ପ୍ରାୟ ଦୁଇ ହଜାର ରୁ ଉର୍ଦ୍ଧ୍ୱ ଗୋରୁ ଚମଡ଼ା ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ଉକ୍ତ ଗାଡ଼ିରେ ଥିବା ବ୍ୟାକ୍ତି ମାନଙ୍କୁ ପ୍ରଶ୍ନ କରିବାରୁ ସେମାନେ ବଜରଙ୍ଗ ଦଳର କର୍ମୀଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ଧମକ ଚମକ ଦେବା ସମୟରେ ସ୍ଥାନୀୟ ଗ୍ରାମବାସୀ ଓ ଅନ୍ୟାନ୍ୟ ବଜରଙ୍ଗ ଦଳର କର୍ମକର୍ତ୍ତା ପହଞ୍ଚିଯିବାରୁ ଡ୍ରାଇଭର ସମେତ ବ୍ୟକ୍ତି ମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ତେବେ ଉକ୍ତ ଗାଡ଼ିକୁ ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ି (ଓ ଡ଼ି ୦୫ ଆର ୫୭୪୨)କୁ ନିଜ ହେପାଜତକୁ ନେଇଛି। ଏ ନେଇ ବଡ଼ଚଣା ବଜରଙ୍ଗ ଦଳ ସଂଯୋଜକ ଏବଂ କାର୍ଯ୍ୟକର୍ତ୍ତା ମାନେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୩୧୨/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା ମାନେ ଥାନାରେ ଜଗିରହି କାର୍ଯ୍ୟାନୁଷ୍ଠାନ ଦାବିରେ ଅଡ଼ିବସିଥିବା ଜଣାପଡ଼ିଛି। ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ବଜରଙ୍ଗ ଦଳ ବିକଳ୍ପ ପନ୍ଥା ଆପେଣେଇବେ ବୋଲି ସଂଯୋଜକ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଥାନାଧିକାରୀ ସମରଜିତ୍ ନାୟକଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ କାଟିଦେଇଥିଲେ।

## ବାରକୋଟ ଥାନା ଧିକାରୀଙ୍କୁ ସମ୍ବର୍ଦ୍ଧନା

ଦେବଗଡ ( ମହାଭାରତ) ଆଜି ବାରକୋଟ ନୂତନ ଥାନା ଅଧିକାରୀ ସୁଶାନ୍ତ କୁମାର ବଢେଇ ଙ୍କୁ ଦେବଗଡ଼ ଜିଲ୍ଲା ସାମ୍ବାଦିକ ୟୁନିୟନ ବାରକୋଟ ଶାଖା ତରଫରୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆ ଯାଇଛି । ବାରକୋଟ ସାମ୍ବାଦିକ ସଂଘ ର ଗଣନାଥ ମହାପାତ୍ର, ନିରଞ୍ଜନ ନନ୍ଦ, ସନ୍ତୋଷ ମହାପାତ୍ର, ସୁଦାମ ବେହେରା, ବିବେକାନନ୍ଦ ସାହୁ ଉପସ୍ଥିତ ରହି ବାରକୋଟ ଅଞ୍ଚଳ ରେ କିପରି ଆଇନ ସୁରକ୍ଷା ଠିକ ଠାକ ରହିବ ଏବଂ ଆଗକୁ ବାରକୋଟ କାଳୀପୂଜା ଥିବାରୁ କେମିତି ଶାନ୍ତି ଶୃଙ୍ଖଳା ର ସହିତ ପୂଜା ହେବ।ଏବଂ ଅଞ୍ଚଳ ରେ ହେଉଥିବା ବେଆଇନ କାର୍ଯ୍ୟ କୁ ରୋକଯାଇପାରିବ ସେ ବିଷୟରେ ବାରକୋଟ ନୂତନ ଅଧିକାରୀ ଙ୍କ ସହ ଆଲୋଚନା କରିଥିଲେ ।

## ଛାତ୍ର ଛାତ୍ରୀଙ୍କୁ ଏଡ଼ସ ଓ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

ଆସିକା(ମହାଭାରତ)ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଏଡ଼ସ ଓ ଯକ୍ଷ୍ମା ରୋଗ ନିମନ୍ତେ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା, ଯୁବ ରେଡ଼କ୍ରସ,ଏସ୍.ଡି.ଏଚ. ଆସିକା ଡାକ୍ତରଖାନା ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ମହାବିଦ୍ୟାଳୟର ଅଧକ୍ଷ ଅମର ପ୍ରସାଦ ବିଷୋୟୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁରର ଅଧକ୍ଷ ଡ.ଅଜୟ କୁମାର ତ୍ରିପାଠୀ ସଭାରେ ଯୋଗ ଦେଇ ଏଡସ ଓ ଯକ୍ଷ୍ମା ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ସୂଚନା ଦେବା ସହ ଏହାର କାରଣ ଓ ନିରାକରଣ ପାଇଁ କିପରି ସଚେତନତା ଅବଲମ୍ବନ କରା ଯାଇପାରିବ,ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।ଆସିକା ଡାକ୍ତରଖାନାର ସିନିୟର ଟିବି ସଂଯୋଜକ ସଙ୍ଗୀତା ସ୍ୱାଇଁ,ଭବାନୀ ତ୍ରିପାଠୀ ଯୋଗଦେଇ ଏଚ.ଆଇ.ଭି. ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ।ଏଭଳି ମାରାତ୍ମକ ରୋଗରୁ କିପରି ବଞ୍ଚିତ ହୋଇ ପାରିବା, ସଚେତନ ହୋଇ ପାରିବା,ଲୋକଙ୍କୁ ସଚେତନ କରିବା ଏହି ବିଷୟରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ଜାତୀୟ ସେବା ସଂସ୍ଥାର ଅଧିକାରୀ ସିଲୁ ସେଠୀ ନିଜର ଅଭିଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭାରେ ମହାବିଦ୍ୟାଳୟର ଅଧାପକ ଅଧାପିକା ଉପସ୍ଥିତ ଥିଲେ।

## ଯୁବକକୁ ପଥରରେ ଛେଚି ନିର୍ମମ ହତ୍ୟା: ୨ଜଣ ଗିରଫ

ପରଜଙ୍ଗ- (ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମର ଗଙ୍ଗାଧରପୁର ସାହି ରାସ୍ତାରେ ଜଣେ ଯୁବକକୁ ପଥରରେ ଛେଚି ନିର୍ମମ ହତ୍ୟା କରାଯାଇଥିବା ୨ଜଣ ହତ୍ୟାକାରୀ କୁ ପରଜଙ୍ଗ ପୋଲିସ ଗିରଫ କରିଛି। ହତ୍ୟା କାଣ୍ଡରେ କେତେ ଜଣ ଯୁବକ ସମ୍ପୃକ୍ତ ଥିଲେ ଏନେଇ ପୋଲିସ ତନାଘନା କରିଥିଲେ । ସୂଚନା ମୁତାବକ ଆମ୍ବପଳାସ ଗ୍ରାମ ଗଙ୍ଗାଧରପୁର ସାହିର କାବୁନା ନାଏକ (୪୫) ବର୍ଷ । କାବୁନା ଶନିବାର ରାତି ୯ଟାରେ ଘରୁ ବାହାରକୁ ଯାଇ ଆଉ ଫେରୀ ନ ଥିଲ।ରବିବାର ସକାଳୁ ତାଙ୍କ ଘର ଠାରୁ ଅଳ୍ପ ଦୂରରେ ରାସ୍ତା କଡରେ ମୃତ ଦେହ ପଡ଼ିଥିବା ନେଇ ସ୍ଥାନୀୟ ଲୋକମାନେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ତାଙ୍କୁ ପ୍ରଥମେ ବାଡ଼ିରେ ଜଙ୍ଘ, ଗୋଡକୁ ପିଟିବା ସହିତ ମୁଣ୍ଡକୁ ଏକ ବଡ଼ ପଥରରେ ଛେଚି ହତ୍ୟାକରୀ ଜଣ ଯୁବକ ହେଲେ ବୁଲୁ ନାଏକ ୧୮ ବର୍ଷରୁ ଉର୍ଦ୍ଧ ପିତା ହାଡ଼ି ନାଏକ ଘର ଗଡ଼ପଳାଶୁଣୀ ବୁଲୁ ନିଜ ଭଉଣୀ ଘର ଅମ୍ବପଳାସ ଗ୍ରାମରେ ରହି ନିଜର ପ୍ରତିପୋଷଣ କରୁଥିଲା ଆଉ ଜଣେ ୧୮ ବର୍ଷ କମ ସାବାଳକ ମିଶି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଖବର ଅନୁଯାଇ ପୂର୍ବ ଶତ୍ରୁତା ଓ ପ୍ରତିଦିନ କାବୁନା ମଦ୍ୟପନ କରି ବାରମ୍ବାର ବୁଲୁକୁ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଥିବାରୁ କାବୁନା ମୁଣ୍ଡକୁ ଏକ ବଡ଼ ପଥରରେ ଛେଚି ହତ୍ୟା କରିଥିବା ବୁଲୁ ଓ ସାବାଳକ ଦୁହେଁ ମିଶି ହତ୍ୟା କରିଛନ୍ତି। ଏନେଇ ପରଜଙ୍ଗ ପୋଲିସ ହତ୍ୟା ମାମଲା ରୁଜୁ କରି ପୋଲିସ କେସ ନଂ ୪୬୫/୨୫ ଧାରାରେ ୨ଜଣ ହତ୍ୟାକାରୀକୁ କୋର୍ଟ ଚାଲାଣ କରିଛି।

# କାର୍ତ୍ତିକରେ ମହଙ୍ଗା ମାଡ଼ : ସବୁଜ ପନିପରିବା ଦର ଅହେତୁକ ବୃଦ୍ଧି



ନୟାଗଡ଼, ( ମହାଭାରତ ) : କାର୍ତ୍ତିକ ମାସରେ ହାଣ୍ଡିଶାଳ ଉପରେ ମହଙ୍ଗା ମାଡ଼ ଚିନ୍ତାରେ ପକାଇଛି। ସବୁଜ ପନିପରିବା ଦରବୃଦ୍ଧି ସାଂଘାତିକ ସମସ୍ୟା ସୃଷ୍ଟି କରିଛି। ଆଳୁ ଓ ପିଆଜକୁ ଛାଡ଼ି ଦେଲେ ଅନ୍ୟ ସବୁ ପନିପରିବା କେଜି ୫୦ରୁ କମରେ ମିଳୁନାହିଁ। ନୟାଗଡ଼ ସହରର ପ୍ରମୁଖ ପରିବା ବଜାର ଗୁଡ଼ିକରେ ବିକ୍ରି ହେଉଥିବା ପନିପରିବା ଦର ଗୁଡ଼ିକୁ ଲକ୍ଷ କଲେ ଆଜି ବାଇଗଣ କେଜି ପ୍ରତି ୬୦ ରୁ ୭୦ ଟଙ୍କାରେ ବିକ୍ରି ହେଉଥିବା ସୂଚନା ମିଳିଛି। ଝୁଲଣ ୭୦ ଟଙ୍କା, ପୋଟଳ ୭୦ ଟଙ୍କା, ଫୁଲ ୭୦ ଟଙ୍କା, ବନ୍ଧା ୪୦ ଟଙ୍କା, କଲରା ୬୦ ଟଙ୍କା, କାକୁଡ଼ି ୫୦ ଟଙ୍କା, ପାଣିଆଳୁ ୧୦୦ ଟଙ୍କା, କାଙ୍କଣ ୭୦ ଟଙ୍କା, ଦେଶୀ କାଙ୍କଣ କେଜି ୧୮୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଭାବେ ଭେଣ୍ଡି କେଜିକୁ ୫୦ ଟଙ୍କା, ବିଲାତି ୬୦ ଟଙ୍କା, କଞ୍ଚା କଦଳି ଗୋଟାକୁ ୧୦ ଟଙ୍କା, ଖାମ୍ବ ଆଳୁ ୧୨୦ ଟଙ୍କା, ବିନ୍ସ ୮୦ ଟଙ୍କା, ଗାଜର ୫୦ ଟଙ୍କା, କଖାରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଚାଷୀ ଠାରୁ କମ ମୂଲ୍ୟରେ କ୍ରୟ କରି ବ୍ୟବସାୟୀ ମାନେ ଜାଣିଶୁଣି ଏଭଳି ଦରବୃଦ୍ଧି କରୁଥିବା ଅଭିଯୋଗ ହେଉଛି। କାର୍ତ୍ତିକ ମାସରେ ଆମିଷ ବ୍ୟବହାର କମ ଥିବା ବେଳେ ସବୁଜ ପନିପରିବା ଦରବୃଦ୍ଧି ଦ୍ୱାରା ଖାଉଟି ଚିନ୍ତାରେ ପଡ଼ୁଛନ୍ତି। ଫଳରେ ଗରୀବ ଓ ମଧ୍ୟବିତ ପରିବାର ଚିନ୍ତାରେ ପଡ଼ିଥିବା ସୂଚନା ମିଳିଛି।

## ପାରାଦୀପରେ ଏମଏସଏମଇ ଭେଣ୍ଡର ବିକାଶ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ



ପାରାଦୀପ – ଭାରତ ସରକାରଙ୍କ ସୁକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ମନ୍ତ୍ରଣାଳୟ ର ଏମଏସଏମଇ ବିକାଶ ଓ ସୁବିଧା କାର୍ଯ୍ୟାଳୟ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପାରାଦୀପ ବିଜୁ କନଭେସନ ସେଣ୍ଟର ଠାରେ ଅକ୍ଟୋବର ୧୪ ଏବଂ ୧୫ ତାରିଖ ଏକ ଦୁଇଦିନିଆ ଭେଣ୍ଡର ବିକାଶ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏମଏସଏମଇ ଏବଂ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ଓ ବିଭାଗ ମଧ୍ୟରେ ବ୍ୟବସାୟିକ ସହଯୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ.ହରନାଦ, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର, ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ,ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଓଡିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭଣେ (ଆଇଏଏସ), ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କଟକ ଏମଏସଏମଇ-ଡିଏଫଓ ଯୁଗ୍ମ ନିର୍ଦ୍ଦେଶକ ପି.କେ.ଗୁପ୍ତା ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉଦଘାଟନୀ ଅଧିବେଶନରେ ଏମଏସଏମଇ-ଡିଏଫଓ ସହ ନିର୍ଦ୍ଦେଶକ ଡ଼ଃ. ଏସ.ଏନ.ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଓଡିଶାରୁ ପ୍ରାୟ ୧୫୦ ରୁ ଉର୍ଦ୍ଧ ଏମଏସଏମଇ ସଂସ୍ଥା ଅଂଶଗ୍ରହଣ କରିଥିଲେ । ବିଭିନ୍ନ ସରକାରୀ ବିଭାଗ ଏବଂ ଏମଏସଏମଇ କ୍ଷମତା ଓ ଉତ୍ପାଦ ପ୍ରଦର୍ଶନ ପାଇଁ ୨୦ ଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯାଇଥିଲା । ପ୍ରଥମ ଦିନରେ ପାରାଦୀପ ବନ୍ଦର ପ୍ରାଧିକରଣ, ଆଇଓସିଏଲ, ଏମସିଏଲ, ଆରଏସପି, ପୂର୍ବତଟ ରେଳ ବିଭାଗ, ଆଇଆରସିଟିସି, ଏନଟିପିସି, ହାଲ, ଅର୍ଡନାନ୍ସ ଫ୍ୟାକ୍ଟ୍ରି ପ୍ରମୁଖ ଏମଏସଏମଇ ପାଇଁ ବ୍ୟବସାୟିକ ସୁଯୋଗ ଉପରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା କ୍ଷ ସେହିପରି ଭୁବନେଶ୍ୱରର ଏନଆରଡିସି ମୁଖ୍ୟ ବି.କେ.ସାହୁ ଙ୍କ ଦ୍ୱାରା ଏମଏସଏମଇ ପାଇଁ ଆଇପି ଉପକରଣ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ବିକ୍ରେତା ଓ ପଞ୍ଜିକରଣ ଏବଂ ବ୍ୟବସାୟ ବିକାଶ ପାଇଁ ଏମଏସଏମଇ ଅଂଶଗ୍ରହଣକାରି ଏବଂ ବିଭିଉ ସିପିଏସଇ ମଧ୍ୟରେ ବି୨ବି ବୈଠକ ଅନୁଷ୍ଠିତ ହୋଇଥିଲା । ସେହିପରି, କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ନାଲକୋ ଏବଂ ଇଫକୋ ମଧ୍ୟରେ ବ୍ୟବସାୟିକ ସୁଯୋଗ ଉପରେ ଉପସ୍ଥାପନା ଏବଂ ଏମଏସଏମଇ ମନ୍ତ୍ରାଳୟ ଦ୍ୱାରା ଏସଆଇଡିବିଆଇ ଯୋଜନା, ଜିଇଏମ ପଞ୍ଜିକରଣ, ପ୍ରଯୁକ୍ତି ବିଦ୍ୟା ସ୍ଥାନାନ୍ତର ଇତ୍ୟାଦି ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏମଏସଏମଇ ଏବଂ କ୍ରୟ ଏଜେନ୍ସି ମଧ୍ୟରେ ସିଧାଶଳଖ ସମ୍ପର୍କ ସ୍ଥାପନ, ସରକାରୀ ଯୋଜନା ବିଷୟରେ ସଚେତନତା ବୃଦ୍ଧି ଏବଂ ବିକ୍ରେତା ପଞ୍ଜିକରଣ ଏବଂ ସହଯୋଗ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବାର ଉଦ୍ଦେଶ୍ୟକୁ ସଫଳତାର ସହିତ ଉପସ୍ଥାପନ କରାଯାଇଥିଲା । ତେବେ କାର୍ଯ୍ୟକ୍ରମର ଉଦଘାଟକ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ ଭେଣ୍ଡର ଡେଭେଲପମେ□ ପ୍ରୋଗ୍ରାମ ପବ୍ଲିକ୍ ସେକ୍ଟରର କ୍ଷମତା ବୃଦ୍ଧି କରିବା ସହ ଓଡ଼ିଶାରେ ଏମ୍ଏସ୍ଏମ୍ଇ କ୍ଷେତ୍ରର ଅଭିବୃଦ୍ଧି କରି ରାଜ୍ୟର ସାମଗ୍ରିକ ଅଭିବୃଦ୍ଧି ଏବଂ ଆର୍ଥିକ ରୂପାନ୍ତରଣରେ ବିଶେଷ ଭାବେ ସହାୟକ ହୋଇପାରିବ ।

## କ୍ଲଷ୍ଟର୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଋନ୍ଦବାଲି (ମହାଭାରତ): ଋନ୍ଦବାଲି ବ୍ଲକ୍ ଗୋପାଳପୁର କ୍ଲଷ୍ଟର୍ ଅଧିନସ୍ଥ ଓସ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ତପନ ସାହୁଙ୍କ ସଂଯୋଜନାରେ କ୍ଲଷ୍ଟର୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷୟିତ୍ରୀ ଲତା ପାଢୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଋନ୍ଦବାଲି ବ୍ଲକ୍ ର ସହ ଶିକ୍ଷାଧିକାରୀ ତ୍ରିପୁରା ପଲାଇ,ମୁଖ୍ୟବକ୍ତା ବଡଓସ୍ତିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ମହେଶ୍ୱର ସାହୁ ଓ ସମ୍ମାନିତ ଅତିଥି ରୂପେ ସମାଜସେବୀ ବ୍ରଜସୁନ୍ଦର ମହାନ୍ତି,ପ୍ରଫୁଲ୍ଲ କୁମାର ସାହୁ,ଶାରଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ୍ ମିଶ୍ର, ଯୁବ ସମାଜସେବୀ ତଥା ଶିକ୍ଷାବିତ୍ କାହ୍ନୁଚରଣ ପରିଡା ଓ ଜଗା ଋକର ସଂଘର ସଦସ୍ୟ ତଥା କବୟିତ୍ରୀ ସୁପ୍ରଭା ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ୍ୟ ୧୫ଟି ବିଦ୍ୟାଳୟରୁ ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।

## ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତଯୋଗିତା – ୨୦୨୫



ଗଜପତି(ମହାଭାରତ): ବୁଧବାର ପାରଳାଖେମୁଣ୍ଡି ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା – ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଜିଲ୍ଲାର ବିଭିଓ ବ୍ଲକରୁ ମୋଟ ୧୨ଟି ଲୋକନୃତ୍ୟ ଦଳ ଅଂଶଗ୍ରହଣ କରି ନିଜର ନୃତ୍ୟକଳା ଓ ଲୋକ ସଂସ୍କୃତିର ଅପୂର୍ବ ଦୃଶ୍ୟ ପ୍ରଦର୍ଶନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ. ମାୟାଧର ସାହୁ ଯୋଗଦେଇ ଲୋକନୃତ୍ୟ ମାଧ୍ୟମରେ ଆମେ ନଜ ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷଣ କରିପାରିବା ଏବଂ ଏହା ଯୁବପିଢି ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ବୋଲି କହିଥିଲେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଏସ୍ ଗିରିଧର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଆମ୍ପୋଲୁ ରବି କୁମାର , ପ୍ରଧାନ ଶିକ୍ଷକ ଶ୍ରୀ ପୂର୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ବିଜେତା ଦଳଗୁଡିକୁ ପୁରସ୍କୃତ କରିଥିଲେ।

## କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ ସମ୍ପର୍କରେ ପ୍ରସ୍ତୁତି ବୈଠକ

ଭବାନୀପାଟଣା:(ମହାଭାରତ): ଆସନ୍ତା ନଭେମ୍ବର ପହିଲା ତାରିଖ ଦିନ କଳାହାଣ୍ଡି ଜିଲ୍ଲା ଗଠନ ଦିବସ- ୨୦୨୫ ପାଳନ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ବୈଠକ ର କାର୍ଯ୍ୟ ସୂଚୀ ଅନୁଯାଇ ଆଲୋଚନା କରିବା ପାଇଁ ଜିଲ୍ଲାପାଳ ଙ୍କୁ ଅନୁରୋଧ କରିଥିଲେ।ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ବୈଠକ ର କାଯ୍ୟସୂଚୀ ପଠନ ସହିତ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ ଜିଲ୍ଲା ଗଠନ ଦିବସ କୁ ମହାସମାରୋହରେ ପାଳନ କରିବା ଦିଗରେ ସମସ୍ତ ଙ୍କର ସହଯୋଗ ର ଆବଶ୍ୟକତା ଉପରେ ଗୁରୁ ଦେଇଥିଲେ। ଜିଲ୍ଲା ଗଠନ ଦିବସ କୁ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ ବ୍ଲକ,ସହରାଞ୍ଚଳ, ଓ ଜିଲ୍ଲାସ୍ତରରେ ମହାସମାରୋହରେ ପାଳନ କିପରି କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଭବାନୀପାଟଣା ସହରରେ ମସଲା ଶୋଭାଯାତ୍ରା, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିଓ ପ୍ରତିଯୋଗିତା, ପୁସ୍ତକ ମେଳା, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହରାଞ୍ଚଳ ନିର୍ବାହୀ ଅଧିକାରୀ ନିଜ ନିଜ ସ୍ତରରେ ଆୟୋଜନ କରିବା କୁ ଥିବା ଆବଶ୍ୟକ କାର୍ଯ୍ୟକ୍ରମ ର ଖସଡା ପ୍ରସ୍ତୁତ କରି ଜିଲ୍ଲା ସଂସ୍କୃତି ଅଧିକାରୀ ଙ୍କ ସହିତ ଯୋଗାଯୋଗ କରି ବ୍ଲକ ଏବଂ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ କୁ ସୁଋରୁ ରୂପେ ପରିଋଳନା କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି,ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପ ଜିଲ୍ଲାପାଳ ଭବାନୀ ପାଟଣା, ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସିଂ, ପି ଏ ଆଇ ଟି ଡି ଏ ପ୍ରଦ୍ୟୁମ୍ନ କୁମାର ଦାସ, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ଶିବାଜୀ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ,ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧକାନ୍ତ ଛତ୍ରୀଆ,ଉତ୍ସବ ପାଳନ କମିଟି ର ସଦସ୍ୟ ଜୟନ୍ତ କୁମାର ବେହେରା, ଅଶୋକ କୁମାର ପଟ୍ଟନାୟକ,କରୁଣାକର ଦାସ ଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହରାଞ୍ଚଳ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଛଅ ବର୍ଷରେ ଭୂତ ଖାଇଗଲେ ହଜାରେ କ୍ୱିଣ୍ଟାଲ୍ ଋଉଳ

## କେଳେଙ୍କାରି ଧରାପଡୁଥିଲେ ବି ତାଲିକାରୁ କଟୁନି




ନୟାଗଡ଼, ( ମହାଭାରତ ) : ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗାଇ ଦିଆଯାଉଥିବା ରାସନ କାର୍ଡ କେଳେଙ୍କାରୀ ସୀମା ଟପିଲାଣି। ବର୍ଷ ବର୍ଷ ଧରି ମୃତ ବ୍ୟକ୍ତିଙ୍କ ନାଁରେ କ୍□ାଲ୍ କ୍ୱିଣ୍ଟାଲ୍ ଋଉଳ ଉଠୁଥିଲେ ମଧ ସବୁ ଜାଣି କିଛି ନ ଜାଣିବା ପରି ଅଭିନୟ କରୁଛି ଜିଲ୍ଲା ଯୋଗାଣ ବିଭାଗୟ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ଲକ୍ ସ୍ତରରେ ହେଉଥିବା ଜନଶୁଣାଣିରେ ଅଡିଟର୍ ଏହି କେଳେଙ୍କାରିକୁ ପଦାକୁ ଆଣି କେଉଁ କେଉଁ ମୃତ ହିତାଧିକାରୀଙ୍କ ନାଁରେ ଋଉଳ ଉଠୁଛି ବୋଲି ସ୍ପଷ୍ଟ ପ୍ରମାଣ ଦେଉଥିଲେ ମଧ କିଛି ପଦକ୍ଷେପ ନିଆଯାଉନାହ। ଛଅ ବର୍ଷରେ ହଜାରେ କ୍ୱିଣ୍ଟାଲ୍ ରୁ ଉର୍ଦ୍ଧ୍ୱ ଋଉଳ ଭୂତ ଖାଇଗଲେଣି ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୮ଟି ବ୍ଲକ୍‌ରୁ ୫ଟିରେ ଖାଦ୍ୟ ସୁରକ୍ଷା ସଂକ୍ରାନ୍ତରେ ଜନଶୁଣାଣିରୁ ଏହି କେଳେଙ୍କାରି ସଂକ୍ରାନ୍ତରେ ତଥ୍ୟ ମିଳିଛି। ନୟାଗଡ଼ରେ ୧୯୩ ଜଣ, ଦଶପଲ୍ଲାରେ ୫୧ ଜଣ, ଭାପୁରରେ ୫୯ ଜଣ, ଗଣିଆରେ ୧୫ ଜଣ, ଖଣ୍ଡପଡ଼ାରେ ୨୫୧ ଜଣ ଓ ନୂଆଗାଁରେ ୩୦ରୁ ଅଧିକ ମୃତ ହିତାଧିକାରୀଙ୍କ ନାଁରେ ପ୍ରତି ମାସରେ ପାଞ୍ଚ କେଜି ଲେଖାଏଁ ଋଉଳ ଉଠୁଛି। କିଏ ୨୦୧୯ରୁ ମଲାଣି ତ ଆଉ କିଏ ୨୦୨୩ରେ ମରିଛି। ତଥାପି ସେମାନଙ୍କ ନାଁକୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦିଆଯାଇନାହିଁ। ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ, କୁଜାମେଣ୍ଢି, କୁଲୁରୁକୁମ୍ପା, ନଛିପୁର, ଚଢ଼େୟାପଲ୍ଲୀ, ତେଣ୍ଡାବାଡ଼ି, ପୋଖରୀଗୋଛା, ତୁମାଣ୍ଡି, ଦୁଡ଼ା, ଘୋଳାହାଣ୍ଡି ଓ ଭୋଗବାଡ଼ି ଆଦି ପଞ୍ଚାୟତରେ ଏଭଳି ମାଳ ମାଳ ମୃତବ୍ୟକ୍ତିଙ୍କ ନାମରେ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ଋଉଳ ଉଠିଥିବା ଜଣାପଡ଼ିଛି। ସେହିପରି ଭାପୁର ବ୍ଲକ୍ ଅଧୀନ ଭାପୁର ପଞ୍ଚାୟତ ସମେତ ବାଉଁଶବାଟୀ, ଫତେଗଡ଼, ବିଜିପୁର, ଚକ୍ରଧରପ୍ରସାଦ, ଶାସନ, ରାକମା, ଗୋଳାପୋଖରୀ, ପଦ୍ମାବତୀ, ବଡ଼ସହରା, କରବର, ବାଇଗୁଣିଆ, କଇଁଫୁଲିଆ, ଶାଳପଡ଼ା, ନିମାଣୀ, କେନ୍ଦୁପଲ୍ଲୀ ଓ ବାଘୁଆପଲ୍ଲୀ ପଞ୍ଚାୟତରେ ଏମିତି କେଳେଙ୍କାରି ପଦାକୁ ଆସିଛି। ନୟାଗଡ଼ ବ୍ଲକ୍‌ରେ ୨୯ ପଞ୍ଚାୟତରେ ୧୯୩ ଜଣ ମୃତ ହିତାଧିକାରୀଙ୍କ ନାଁରେ ୨୦୧୯ରୁ ପ୍ରତି ମାସରେ ପାଞ୍ଚ କେଜି ଲେଖାଏଁ ଋଉଳ ଉଠୁଥିବା ଅଡିଟ୍‌ରୁ ଜଣାପଡ଼ିଛି। ଏହି କେଳେଙ୍କାରିରେ ସିନ୍ଦୁରିଆ ପଞ୍ଚାୟତ ପ୍ରଥମ ସ୍ଥାନରେ ରହିଥିବା ଜଣାପଡ଼ିଛି। ସେହିପରି ନୂଆଗାଁ ବ୍ଲକ୍‌ରେ ମୃତକଙ୍କ ନାଁରେ ୫୬ କ୍ୱିଣ୍ଟାଲ୍ ଋଉଳ ଉଠିଥିବା ଜଣାପଡ଼ିଛି। ମାତ୍ର ଖଣ୍ଡପଡ଼ା ବ୍ଲକ୍‌ରେ ୨୫୧ ଜଣ ମୃତ ହିତାଧିକାରୀ ଧରାପଡ଼ିଥିବାରୁ ଏଠାରେ ଅଧିକ କେଳେଙ୍କାରି ହୋଇଥିବା ଅନୁମାନ କରାଯାଉଛି। ଜିଲ୍ଲାରେ ଦୁଇଟି ବ୍ଲକ୍ ରଣପୁର ଓ ଓଡ଼ଗାଁରେ ଏହି ଜନଶୁଣାଣି ଶିବର ଅନୁଷ୍ଠିତ ହୋଇନାହିଁ। ଏଣୁ ସମସ୍ତ ୮ଟି ବ୍ଲକ୍‌ରୁ ହିସାବକୁ ନେଲେ ଛଅ ବର୍ଷ ଭିତରେ ଭୂତ ମାନେ ହଜାରେ କ୍ୱିଣ୍ଟାଲ୍ ରୁ ଅଧିକ ଋଉଳ ଖାଇଗଲେଣି ବୋଲି ଅନୁମାନ କରାଯାଉଛ। ମାତ୍ର ଏହି ଘଟଣାରେ ଡିଲର୍ ମାନଙ୍କ ଭୂମିକା ମଧ ବେଶ୍ ସନ୍ଦେହଜନକ ରହିଛି। ହିତାଧିକାରୀ ମାନେ ଜାଲିଆତି କରି ଏହି ଋଉଳ ନେଉଛନ୍ତି ନା ସେମାନଙ୍କ ନାଁରେ ଡିଲର ମାନେ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ଋଉଳ ହଡ଼ପ କରି ଋଲିଛନ୍ତି, ଏହାର ତଦନ୍ତ କରାଯିବା ଆବଶ୍ୟକତା ରହିଛିୟ ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ସିଏଚ୍ ମୁରଲୀ କ୍ରିଷ୍ଣା କୁହନ୍ତି ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ କିଛି ହିତାଧିକାରୀ ନିଜପଟୁ ମୃତକଙ୍କ ନାଁ କାଟିଛନ୍ତି। ଏହା ସହ ବିଭାଗ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନା ଓ ହସ୍ପିଟାଲରୁ ତଥ୍ୟ ସଂଗ୍ରହ କରାଯାଇ ମୃତ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଉଛି। ଏହି ପ୍ରକ୍ରିୟାକୁ ଆହୁରି ଜୋରଦାର୍ କରାଯିବାକୁ ନିଶ୍ଚିତ ଭାବେ ପଦକ୍ଷେପ ନିଆଯିବ।

# ସବୁଜ ବାଣ ଫୁଟାଇବାକୁ ସୁପ୍ରିମ୍‌କୋର୍ଟଙ୍କ ଅନୁମତି: ସମୟସୀମା ଧାର୍ଯ୍ୟ କଲେ



ନୂଆଦିଲ୍ଲୀ: ଦୀପାବଳି (ଅକ୍ଟୋବର ୨୧) ଅବସରରେ ଦିଲ୍ଲୀ-ଏନ୍‌ସିଆରରେ ସୀମିତ ସମୟ ସୀମା ମଧ୍ୟରେ ସବୁଜ ବାଣ ଫୁଟାଇବା ପାଇଁ ବୁଧବାର ସୁପ୍ରିମ୍‌କୋର୍ଟ ଅନୁମତି ଦେଇଛନ୍ତି। ସୁପ୍ରିମ୍ ?କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କେବଳ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଏବଂ ପରେ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣକୁ ଅନୁମତି ମିଳିବ। ଅକ୍ଟୋବର ୧୮ରୁ ୨୧ ପର୍ଯ୍ୟନ୍ତ ବାଣ ବିକ୍ରି କରିବା ପାଇଁ କୋର୍ଟ ଅନୁମତି ଦେଇଛନ୍ତି। ଦିଲ୍ଲୀ-ଏନ୍‌ସିଆର୍‌କୁ ବାହାରୁ ବାଣ ଚୋରା ଚାଲାଣ କରାଯାଏ ଯାହା ସବୁଜ ବାଣ ଅପେକ୍ଷା ଅଧିକ କ୍ଷତି ଘଟାଇଥାଏ ବୋଲି ପ୍ରଧାନ ବିଚାରପତି ବିଆର୍ ଗଓ୍ୱାଇ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଆମକୁ ଏକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡିବ, ପରିବେଶ ସହିତ ସାଲିସ୍ ନ କରି ଏହାକୁ ମଧ୍ୟମ ଭାବରେ ଅନୁମତି ଦେବାକୁ ପଡିବ। ପ୍ରଧାନ ବିଚାରପତି ଓ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ସ୍ଥାନରେ କେବଳ କ୍ୟୁଆର୍ କୋଡ୍ ଥିବା ପ୍ରମାଣିତ ସବୁଜ ବାଣ ବିକ୍ରୟ ଓ ଫାଟାଇବା ପାଇଁ ଅନୁମତି ଦିଆଯିବ। ଜିଲ୍ଲା ପ୍ରଶାସନ ସହ ପରାମର୍ଶ କରି ପୁଲିସ ଅଧିକାରୀମାନେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀଙ୍କ ସମେତ ପାଟ୍ରୋଲିଂ ଟିମ୍ ଗଠନ କରି ନିର୍ଦ୍ଦିଷ୍ଟ ବିକ୍ରୟ ପଏ[ ଉପରେ ନଜର ରଖିବେ। କେବଳ କ୍ୟୁଆର୍ କୋଡ୍ ଥିବା ସବୁଜ ବାଣ ବିକ୍ରି ହେଉଛି କି ନାହିଁ ନିଶ୍ଚିତ କରିବାକୁ ପାଟ୍ରୋଲିଂ ଦଳ ନିୟମିତ ଯା* କରିବେ। ଦିଲ୍ଲୀ-ଏନ୍‌ସିଆର୍ ବାହାରୁ କୌଣସି ବାଣ ଚୋରାରେ ଆଣି ବିକ୍ରି କରାଯାଇପାରିବ ନାହିଁ। ଆଦେଶ ଉଲ୍ଲଂଘନ ହେଲେ କେବଳ ଦାୟୀ ଲୋକଙ୍କୁ ଦଣ୍ଡ ଦିଆଯିବ ନାହିଁ, ବରଂ ସେମାନଙ୍କ ଲାଇସେନ୍ସ ଓ ପଞ୍ଜୀକରଣ ମଧ୍ୟ ରଦ୍ଦ କରାଯିବ। ଅନ୍ୟପକ୍ଷରେ ବିପଜ୍ଜନକ ପ୍ରଦୂଷକ ରାସାୟନିକ ବେରିୟମ୍ ଥିବା ବାଣ ଏବଂ ଜାତୀୟ ପରିବେଶ ଇଞ୍ଜିନିୟରିଂ ଗବେଷଣା ପ୍ରତିଷ୍ଠାନ (ଏନ୍‌ଇଆରଆଇ) ଦ୍ୱାରା ସବୁଜ ବାଣ ଭାବରେ ଅନୁମୋଦିତ ହୋଇ ନ ଥିବା ବାଣକୁ ଅନୁମତି ଦିଆଯିବ ନାହିଁ। ଇ-କମର୍ସ ୱେବସାଇଟ୍ ମାଧ୍ୟମରେ ବାଣ ବିକ୍ରୟ ଓ କ୍ରୟ ଉପରେ ମଧ୍ୟ କୋର୍ଟ ପ୍ରତିବନ୍ଧକ ଲଗାଇଛନ୍ତି। ଅକ୍ଟୋବର ୧୪ରୁ ୨୫ ପର୍ଯ୍ୟନ୍ତ ବାୟୁ ଗୁଣବ□ା ରିପୋର୍ଟ ଦାଖଲ କରିବାକୁ ସୁପ୍ରିମ୍‌କୋର୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ତିନି ସପ୍ତାହ ପରେ ପରବ□ୀ ଶୁଣାଣି ଧାର୍ଯ୍ୟ କରାଯାଇଛି।

# ଜୁବିନ୍ ଗର୍ଗ ମୃତ୍ୟୁ ମାମଲା: ଆସାମର ବକ୍ସା ଜେଲ୍ ବାହାରେ ହିଂସାତ୍ମକ ବିକ୍ଷୋଭ



ଗୁଆହାଟୀ: ଆସାମର ପ୍ରସିଦ୍ଧ ଗାୟକ ଜୁବିନ ଗର୍ଗ ମୃତ୍ୟୁ ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ନ୍ୟାୟିକ ହାଜତ ପଠାଇବାପରେ ସେମାନଙ୍କୁ ଆସାମର ବକ୍ସା ଜିଲ୍ଲା ଜେଲ୍‌କୁ ଅଣାଯାଇଥିଲା। ତେବେ ବୁଧବାର ବକ୍ସା ଜେଲ୍ ବାହାରେ ହିଂସାତ୍ମକ ଆନ୍ଦୋଳନ ହୋଇଛି। ଜୁବିନ ଗର୍ଗଙ୍କ ପ୍ରଶଂସକମାନେ ୩ଟି ଗାଡ଼ି ଜାଳି ଦେଇଛନ୍ତି। ଜେଲ୍ ବାହାରେ ରୁଣ୍ଡ ହୋଇଥିବା ଶତାଧିକ ଆନ୍ଦୋଳନକାରୀଙ୍କ ପଥର ମାଡ଼ରେ ଜ?ଣେ ସାମ୍ବାଦିକଙ୍କ ସମେତ ଅନେକ ପୁଲିସ ଆହତ ହୋଇଛନ୍ତି। ପୁଲିସ ସ୍ଥିତିକୁ ନିୟନ୍ତ୍ରଣ କରିବାପାଇଁ ଲୁହବୁହା ଗ୍ୟାସ୍ ସେଲ୍ ପ୍ରୟୋଗ କରିଥିଲା। ଅଭିଯୁକ୍ତଙ୍କୁ ନେଉଥିବା କନ୍‌ଭୟ ଜେଲ୍ ନିକଟରେ ପହଁ*ବାପରେ ସ୍ୱର୍ଗତ ଗାୟକଙ୍କ ଫ୍ୟାନ୍‌ମାନେ ଜେଲ୍ ବାହାରେ ରୁଣ୍ଡ ହୋଇ ନ୍ୟାୟ ଦାବି କରିଥିଲେ। କିଛି ଆନ୍ଦୋଳନକାରୀ ଅଭିଯୁକ୍ତଙ୍କୁ ନିଆଯାଉଥିବା ଗାଡ଼ି ଉପରକୁ ପଥର ମାଡ଼ କରିବାଦ୍ୱାରା ଉ□ଜନା ବଢ଼ିଥିଲା। ଉକ୍ତ ଘଟଣା ପରେ ଜେଲ୍ ବାହାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ଉଲ୍ଲେଖଯୋଗ୍ୟ, ନ୍ୟାୟିକ ହାଜତ ଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ମୁଖ୍ୟ ଅଭିଯୁକ୍ତ ତଥା ଉ□ର ପୂର୍ବ ଭାରତ ଉତ୍ସବ ପରିଚାଳକ ଶ୍ୟାମକାନୁ ମହନ୍ତ ଏବଂ ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଅଛନ୍ତି। ଉଭୟ ଅକ୍ଟୋବର ୧ରେ ଗିରଫ ହୋଇଥିଲେ। ଅନ୍ୟ ୩ ଜଣ ମଧ୍ୟ ଗିରଫ ହୋଇଥିଲେ। ସେମାନଙ୍କୁ କୋର୍ଟ ୧୪ ଦିନିଆ ବିଚାରବିଭାଗୀୟ ହାଜତ ପଠାଇଛନ୍ତି।

## କୋଟିପତି ହେବାକୁ ଇନ୍ସୁରାନ୍ସକୁ ଟାର୍ଗେଟ

ନୂଆଦିଲ୍ଲୀ : ସାବଧାନ, ଦେଶରେ ଏବେ ଚାଲିଛି ଇନ୍ସୁରାନ୍ସ ମର୍ଡର ଟ୍ରେଣ୍ଡ । କିଏ କାହାକୁ କେମିତି ବାହାହେଉଛି ଆଉ ଇନ୍ସୁରାନ୍ସ ଖଣ୍ଡେ କରିଦେଇ ପରେ ମାରିଦେଉଛି । ଏଥିରେ ବାଦ ପଡୁନାହାନ୍ତି ବାପା ମା' । ହଁ ଆଜ୍ଞା, କିଛି ଦିନ ପୂର୍ବରୁ ଏକ ଖବର ଜୋର ଭାଇରଲ ହୋଇଥିଲା ଯେ ଗୋଟେ ପଇସା ଲୋଭୀ ଇନ୍ସୁରାନ୍ସ ଟଙ୍କା ପାଇଁ ନିଜ ଜନ୍ମକଲା ବାପା ମା'ଙ୍କୁ ମାରିଦେଇଥିଲା ଆଉ କେବଳ ମୋଟା ଅଙ୍କର ଟଙ୍କା ଲାଳସା ପାଇଁ ୧୪ ଥର ବିବାହ କରିଥିଲା । ସମସ୍ତଙ୍କୁ ନିଜ ହାତରେ ମାରି ଦୁର୍ଘଟଣାର ରୂପ ଦେଉଥିଲା । ଠିକ ସେହିପରି ପୁଣି ଏକ ଘଟଣା ଘଟିଛି ଝାଡ଼ଖଣ୍ଡର ହଜାରିବାଗରେ, ଜଣେ ବ୍ୟକ୍ତି ତାଙ୍କ ନବବିବାହିତା ପତ୍ନୀଙ୍କୁ ହତ୍ୟା କରି ଘଟଣାକୁ ଏକ ସଡ଼କ ଦୁର୍ଘଟଣା ଭାବରେ ପ୍ରଦର୍ଶନ କରିଥିଲେ । ପୋଲିସ ତଦନ୍ତରୁ ଜଣାପଡିଛି ଯେ ସ୍ୱାମୀ ୩୦ଲକ୍ଷ ଟଙ୍କାର ବୀମା ଦାବି ପାଇଁ ତାଙ୍କୁ ହତ୍ୟା କରିଥିଲେ । ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରି ଏହାକୁ ଏକ ସଡ଼କ ଦୁର୍ଘଟଣା ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲା । ପୋଲିସକୁ ଠକିବା ଏବଂ ତାଙ୍କ ଜୀବନ ବୀମା ଦାବି ବାବଦକୁ ୩୦ ଲକ୍ଷ ପାଇବା ପାଇଁ ଏହି ଯୋଜନା ଅତ୍ୟନ୍ତ ଚତୁରତାର ସହିତ କରାଯାଇଥିଲା । ତଥାପି, ପୋଲିସ ତଦନ୍ତରେ ହତ୍ୟାକାଣ୍ଡର ପର୍ଦ୍ଦାଫାସ ହୋଇଛି । ଏହି ସମ୍ପୂର୍ଣ୍ଣ ଘଟଣାଟି ହଜାରିବାଗର ପଦ୍ମା-ଇଟଖୋରୀ ରାସ୍ତାରେ ଘଟିଥିଲା । ସେପ୍ଟେମ୍ବର ୨୭ ତାରିଖରେ ରାସ୍ତା କଡ଼ରେ ଜଣେ ମହିଳାଙ୍କ ମୃତଦେହ ମିଳିବା ଘଟଣା ଚା*ଲ୍ୟ ସୃଷ୍ଟି କରିଥିଲା । ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଁ*ଥିଲା ଏବଂ ତଦନ୍ତ ଆରମ୍ଭ ହୋଇଥିଲା । ପ୍ରାରମ୍ଭିକ ଭାବରେ ଏହା ଏକ ସଡ଼କ ଦୁର୍ଘଟଣା ବୋଲି ସନ୍ଦେହ କରାଯାଉଥିଲା । ମହିଳା ଜଣକ ସେବନ୍ତି କୁମାରୀ, ଯିଏ ପଦ୍ମା ଥାନା ଅ*ଳ ଅନ୍ତର୍ଗତ ସରାଉନି ଗାଁରେ ତାଙ୍କ ସ୍ୱାମୀ ମୁକେଶ କୁମାର ମେହେଟାଙ୍କ ସହିତ ରହୁଥିଲେ । ପଦ୍ମା ପୋଲିସ ଆଉଟପୋଷ୍ଟ ଇନଚାର୍ଜ ସଂ*ତ କୁମାର ଦୁବେଙ୍କ କହିବାନୁଯାୟୀ ୩୦ ବର୍ଷୀୟ ମୁକେଶ କୁମାର ମେହେଟା ତାଙ୍କ ପତ୍ନୀ ସେବନ୍ତି କୁମାରୀ ଯାହାଙ୍କୁ ସେ ଚାରି ମାସ ପୂର୍ବରୁ ବିବାହ କରିଥିଲେ । ତାଙ୍କୁ ଅକ୍ଟୋବର ୯ ତାରିଖ ରାତିରେ ହତ୍ୟା କରିଥିଲେ । ୩୦ ଲକ୍ଷ ଟଙ୍କାର ବୀମା ରାଶି ଦାବି କରିବା ପାଇଁ ସେ ଏହି ହତ୍ୟାକାଣ୍ଡକୁ ଏକ ସଡ଼କ ଦୁର୍ଘଟଣା ଭାବରେ ନାଟକ କରିଥିଲେ । ପୋଲିସ ଅଧିକାରୀ କହିଛନ୍ତି, ଅକ୍ଟୋବର ୯ ତାରିଖରେ, ଘଏ-୩୩ ର ପଦ୍ମା-ଇଟଖୋରୀ ସେକ୍ସନରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଏକ ଦମ୍ପତିଙ୍କ ବିଷୟରେ ପଥଚାରୀମାନଙ୍କଠାରୁ ଆମେ ଅଭିଯୋଗ ପାଇଥିଲୁ । ଆମେ ତୁରନ୍ତ ଘଟଣାସ୍ଥଳରେ ପହଁ* ମୃତକ ସେବନ୍ତି କୁମାରୀ ଏବଂ ତାଙ୍କ ସ୍ୱାମୀଙ୍କୁ ସଦର ହସ୍ପିଟାଲକୁ ଆଣିଥିଲୁ । କିନ୍ତୁ, ପୁରୁଷ ଜଣକ ଚେତାଶୂନ୍ୟ ହେବାର ଅଭିନୟ କରିଥିଲେ । ହସ୍ପିଟାଲରେ ଡାକ୍ତରମାନେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ ଏବଂ ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା । ପୋଲିସ ତଦନ୍ତରୁ ଜଣାପଡିଛି ଯେ ମୁକେଶ ମାସ ମାସ ଧରି ଏହି ଷଡ଼ଯନ୍ତ୍ର ଯୋଜନା କରୁଥିଲେ । ସେ ତାଙ୍କ ପତ୍ନୀଙ୍କ ନାମରେ ୩୦ ଲକ୍ଷ ମୂଲ୍ୟର ଏକ ଜୀବନ ବୀମା ପଲିସି ନେଇଥିଲେ । ତା'ପରେ ସେ ତାଙ୍କ ପତ୍ନୀଙ୍କ ମୃତ୍ୟୁକୁ ଏକ ଦୁର୍ଘଟଣା ବୋଲି ଦର୍ଶାଇ ଟଙ୍କା ଆଦାୟ କରିବାର ସୁଯୋଗ ଖୋଜୁଥିଲେ । ମୁକେଶ ତାଙ୍କ ସ୍ତ୍ରୀଙ୍କୁ ତାଙ୍କ ବାଇକ୍ ?ରେ ବସାଇ ନେବା ବାହାନାରେ ଘରୁ ବାହାରକୁ ନେଇଗଲେ । ବାଟରେ, ସେ ଯୋଜନାବଦ୍ଧ ଭାବରେ ତାଙ୍କ ହେଲମେଟ୍ ?ରେ ସେବନ୍ତୀଙ୍କୁ ଆକ୍ରମଣ କଲେ ଏବଂ ତା'ପରେ ସେବନ୍ତୀଙ୍କ ମୃତଦେହକୁ ରାସ୍ତା କଡ଼ରେ ଫୋପାଡ଼ି ଦେଲେ ଏବଂ ବାଇକ୍ ?କୁ ପକାଇ ଏହାକୁ ଏକ ସଡ଼କ ଦୁର୍ଘଟଣା ଭଳି ଦେଖାଇବାକୁ ଚେଷ୍ଟା କଲେ । ତା'ପରେ ସେ ନିଜକୁ ସାମାନ୍ୟ ଆଘାତ ଦେଲେ ଏବଂ ଘଟଣାକୁ ପ୍ରକୃତ ଦେଖାଇବା ପାଇଁ ରାସ୍ତାରେ ପଡ଼ିଗଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଁ*ଲା । ତଥାପି ପୋଲିସର ନଜରରୁ ମୁକେଶ ଖସି ଗଲା ନାହିଁ । ଘଟଣାର ତଦନ୍ତରେ ଅନେକ ଅସଙ୍ଗତି ପ୍ରକାଶ ପାଇଲା । ବାଇକ୍ ଧକ୍କାର କୌଣସି ଲକ୍ଷଣ ନଥିଲା, କିମ୍ବା କୌଣସି ଗାଡ଼ିର କୌଣସି ପ୍ରମାଣ ନଥିଲା । ପୋଷ୍ଟମର୍ଟମ ରିପୋର୍ଟରେ ମଧ୍ୟ ହତ୍ୟା ଗଳାକାଟି ହତ୍ୟା କରାଯାଇଥିବା ନିଶ୍ଚିତ ହୋଇଥିଲା । ଏହିଠାରେ ପୋଲିସ ସ୍ୱାମୀଙ୍କ ଉପରେ ସନ୍ଦେହ କରିଥିଲା । ଯେତେବେଳେ ପୋଲିସ ମୋବାଇଲ୍ ଲୋକେସନ୍ ଏବଂ କଲ୍ ଡିଟେଲ୍ସ ଯା* କଲା, ସେତେବେଳେ ସେମାନେ ଜାଣିପାରିଲେ ଯେ ଘଟଣା ପୂର୍ବରୁ ଏବଂ ପରେ ମୁକେଶଙ୍କ ଫୋନରେ ଅନେକ ସନ୍ଦିଗ୍ଧ କଲ୍ ଆସିଥିଲା । ସେ ଜଣେ ବନ୍ଧୁଙ୍କ ସହ କଥାବା□ାରେ ଏକ ବୀମା ଦାବି ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ଏହି ସୁରାକ ପୋଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେଲା । ଜେରା ସମୟରେ ଯେତେବେଳେ ପୋଲିସ ମୁକେଶଙ୍କୁ ପ୍ରମାଣ ସହିତ ସାମ୍ନା କଲା, ସେ ଭାଙ୍ଗି ପଡ଼ିଲା । ସେ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିବା ସ୍ୱୀକାର କଲା । ସେ କହିଲା, "ମୁଁ ଭାବିଥିଲି ଯେ ମୁଁ ବୀମା ଟଙ୍କାକୁ ଏକ ଦୁର୍ଘଟଣା ବୋଲି କହି ପାରିବି ଏବଂ ମୋ ଜୀବନ ସ୍ଥିର ହୋଇଯିବ। କିନ୍ତୁ ଭାଗ୍ୟ ତାଙ୍କର ଯୋଜନାକୁ ପଣ୍ଡ କରିଦେଲା । ଗାଁରେ ଏହି ଖବର ଖେଳିଗଲା ପରେ ଗାଁରେ ଶୋକର ବାତାବରଣ ଦେଖାଗଲା । ଲୋକମାନେ ବିଶ୍ୱାସ କରିପାରିଲେ ନାହିଁ ଯେ ମୁକେଶଙ୍କ ପରି ଜଣେ ଶାନ୍ତ ଦେଖାଯାଉଥିବା ବ୍ୟକ୍ତି ଏତେ ନିଷ୍ଠୁର ପଦକ୍ଷେପ ନେଇପାରିବେ । ପୋଲିସ ତାଙ୍କୁ ଗିରଫ କରି ଜେଲ ପଠାଇଦେଲା ଏବଂ ବୀମା କମ୍ପାନୀକୁ ମଧ୍ୟ ଠକେଇ ବିଷୟରେ ସୂଚନା ଦିଆଗଲା। କହିବା ଅନୁଯାୟୀ ଅଭିଯୁକ୍ତ ଋଣ ଭାରରେ ବୁଡ଼ି ରହିଥିଲା ଏବଂ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଥିଲା । ଏହା ତାଙ୍କୁ ବୀମା ପଲିସି ମାଧ୍ୟମରେ ଟଙ୍କା ରୋଜଗାର କରିବା ପାଇଁ ଏକ ଚତୁର ଯୋଜନା ପ୍ରସ୍ତୁତ କରିବାକୁ ପ୍ରେରଣା ଦେଇଥିଲା । ଏବେ ତାଙ୍କ ବିରୁଦ୍ଧରେ ହତ୍ୟା ଏବଂ ବୀମା ଠକେଇର ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ।

# ଡୁରାଣ୍ଡ ଲାଇନ୍‌ରେ ପୁଣି ପାକ୍-ଆଫ୍‌ଗାନ ସଂଘର୍ଷ: ପାକ୍ ଏୟାର୍ ଷ୍ଟ୍ରାଇକ୍‌ରେ ୧୨ ନିହତ



କାବୁଲ: ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଥିବା ଡୁରାଣ୍ଡ ଲାଇନ୍ ସୀମାରେ ଆଜି ସକାଳେ ଭୟଙ୍କର ସଂଘର୍ଷ ହୋଇଛି। କାନ୍ଦାହାର ପ୍ରଦେଶସ୍ଥିତ ସ୍ପିନ୍ ବୋଲ୍‌ଡାକ ଜିଲ୍ଲାରେ ପାକିସ୍ତାନୀ ସେନା ଆଜି ସକାଳେ ପ୍ରଥମେ ଏୟାର ଷ୍ଟ୍ରାଇକ୍ କରିବା ପରେ ଉ□ଜନା ଚରମରେ ପହଁ*ଥିଲା। ଏହି ଆକ୍ରମଣରେ ୧୨ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି ଏବଂ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆଫଗାନ ସେନା ଏହାର ପାଲଟା ଜବାବ ଦେଇ ପାକିସ୍ତାନୀ ସେନା ଉପରେ ଆକ୍ରମଣ କରିଛି। ସୀମାରେ ୨୦ରୁ ଅଧିକ ପାକିସ୍ତାନ ପୋଷ୍ଟ ଉପରେ ଆକ୍ରମଣ ହୋଇଥିବା ବେଳେ ଅତି କମ୍‌ରେ ୧୦ ଜଣ ପାକ୍ ସୈନିକ ନିହତ ହୋଇଥିବା ଜଣାପଡ଼ିଛି। ଏହାସହିତ ଅନେକ ପାକ୍ ପୋଷ୍ଟ୍‌କୁ ଆଫଗାନିସ୍ତାନ ନିଜ ଅକ୍ତିଆରକୁ ନେଇଥିବା ଦାବି କରିଛି। ଉଲ୍ଲେଖଯୋଗ୍ୟ, ସ୍ପିନ୍ ବୋଲ୍‌ଡାକ୍ ବର୍ଡର କ୍ରସିଂ ହେଉଛି ଉଭୟ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ରଣନୈତିକ ତଥା ସର୍ବାଧିକ ଉ□ଜନାପୂର୍ଣ୍ଣ ଅ*ଳ। ଏକ ଭାଇରାଲ୍ ଭିଡିଓରେ ଦେଖିବାକୁ ମିଳିଛି ଯେ ତାଲିବାନ ସୈନିକମାନେ ଜବତ କରିଥିବା ପାକିସ୍ତାନୀ ଟି-୫୫ ଟ୍ୟାଙ୍କ ଚଳାଉଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନର ଦାବି ମୁତାବକ ଚମନ ଜିଲ୍ଲାରେ ତାଲିବାନ ଆକ୍ରମଣରେ ୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ଦୁଇ ରାଷ୍ଟ୍ର ମଧ୍ୟରେ ହିଂସା ବଢୁଥିବାରୁ କତର ଓ ସାଉଦି ଆରବ ତୁରନ୍ତ ହସ୍ତକ୍ଷେପ କରିଥିବା ଜଣାପଡ଼ିଛି। ଫଳରେ ବୁଧବାର ସନ୍ଧ୍ୟା ୬ଟାରୁ ୪୮ ଘ[ା ପାଇଁ ଅସ୍ଥାୟୀ ଅସ୍ତ୍ରବିରତି ପାଳନ କରିବାକୁ ପାକିସ୍ତାନ ଓ ତାଲିବାନ ପ୍ରଶାସନ ରାଜି ହୋଇଛନ୍ତି। ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଘୋଷଣା କରାଯାଇଥିବା ଏହି ଅସ୍ତ୍ରବିରତି ସମୟସୀମା ମଧ୍ୟରେ ଉଭୟ ପକ୍ଷ ଶାନ୍ତି ଆଲୋଚନା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଆଫଗାନିସ୍ତାନ ବିଦେଶ ମନ୍ତ୍ରାଳୟ ମୁଖପାତ୍ର ଜବିଉଲ୍ଲା ମୁଜାହିଦ କହିଛନ୍ତି, ପାକିସ୍ତାନୀ ସେନାବାହିନୀ ଉଭୟ ହାଲୁକା ଓ ଭାରୀ ଯୁଦ୍ଧାସ୍ତ୍ର ବ୍ୟବହାର କରି ସାଧାରଣ ଜନବସତି ଅ*ଳକୁ ଟାର୍ଗେଟ୍ କରୁଛି ଏବଂ ଆମେ ଏହାର ଉଚିତ ମୁକାବିଲା କରୁଛୁ। ପାକିସ୍ତାନ ନିଜର ସୀମା ପୋଷ୍ଟ ଧ୍ୱଂସ, ଟ୍ୟାଙ୍କ ଜବତ ଓ ସୈନ୍ୟ କେନ୍ଦ୍ର ଉପରେ ଆକ୍ରମଣ ନେଇ ଆଫଗାନିସ୍ତାନକୁ ଦୋଷାରୋପ କରିଥିବା ବେଳେ ଆଫ୍‌ଗାନ ମୁଖପାତ୍ର କହିଛନ୍ତି ଯେ ପାକ୍‌ର ବିମାନ ଆକ୍ରମଣ ପରେ ହିଁ ଉ□ଜନା ବଢ଼ିଥିଲା। ସୂଚନାଯୋଗ୍ୟ, ଏହା ପୂର୍ବରୁ ଦୁଇ ଦିନ ତଳେ ଡୁରାଣ୍ଡ ସୀମାରେ ହୋଇଥିବା ସଂଘର୍ଷରେ ୫୮ ପାକିସ୍ତାନୀ ସୈନିକ ନିହତ ହୋଇଥିବା ତାଲିବାନ ଦାବି କରିଥିଲା। ତେବେ ପାକିସ୍ତାନ କହିଥିଲା ଯେ କେବଳ ୨୩ ଜଣ ସୈନିକ ନିହତ ହୋଇଛନ୍ତି। ଏବେ ଡୁରାଣ୍ଡ ଲାଇନ୍‌ରେ ସୀମା ବାଡ଼ ନିର୍ମାଣ ଓ ଶରଣାର୍ଥୀ ସମସ୍ୟା ମଧ୍ୟ ଉ□ଜନା ବଢ଼ାଇଛି।

# ଦୁର୍ଗାପୁର ଗଣଦୁଷ୍କର୍ମ ମାମଲା: ୭ ଦିନିଆ ରିମାଣ୍ଡରେ ଗଲା ପୀଡ଼ିତାଙ୍କ ପୁରୁଷ ବନ୍ଧୁ

କୋଲକାତା: ଦୁର୍ଗାପୁରରେ ଓଡିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା । ପୀଡିତାଙ୍କ ପୁରୁଷ ବନ୍ଧୁଙ୍କୁ ରିମାଣ୍ଡରେ ନେଲା ପୋଲିସ । ୭ ଦିନିଆ ରିମାଣ୍ଡରେ ଗଲା ଅଭିଯୁକ୍ତ ପୁରୁଷ ବନ୍ଧୁ । ୧୦ ଦିନିଆ ରିମାଣ୍ଡ ଆବେଦନ ପୋଲିସ କରିଥିବା ବେଳେ ୭ ଦିନ ପାଇଁ ଅନୁମତି ଦେଇଛନ୍ତି କୋର୍ଟ । ତେବେ ଗତକାଲି ପୀଡିତାଙ୍କ ପୁରୁଷ ବନ୍ଧୁଙ୍କୁ ବାନ୍ଧିଥିଲା ପୋଲିସ । ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପୀଡିତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଗିରଫ କରାଯାଇଥିଲା ।

ଗଣଦୁଷ୍କର୍ମ ଘଟଣାରେ ପୁରୁଷବନ୍ଧୁଙ୍କ ସମେତ ୬ ଜଣଙ୍କୁ ରିମାଣ୍ଡରେ ନେଇ ଖୋଳତାଡ କରୁଛି ଦୁର୍ଗାପୁର ପୋଲିସ । ଶୁକ୍ରବାର ରାତିରେ ପ୍ରକୃତରେ କଣ ଘଟିଥିଲା ତାର ସମ୍ପୂର୍ଣ୍ଣ ତଥ୍ୟ ହାସଲ ପାଇଁ ପଚରାଉଚୁରା କରିବ ପୋଲିସ । ଏଥିସହ ଅଭିଯୁକ୍ତ ଓ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କର ମଧ୍ୟ ମିଛ ଧରା ପରୀକ୍ଷା କରିବାକୁ ଯୋଜନା କରାଯାଇଛି । ଦିନ ଗଡିବା ସହ ଦୁର୍ଗାପୁର ଗଣଦୁଷ୍କର୍ମ ଘଟଣାକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି । ଛାତ୍ରୀଙ୍କ ପୁରୁଷ



ବନ୍ଧୁଙ୍କ ସମେତ ଏପର୍ଯ୍ୟନ୍ତ ୬ ଜଣଙ୍କୁ ପୋଲିସ ବାନ୍ଧିବା ପରେ ବି ଛାତ୍ରୀଙ୍କ ସହ କଣ ଘଟିଥିଲା ତା ଉପରୁ ସମ୍ପୂର୍ଣ୍ଣ ପରଦା ଉଠାଇ ପାରିନି ଦୁର୍ଗାପୁର ପୋଲିସ୍ । ତେବେ ଆଜି ପୁରୁଷ ବନ୍ଧୁ ୱାସିଫ୍ ଅଲ୍ଲୀକୁ ୭ଦିନିଆ ରିମାଣ୍ଡରେ ନିଆଯିବା ପରେ ଘଟଣାର ରହସ୍ୟ ଫିଟିପାରେ ତାସହ ରିମାଣ୍ଡ ସମୟରେ ସମସ୍ତ ଅଭିଯୁକ୍ତଙ୍କର ମିଛ ଧରା ପରୀକ୍ଷା କରାଯିବ । ତାପରେ ପୂରା ଘଟଣା ସାମନାକୁ ଆସିବ। ପୀଡିତା ଏବେ ବି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଯେତେ ଶୀଘ୍ର ଡାକ୍ତର ଡିସଚାର୍ଜ କରିଦେବେ ସେତେଶୀଘ୍ର ଝିଅକୁ ଘରକୁ ନେଇ ଯିବେ ବୋଲି କହିଛନ୍ତି ବାପା ।

# ଇସ୍ରାଏଲକୁ ହମାସର ଧୋକା: ଚେତାବନୀ ଦେଲେ ଟ୍ରମ୍ପ, ନେତାନ୍ୟାହୁ



ତେଲ୍ ଅଭିଭ୍: ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଚୁକ୍ତି ଅନୁଯାୟୀ ହମାସ ୨୦୨୩ ଅକ୍ଟୋବରଠାରୁ ବନ୍ଧକ ରଖିଥିବା ଅବଶିଷ୍ଟ ସମସ୍ତ ବନ୍ଦୀଙ୍କୁ ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ସେହି ଅନୁଯାୟୀ ହମାସ ୨୦ ଜଣ ଜୀବନ୍ତ ବନ୍ଧକଙ୍କୁ ସସମ୍ମାନେ ଫେରାଇଥିବା ବେଳେ ମଙ୍ଗଳବାର ଚାରି ଜଣ ବନ୍ଧକଙ୍କ ମୃତଦେହ ହସ୍ତାନ୍ତର କରିଛି। କିନ୍ତୁ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ବୁଧବାର ଅଭିଯୋଗ କରିଛି ଯେ, ସେଥି ମଧ୍ୟରୁ ଗୋଟିଏ ମୃତଦେହ କୌଣସି ବନ୍ଧକଙ୍କ ସହ ମେଳ ଖାଉ ନାହିଁ। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫରେନସିକ୍ ମେଡିସିନରେ ପରୀକ୍ଷା ପରେ ଏହା ଜଣାପଡ଼ିଛି ବୋଲି ସେନା କହିଛି। ମୃତ ବନ୍ଧକମାନଙ୍କୁ ଫେରାଇ ଦେବା ପାଇଁ ହମାସ ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ ବୋଲି ଆଇଡିଏଫ୍ କହିଛି। ଏହା ସହିତ ଅନ୍ୟ ବନ୍ଧକଙ୍କ ମୃତଦେହ ଫେରସ୍ତ କରିବାରେ ହମାସର ଟାଳଟୁଳ ନୀତିକୁ ନେଇ ଆଜି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ହମାସକୁ କଡ଼ା ଚେତାବନୀ ଦେଇଛନ୍ତି। ହମାସ ତୁରନ୍ତ ସବୁ ସ□ ନ ମାନିଲେ ଆକ୍ରମଣ କରାଯିବ ବୋଲି ଉଭୟ ନେତା କହିଛନ୍ତି। ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ଆତଙ୍କବାଦୀ ଗୋଷ୍ଠୀ ମୃତଦେହ ହସ୍ତାନ୍ତର ନ କରି ଚୁକ୍ତିନାମା ଉଲ୍ଲଂଘନ କରିଥିବାରୁ ଇହୁଦୀ ରାଷ୍ଟ୍ର ଗାଜାକୁ ମାନବୀୟ ସହାୟତା ହ୍ରାସ କରିବାକୁ ଧମକ ଦେବା ପରେ ମଙ୍ଗଳବାର ୪ଟି ମୃତଦେହ ଇସ୍ରାଏଲକୁ ହସ୍ତାନ୍ତର କରାଯାଇଥିଲା। ଚତୁର୍ଥ ମୃତଦେହ ଜଣେ ପାଲେଷ୍ଟାଇନ ନାଗରିକର ବୋଲି ବିଶ୍ୱାସ କରାଯାଉଥିବା ବେଳେ ଅନ୍ୟ ତିନିଜଣ ପଣବନ୍ଦୀ ଷ୍ଟାଫ୍ ସର୍ଜେ[ ତାମିର ନିମ୍ରୋଡି, ୟୁରିଏଲ୍ ବାରୁଚ୍ ଓ ଇଟାନ୍ ଲେଭି ବୋଲି ଚିହ୍ନଟ କରାଯାଇଛି। ଉ□ର ଗାଜା ଷ୍ଟ୍ରିପ୍‌ର ଏକ ସଭାସ୍ଥଳରେ ଏହି ଚାରୋଟି କଫିନ୍ ରେଡକ୍ରସକୁ ହସ୍ତାନ୍ତର କରାଯାଇଥିଲା। ଇସ୍ରାଏଲୀ ସୈନ୍ୟବାହିନୀ ଦ୍ୱାରା ସୁରକ୍ଷା ଦିଆଯାଉଥିବା ସେହି କଫିନ୍‌ଗୁଡ଼ିକ ମଧ୍ୟରାତ୍ରିର କିଛି ସମୟ ପୂର୍ବରୁ ସୀମା ଅତିକ୍ରମ କରି ଇସ୍ରାଏଲରେ ପ୍ରବେଶ କରିଥିଲା ଏବଂ ଫରେନସିକ୍ ଚିହ୍ନଟ ପାଇଁ ନିଆଯାଇଥିଲା। ଗାଜାରେ ଯୁଦ୍ଧ ଶେଷ କରିବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦ ସୂତ୍ରୀ ପ୍ରସ୍ତାବର ଏକ ଅଂଶ ଭାବରେ, ସୋମବାର ଗାଜାରେ ଥିବା ଶେଷ ୨୦ ଜଣ ଜୀବିତ ଇସ୍ରାଏଲୀ ବନ୍ଧକଙ୍କ ବିନିମୟରେ ଇସ୍ରାଏଲରେ ବନ୍ଦୀ ଥିବା ପ୍ରାୟ ୨,୦୦୦ ପାଲେଷ୍ଟିନୀୟଙ୍କୁ ହସ୍ତାନ୍ତର କରାଯାଇଛି।

# ଅଷ୍ଟ୍ରେଲିଆ ଗଲା ଟିମ୍ ଇଣ୍ଡିଆ

ସିଡନୀ,୧୫।୧୦:ଭାରତ ଅଷ୍ଟ୍ରେଲିଆ ଗସ୍ତ ସମୟରେ ତିନୋଟି ଦିନିକିଆ ଏବଂ ପାଞ୍ଚଟି ଟି-୨୦ ଖେଳିବ ସିରିଜ ଦିନିକିଆ ସିରିଜ ସହିତ ଆରମ୍ଭ ହେବ ପ୍ରଥମ ମ୍ୟାଚ ଅକ୍ଟୋବର ୧୯ରେ ପର୍ଥରେ ଅନୁଷ୍ଠିତ ହେବ ସମସ୍ତେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଆଗମନକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି କୋହଲି ଏବଂ ରୋହିତ ଶର୍ମାଙ୍କ ସମେତ ସମସ୍ତ ଖେଳାଳି ଦିଲ୍ଲୀରୁ ଅଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା କରିଛନ୍ତି

ବିରାଟ କୋହଲି ମଙ୍ଗଳବାର ଅପରାହ୍ନରେ ଲଣ୍ଡନରୁ ଦିଲ୍ଲୀରେ ପହଞ୍ଚିଥିଲେ ରୋହିତ ଶର୍ମା ଗତ କିଛି ଦିନ ଧରି ମୁମ୍ବାଇରେ ଅଭ୍ୟାସ କରିବା ପରେ ବୁଧବାର ସନ୍ଧ୍ୟାରେ ଦିଲ୍ଲୀରେ ପହଞ୍ଚିଥିଲେ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସମେତ ଅନେକ ଖେଳାଳି ପୂର୍ବରୁ ଦିଲ୍ଲୀରେ ଥିଲେ ଦିଲ୍ଲୀରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ମଙ୍ଗଳବାର ଶେଷ ହୋଇଥିଲା।

ବିରାଟ କୋହଲିଙ୍କ ମୁହଁରେ ଆତ୍ମବିଶ୍ୱାସ ସ୍ପଷ୍ଟ ଭାବରେ ଦେଖାଯାଉଥିଲା ଅଧିନାୟକ ଶୁବମନ ଗିଲଙ୍କ ପୂର୍ବରୁ ବିରାଟ କୋହଲି ବିମାନବନ୍ଦରରେ ପ୍ରବେଶ କରିଥିଲେ



ଏହା ଉଲ୍ଲେଖନୀୟ ଯେ ଏହି ସିରିଜ ପୂର୍ବରୁ ରୋହିତ ଶର୍ମାଙ୍କୁ ଦିନିକିଆ ଅଧିନାୟକ ପଦରୁ ହଟାଇ ଦିଆଯାଇଥିଲା ଏବଂ ଗିଲଙ୍କୁ ନୂତନ ଅଧିନାୟକ ନିଯୁକ୍ତ କରାଯାଇଥିଲା।

**ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଦିନିକିଆ ଦଳ**

ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), ଅକ୍ଷର ପଟେଲ, କେଏଲ ରାହୁଲ (ଉଇକେଟକିପର), ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ଧ୍ରୁବ ଜୁରେଲ (ଉଇକେଟକିପର), ଯଶସ୍ୱୀ ଜୟସ୍ୱାଲ।

**ଭାରତ ବନାମ ଅଷ୍ଟ୍ରେଲିଆ ଦିନିକିଆ ସିରିଜ ସୂଚୀ**

୧୯ ଅକ୍ଟୋବର ପ୍ରଥମ ଏକଦିବସୀୟ (ଅପ୍ଟସ ଷ୍ଟାଡିୟମ)

୨୩ ଅକ୍ଟୋବର ଦ୍ୱିତୀୟ ଏକଦିବସୀୟ (ଆଡେଲେଡ ଓଭାଲ)

**୨୫ ଅକ୍ଟୋବର ତୃତୀୟ ଏକଦିବସୀୟ (ସିଡନି କ୍ରିକେଟ ଗ୍ରାଉଣ୍ଡ)**

ଅଷ୍ଟ୍ରେଲିଆ ଗସ୍ତର ସମସ୍ତ ତିନୋଟି ଏକଦିବସୀୟ ମ୍ୟାଚ ଭାରତୀୟ ସମୟ ଅନୁସାରେ ସକାଳ ୯:୦୦ ଟାରେ ଆରମ୍ଭ ହେବ। ଟସ ସକାଳ ୮:୩୦ ଟାରେ ହେବ ଏହି ସିରିଜ ପରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ ବିରାଟ କୋହଲି ଏବଂ ରୋହିତ ଶର୍ମା ଦଳରେ ରହିବେ ନାହିଁ କାରଣ ଉଭୟ ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି।

## ପ୍ରଶଂସକଙ୍କୁ ଚିହ୍ନିପାରି ନିଜ ଆଡୁ ଅଟୋଗ୍ରାଫ୍ ଦେଲେ କୋହଲି

ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଭାରତୀୟ ଦଳ ଯାତ୍ରା କରିଛି ଭାରତୀୟ ଦଳ ଦିଲ୍ଲୀ ବିମାନବନ୍ଦରରୁ ଯାତ୍ରା କରିଛି। ଦିଲ୍ଲୀ ବିମାନବନ୍ଦରରେ ବହୁ ସଂଖ୍ୟକ ପ୍ରଶଂସକ ସେମାନଙ୍କ ପ୍ରିୟ ଖେଳାଳିଙ୍କୁ ଦେଖିବା ପାଇଁ ଏକତ୍ରିତ ହୋଇଥିଲେ ଅଷ୍ଟ୍ରେଲିଆ ଯିବା ପୂର୍ବରୁ କୋହଲି ତାଙ୍କର ଜଣେ ପ୍ରଶଂସକଙ୍କ ପାଇଁ କିଛି କରିଥିଲେ, ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଘଟଣାଟି ଏପରି, କୋହଲି ଜଣେ ପ୍ରଶଂସକଙ୍କୁ ତାଙ୍କ ପୋଷ୍ଟର ଧରିଥିବାର ଦେଖିଲେ ବସ୍‌ରେ ବସିଥିବା ସମୟରେ ସେ ପ୍ରଶଂସକଙ୍କୁ ପୋଷ୍ଟର ମାଗିଥିଲେ ଏବଂ ସେଥିରେ ଦସ୍ତଖତ କରିଥିଲେ। ଏହି ମୁହୂର୍ତ୍ତଟି ଏବେ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରୁଛି। ବିରାଟ କୋହଲି ଟେଷ୍ଟ ଏବଂ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି । ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇଛି।

# ରଣଜୀ : ଓଡ଼ିଶା ୨୦୫/୫



କଟକ,୧୫।୧୦: ଆଜିଠାରୁ ରଣଜୀ ଟ୍ରଫି ଆରମ୍ଭ ହୋଇଛି। ଓଡ଼ିଶା-ବରୋଦା ମଧ୍ୟରେ କଟକରେ ଆରମ୍ଭ ହୋଇଛି ଏଲିଟ୍ ଗ୍ରୁପ-ଏ ମ୍ୟାଚ। ପ୍ରଥମ ଦିବସରେ ଘରୋଇ ଓଡ଼ିଶା ୫ ୱିକେଟ ହରାଇ ୨୦୫ ରନ୍ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ପକ୍ଷରୁ ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୭୯ ରନ୍ କରିଥିବାବେଳେ ରାଜେଶ ଧୂପର ୭୬ ରନ୍ କରି ଅପରାଜିତ ଅଛନ୍ତି। ସେହିପରି ଓପନର ସ୍ୱସ୍ତିକ ସାମଲ ଓ ଗୌରବ ଚୌଧୁରୀ ପ୍ରତ୍ୟେକ ୨୪ ରନ୍ ଲେଖାଏଁ କରିନ୍ତି। ସେହିପରି ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିପାରନାହାଁନ୍ତି। ବରୋଦାର ସେଠ ଓ ଭଟ୍ଟ ୨ ଲେଖାଏଁ ୱିକେଟ ନେଇଛନ୍ତି।

# ଦିଲ୍ଲୀ କ୍ୟାପିଟାଲ୍ସରେ ସଞ୍ଜୁ



ନୂଆଦିଲ୍ଲୀ,୧୫।୧୦: ଆଇପିଏଲ ୨୦୨୬ ସିଜନ ପୂର୍ବରୁ ସଞ୍ଜୁ ସାମସନ ଏବଂ ରାଜସ୍ଥାନ ରୟାଲ୍ସ ଦଳ ଚର୍ଚ୍ଚାକୁ ଆସିଛନ୍ତି। ରିପୋର୍ଟ ଅନୁଯାୟୀ, ସଞ୍ଜୁ ସାମସନ ଦଳ ପରିଚାଳନାକୁ ସ୍ପଷ୍ଟ ଭାବେ କହିଦେଇଛନ୍ତି ଯେ ସେ ପରବର୍ତ୍ତୀ ସିଜନ୍ ଦଳରେ ରହିବେ ନାହିଁ। ଏହାପାଇଁ ସେ ନିଜକୁ ଟ୍ରେଡ କରିବାକୁ ନଚେତ ଅକ୍ସନରେ ରିଲିଜ କରିବାକୁ କହିଛନ୍ତି। କେବଳ ଏତିକି ନୁହେଁ ଏବେ ସଞ୍ଜୁଙ୍କୁ ନେଇ ଏକ ବଡ଼ ଖବର ଆସିଛି ଦିଲ୍ଲୀ କ୍ୟାପିଟାଲ୍ସ () ସଞ୍ଜୁଙ୍କୁ କିଣିବାକୁ ଆଗ୍ରହ ପ୍ରକାଶ କରିଛି କିନ୍ତୁ ଏହି ଡିଲ ଏତେ ବି ସହଜ ନୁହେଁ।

ଆଇପିଏଲ ୨୦୨୬ ସିଜନ୍‌ରେ ଫ୍ରାଞ୍ଚାଇଜ ଦଳମାନଙ୍କ ମଧ୍ୟରେ ଖେଳାଳିଙ୍କ କ୍ରୟ-ବିକ୍ରୟ ଓ ରିଟେନ୍‌ଶନକୁ ନେଇ ଚର୍ଚ୍ଚା ଜୋରଦାର ହେବାରେ ଲାଗିଛି। ଦିଲ୍ଲୀ କ୍ୟାପିଟାଲ୍ସ ରାଜସ୍ଥାନର ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କୁ ନିଜ ଦଳରେ ସାମିଲ କରିବାକୁ ଇଚ୍ଛା ପ୍ରକାଶ କରିଛି।ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦିଲ୍ଲୀ ଦଳ ସଞ୍ଜୁଙ୍କୁ ଆଇପିଏଲ୍ ଟ୍ରେଡ ୱିଣ୍ଡୋ ମାଧ୍ୟମରେ କିଣିବାକୁ ଚାହୁଁଛି କିନ୍ତୁ ପ୍ରଶ୍ନ ହେଉଛି, କେଉଁ ଖେଳାଳିଙ୍କ ବଦଳରେ ଏହା ସମ୍ଭବ ହେବ?

ଆଇପିଏଲ ୨୦୨୫ ସମୟରେ ସାମସନ ଓ ରାଜସ୍ଥାନ ମଧ୍ୟରେ କିଛି ମତଭେଦର ଖବର ଆସିଥିଲା, ଯେଉଁଥିଲାଗି ସେ ନୂଆ। ଦଳକୁ ଯିବାକୁ ଚାହୁଁଛନ୍ତି ବୋଲି କୁହାଯାଉଛି କିନ୍ତୁ ଟ୍ରେଡର ପଥ ସହଜ ନୁହେଁ ରାଜସ୍ଥାନ ସଞ୍ଜୁଙ୍କୁ ସହଜରେ ଯିବାକୁ ଦେବ ନାହିଁ, କାରଣ ସେମାନେ ନିଜ କୋର୍ ଦଳକୁ ମଜବୁତ ରଖିବାକୁ ଚାହୁଁଛନ୍ତି ଅନ୍ୟପକ୍ଷେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରେ ଅନେକ ଯୁବ ଓ ଅନୁଭବୀ ଖେଳାଳି ଅଛନ୍ତି, ଯେଉଁମାନଙ୍କୁ ଟ୍ରେଡ ଟେବୁଲ୍‌ରେ ରଖାଯାଇପାରେ କିନ୍ତୁ ଦିଲ୍ଲୀ ଦଳ ନିଶ୍ଚିତ କରିନାହିଁ ଯେ କେଉଁ ଖେଳାଳିକୁ ରାଜସ୍ଥାନ ସହିତ ଟ୍ରେଡ କରିପାରିବ

ଆଇପିଏଲ ଟ୍ରେଡ ୱିଣ୍ଡୋ କଣ?

ଆଇପିଏଲ ଟ୍ରେଡ ୱିଣ୍ଡୋ ଏକ ନିୟମ ହେଉଛି ଯାହା ଅଧୀନରେ ଦଳମାନେ ଅକ୍ସନ ପୂର୍ବରୁ କିମ୍ବା ପରେ ଖେଳାଳିଙ୍କ ଅଦଳ-ବଦଳ କରିପାରନ୍ତି ।ବର୍ତ୍ତମାନ ଆଇପିଏଲ ୨୦୨୬ ପାଇଁ ଟ୍ରେଡ ୱିଣ୍ଡୋ ଖୋଲା ରହିଛି। ଆଇପିଏଲ ସିଜନ ଶେଷ ହେବାର ଏକ ମାସ ପରେ ଟ୍ରେଡ ୱିଣ୍ଡୋ ଖୋଲିଥାଏ, ଯାହା ଅକ୍ସନ୍‌ରୁ ଏକ ସପ୍ତାହ ପୂର୍ବଯାଏଁ ଖୋଲା ରହେ ଏହା ଅଧୀନରେ ଫ୍ରାଞ୍ଚାଇଜ ଦଳମାନେ ନିଜ ନିଜ ଖେଳାଳିଙ୍କ ଅଦଳ-ବଦଳ କରିପାରନ୍ତି କିମ୍ବା ଦଳ ଖେଳାଳିକୁ ଟ୍ରେଡ କରୁଥିବା ଫ୍ରାଞ୍ଚାଇଜ୍ ବଦଳରେ ଟଙ୍କା ଦେଇପାରେ।

# ଧୋନୀଙ୍କ ପୁରୁଣା ପରମ୍ପରାକୁ ଭାଙ୍ଗିଲେ ଶୁଭମନ



ନୂଆଦିଲ୍ଲୀ,୧୪।୧୦: ଭାରତୀୟ କ୍ରିକେଟ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ଜିତି ଚମତ୍କାର ପ୍ରଦର୍ଶନ କରିଛି କିନ୍ତୁ ଏହି ବିଜୟ ଅପେକ୍ଷା ଅଧିକ ଚର୍ଚ୍ଚାରେ ଅଧିନାୟକ ଶୁଭମନ ଗିଲ ଧୋନୀଙ୍କ ପରମ୍ପରା ଭାଙ୍ଗିବା ପୂର୍ବତନ ଭାରତୀୟ ଅଧିନାୟକ ଏମଏସ ଧୋନୀ ଏକ ପରମ୍ପରା ଆରମ୍ଭ କରିଥିଲେ। ଯେତେବେଳେ ଟିମ ଇଣ୍ଡିଆ ସିରିଜ ଜିତିଥାଏ, ସେତେବେଳେ ଦଳର ନୂତନ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଥିଲା।ଏହା ଦଳ ଭିତରେ ଏକତା ବୃଦ୍ଧି କରିବା ଏବଂ ନୂତନ ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ଥିଲା।ୱେଷ୍ଟଇଣ୍ଡିଜ ବିପକ୍ଷରେ ୨-୦ ସିରିଜ ବିଜୟ ପରେ, ବିସିସିଆଇ ସୋସିଆଲ ମିଡିଆରେ ଟିମ ଇଣ୍ଡିଆର ଉତ୍ସବର ଏକ ଭିଡିଓ ଶେୟାର କରିଛି। ଭିଡିଓରେ ଅଧିନାୟକ ଶୁଭମନ ଗିଲ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲାଙ୍କଠାରୁ ଟ୍ରଫି ଗ୍ରହଣ କରି ଉପ-ଅଧିନାୟକ ରବିନ୍ଦ୍ର ଜାଡେଜାଙ୍କୁ ପ୍ରଦାନ କରୁଥିବାର ଦେଖାଯାଇଥିଲା। ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, କାରଣ ସମସ୍ତେ ଆଶା କରିଥିଲେ ଯେ ଟ୍ରଫିଟି ଜଣେ ନୂତନ ଖେଳାଳିଙ୍କୁ ପ୍ରଦାନ କରାଯିବ, ଯେପରି ଧୋନୀଙ୍କ ସମୟରୁ ଅଭ୍ୟାସ ଥିଲା। ସୋସିଆଲ ମିଡିଆରେ ପ୍ରଶଂସକମାନେ ପ୍ରଶ୍ନ କରିଥିଲେ ଯେ ଗିଲ ଧୋନୀ ପରମ୍ପରା ଭାଙ୍ଗିଛନ୍ତି କି, କାରଣ ଏହା କେବଳ ଦଳର ସଂସ୍କୃତିର ଏକ ଅଂଶ ଥିଲା।

ତାଙ୍କ ଅଧିନାୟକ୍ ସମୟରେ, ଏମଏସ ଧୋନୀ ଭାରତ ଯେତେବେଳେ କୌଣସି ସିରିଜ ଜିତିଥାଏ ସେତେବେଳେ ଦଳର ଜଣେ ନୂତନ ଖେଳାଳିଙ୍କୁ ଟ୍ରଫି ହସ୍ତାନ୍ତର କରିବାର ଏକ ସୁନ୍ଦର ପରମ୍ପରା ଆରମ୍ଭ କରିଥିଲେ। ବିରାଟ କୋହଲି, ରୋହିତ ଶର୍ମା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପରି ଅଧିନାୟକମାନେ ମଧ୍ୟ ଏହି ପରମ୍ପରାକୁ ଅନୁସରଣ କରିଛନ୍ତି, କିନ୍ତୁ ଗିଲଙ୍କ ପଦକ୍ଷେପ ଏଥିରୁ ପ୍ରତ୍ୟାହାର ଦର୍ଶାଇଛି।ତଥାପି, ପରେ ଏକ ଭିଡିଓରେ ଦେଖାଯାଇଥିଲା ଯେ ଜାଡେଜା ଟ୍ରଫିକୁ ପବନରେ ହଲାଇବା ପରେ, ଏହାକୁ ଏନ. ଜଗଦୀଶନଙ୍କୁ ଦିଆଯାଇଥିଲା। ଏହି ପରମ୍ପରା ଭଙ୍ଗ ହୋଇନଥିଲା, ବରଂ ଏକ ସାମାନ୍ୟ ପରିବର୍ତ୍ତିତ ସଂସ୍କରଣ ଥିଲା ପ୍ରଥମେ, ବରିଷ୍ଠ ଖେଳାଳିଙ୍କୁ ସମ୍ମାନ କରନ୍ତୁ, ତାପରେ ନୂତନ ଖେଳାଳିଙ୍କୁ।

## ଦିନିକିଆରୁ ବାଦ୍ ପଡ଼ିଲେ ଜାମ୍ପା ଓ ଇଙ୍ଗଲିସ

ନୂଆଦିଲ୍ଲୀ,୧୫।୧୦: ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୧୯ରେ ପର୍ଥରେ ଆରମ୍ଭ ହେବାକୁ ଯାଉଛି କିନ୍ତୁ ସିରିଜ ଆରମ୍ଭ ହେବା ପୂର୍ବରୁ ଅଷ୍ଟ୍ରେଲିଆ ଦଳ ଦୁଇଟି ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇସାରିଛି।ପ୍ରମୁଖ ସ୍ପିନର ଆଡାମ ଜାମ୍ପା ଏବଂ ଉଇକେଟକିପର-ବ୍ୟାଟ୍ସମ୍ୟାନ ଜୋଶ ଇଙ୍ଗଲିସ ପ୍ରଥମ ଦିନିକିଆରୁ ବାଦ ପଡ଼ିଛନ୍ତି। ଏହି ଦୁଇ ଖେଳାଳିଙ୍କ ଅନୁପସ୍ଥିତି ନିଶ୍ଚିତ ଭାବରେ ଟିମ ଇଣ୍ଡିଆ ପାଇଁ ଏକ ଆଶ୍ୱସ୍ତି, ବିଶେଷକରି ବିରାଟ କୋହଲିଙ୍କ ପାଇଁ,



କାରଣ ଜାମ୍ପା ତାଙ୍କୁ ଅନେକ ଥର ଅସୁବିଧାରେ ପକାଇଛନ୍ତି।

ଅଷ୍ଟ୍ରେଲିଆର ଷ୍ଟାର ଲେଗ-ସ୍ପିନର ଆଡାମ ଜାମ୍ପା ତାଙ୍କ ସ୍ତ୍ରୀଙ୍କ ସହ ରହିବା ପାଇଁ ତାଙ୍କ ଦେଶକୁ ଫେରିଛନ୍ତି। କାରଣ ସେ ଖୁବ୍‌ଶୀଘ୍ର ପିତା ହେବାକୁ ଯାଉଛନ୍ତି। ଏହି କାରଣରୁ, ଜାମ୍ପା ପ୍ରଥମ ଦିନିକିଆରେ ଖେଳିପାରିବେ ନାହିଁ ସେ ସିରିଜର ବାକି ଦୁଇଟି ମ୍ୟାଚ ପାଇଁ ଫେରିବେ। ଜାମ୍ପାଙ୍କ ଅନୁପସ୍ଥିତିରେ, ମାଥ୍ୟୁ କୁହ୍ନେମାନଙ୍କୁ ଦଳରେ ସାମିଲ କରାଯାଇଛି କୁହ୍ନେମାନ ଶେଷ ଥର ପାଇଁ ୨୦୨୨ ମସିହାରେ ଶ୍ରୀଲଙ୍କା ବିପକ୍ଷରେ ଏକଦିବସୀୟ ମ୍ୟାଚ ଖେଳିଥିଲେ।

## ଶ୍ରୀକାନ୍ତଙ୍କୁ ଟାର୍ଗେଟ୍ କଲେ ଭାରତୀୟ ଦଳର କୋଚ୍

ନୂଆଦିଲ୍ଲୀ,୧୫।୧୦: ଗମ୍ଭୀର ଦ୍ୱିତୀୟ ଭାରତ ବନାମ ୱେଷ୍ଟଇଣ୍ଡିଜ୍ ଟେଷ୍ଟ ସମାପ୍ତ ହେବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଗୌତମ ଗମ୍ଭୀର କହିଛନ୍ତି, ଏହା ଲଜ୍ଜାଜନକ ଯେ ଆପଣ କେବଳ ଆପଣଙ୍କର ୟୁଟ୍ୟୁବ୍ ଚ୍ୟାନେଲ୍ ଚଲାଇବା ପାଇଁ ଜଣେ ୨୩ ବର୍ଷୀୟ ଖେଳାଳିଙ୍କୁ ଟାର୍ଗେଟ କରୁଛନ୍ତି। ହର୍ଷିତଙ୍କ ବାପା ପୂର୍ବତନ ଅଧ୍ୟକ୍ଷ, ପୂର୍ବତନ କ୍ରିକେଟର କିମ୍ବା ପ୍ରବାସୀ ଭାରତୀୟ ନୁହଁନ୍ତି। ସେ ନିଜ ଯୋଗ୍ୟତାରେ କ୍ରିକେଟ୍ ଖେଳୁଛନ୍ତି ଏବଂ ଏପରି କରି ଚାଲିବେ ଯଦି ଆପଣ ସୋସିଆଲ ମିଡିଆରେ ୨୩ ବର୍ଷୀୟ ଖେଳାଳିଙ୍କ ବିଷୟରେ ଏପରି କଥା କୁହନ୍ତି, ତେବେ ଏହା ତାଙ୍କ ମାନସିକତା ଉପରେ କ'ଣ ପ୍ରଭାବ ପକାଇବ?

## ଜାତୀୟ କନିଷ୍ଠ ଦୌଡ଼କୁଦ ଉଦ୍‌ଯାପିତ

# ୭ ପଦକ ସହ ଓଡ଼ିଶାର ଅଭିଯାନ ଶେଷ

ଭୁବନେଶ୍ୱର: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୪୦ତମ ଜାତୀୟ କନିଷ୍ଠ ଦେଡ଼କୁଦ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ୫ଦିନିଆ ପ୍ରତିଯୋଗିତାରେ ଓଡ଼ିଶା ୧ ସ୍ୱର୍ଣ୍ଣ, ୩ ରୌପ୍ୟ, ୩ କାଂସ୍ୟ ସହ ମୋଟ ୭ ପଦକ ସହ ଅଭିଯାନ ଶେଷ କରିଛି। ଓଡ଼ିଶାରୁ ୭୫ (୩୮ ବାଳକ, ୩୭ ବାଳିକା) ଜଣ ଖେଳାଳି ଭାଗ ନେଇଥିଲା ବେଳେ କେବଳ ୬ ଜଣ ପଦକ ପାଇଛନ୍ତି। ନିଜ ଘରୋଇ ପଡ଼ିଆରେ ଖେଳି ନୈରାଶ୍ୟଜନକ ପ୍ରଦର୍ଶନ କରିବା ରାଜ୍ୟ କ୍ରୀଡ଼ାପ୍ରେମୀଙ୍କୁ ଦୁଃଖିତ କରିଛି। କେବଳ ପ୍ରତୀକ ମହାରଣା ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୨୦ ବର୍ଷ ବୟସ ବର୍ଗର ୨୦୦ ମିଟର ଓ ୧୦୦ ମିଟର ଦୌଡ଼ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତି ଯୁଗଳ ସଫଳତା ପାଇଥିଲେ। ଖାଲି ଏତିକି ନୁହେଁ ୨୦୦ ମିଟରରେ ପ୍ରତୀକ ମିଟ୍ ରେକର୍ଡ କରିବା ସହ ଆମେରିକାର ୟୁଗେନ୍‌ରେ ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱ ଦେଡ଼କୁଦ ପ୍ରତିଯୋଗିତାର ମାନଦଣ୍ଡ (୨୦.୨୫ ସେକେଣ୍ଡ)କୁ ପାର୍ କରିଥିଲେ।



ମଙ୍ଗଳବାର ଶେଷ ଦିନରେ ୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର ଦେଡ଼ରେ ଓଡ଼ିଶାର ଆନି ସାଲ୍‌ବମ୍ କାଂସ୍ୟ ଜିତିଥିଲେ। ସେ ୧ ମିନିଟ୍ ୧୯.୯୪ ସେକେଣ୍ଡ ସମୟ ସହ ତୃତୀୟ ସ୍ଥାନରେ ରହିଥିଲେ ଉତ୍ତରପ୍ରଦେଶର ମହମ୍ମଦ ସମୀର ଖାନ (୧:୧୮.୪୮) ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଏବଂ ହରିୟାଣାର ଦେବ (୧:୧୯.୦୨) ରୌପ୍ୟ ପାଇଥିଲେ। ଏହି ଇଭେଣ୍ଟରେ ଗତ ବର୍ଷ ଏଠାରେ କରିଥିବା ସୂରଜ ସିଂହଙ୍କ ଜାତୀୟ ରେକର୍ଡ (୧:୨୧.୨୨)କୁ ୫ ଜଣ ଟପିଥିଲେ। ପୂର୍ବରୁ ପ୍ରତୀକଙ୍କ ଦୁଇ ପଦକ ବାଦ୍ ଛବୀନ୍ଦ୍ର ବେହେରା (୧୪ ବର୍ଷରୁ କମ୍ ବାଳକ ଟ୍ରାଏଥଲନ୍-ବି) ରୌପ୍ୟ ପାଇଥିଲା ବେଳେ ଆଲୋକିକା ସ୍ୱାଇଁ (୧୮ ବର୍ଷରୁ କମ୍ ବାଳିକା ଜାଭ୍‌ଲିନ୍), କୁନି ରାଜଗୋଣ୍ଡ (୧୪ ବର୍ଷରୁ କମ୍ ବାଳିକା ଜାଭ୍‌ଲିନ୍) ଓ ଓମ୍‌କାର ନନ୍ଦ (୨୦ ବର୍ଷରୁ କମ୍ ବାଳକ ସଟ୍‌ପୁଟ୍) କାଂସ୍ୟ ଜିତିଥିଲେ।

# ୱେଷ୍ଟଇଣ୍ଡିଜ ଡ୍ରେସିଂ ରୁମରେ ଗମ୍ଭୀର




ନୂଆଦିଲ୍ଲୀ,୧୫।୧୦: ୱେଷ୍ଟଇଣ୍ଡିଜ କ୍ରିକେଟ ବର୍ତ୍ତମାନ ଏକ କଷ୍ଟକର ସମୟ ଦେଇ ଗତି କରୁଛି, କିନ୍ତୁ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ବିଶ୍ୱାସ କରନ୍ତି ଯେ ୱେଷ୍ଟଇଣ୍ଡିଜ ପରି ଖେଳକୁ ଖେଳିବାର କିଛି ଦଳର ଉଦ୍ଦେଶ୍ୟ ଅଛି। ଗମ୍ଭୀର ଏହା ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନର ଖେଳାଳିମାନଙ୍କର ଉଦ୍ଦେଶ୍ୟ ହେଉଛି ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେବା। ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୨-୦ ରେ ଜିତିଥିଲା, ଯଦିଓ ପରିଦର୍ଶକମାନେ ସିରିଜର ଶେଷ ଇନିଂସରେ ପ୍ରଭାବିତ କରି ସେମାନଙ୍କ ଦଳକୁ ଇନିଂସ ପରାଜୟରୁ ରକ୍ଷା କରିଥିଲେ। ଏହା କେବଳ ଚତୁର୍ଥ ଥର ଥିଲା। ଯେତେବେଳେ ଭାରତ କୌଣସି ଦଳକୁ ଫଲୋଅନ କରିବାକୁ ବାଧ୍ୟ କରିଥିଲା ଏବଂ ତାପରେ ଚତୁର୍ଥ ଇନିଂସରେ ବ୍ୟାଟିଂ କରିବାକୁ ପଡିଥିଲା।

ଦିଲ୍ଲୀରେ ଭାରତ ୱେଷ୍ଟଇଣ୍ଡଜକୁ ସାତ ଉଇକେଟ୍‌ରେ ପରାସ୍ତ କରି ସିରିଜ ୨-୦ରେ ଜିତିଥିଲା ଏହା ପରେ, ୱେଷ୍ଟଇଣ୍ଡିଜ ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମି ଗୌତମ ଗମ୍ଭୀରଙ୍କୁ ତାଙ୍କ ଦଳର ଡ୍ରେସିଂ ରୁମକୁ ନିମନ୍ତ୍ରଣ କରିଥିଲେ। ଏହାର ଭିଡିଓ ଶେୟାର କରି ଗମ୍ଭୀର କହିଛନ୍ତି, ଯେତେବେଳେ ଆନ୍ତର୍ଜାତୀୟ କ୍ରିକେଟର କଥା ଆସେ, ସେତେବେଳେ ଅନେକ ଦଳ ଖେଳନ୍ତି। କାରଣ ସେମାନେ ଖେଳକୁ ଭଲ ପାଆନ୍ତି, ଯେତେବେଳେ ୱେଷ୍ଟଇଣ୍ଡିଜ ପରି ଖେଳ ଖେଳିବା ପଛରେ ବହୁତ କମ ଦଳର ଉଦ୍ଦେଶ୍ୟ ଥାଏ। ଆପଣଙ୍କର ଏକ ଉଦ୍ଦେଶ୍ୟ ଅଛି, ଏବଂ ତାହା ଆସକ୍ତି ଏବଂ ପ୍ରେମ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ମୁଁ ତୁମକୁ ଦେଖେ, ମୋତେ ଲାଗେ ଯେ ତୁମେ ୱେଷ୍ଟଇଣ୍ଡିଜ କ୍ରିକେଟର ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେଇପାରିବ।

ଗମ୍ଭୀର କହିଛନ୍ତି, ମୁଁ ଜାଣେ ଯେ ଏଠାରେ ଠିଆ ହୋଇ ପ୍ରଦର୍ଶନ ବିଷୟରେ କଥାବାର୍ତ୍ତା କରିବା ମୋ ପାଇଁ ସହଜ, କିନ୍ତୁ ମୁଁ ବିଶ୍ୱାସ କରେ ଯେ ତୁମେ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରୁ ପ୍ରେରଣା ନେବା ଉଚିତ। କ୍ରିକେଟ ଖେଳିବା ଏବଂ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେବାରେ ତୁମର ଏକ ବଡ଼ ଉଦ୍ଦେଶ୍ୟ ଅଛି। ଅନେକ ସମୟରେ ଦଳଗୁଡ଼ିକ ଉଦ୍ଦେଶ୍ୟ ଖୋଜନ୍ତି। କିନ୍ତୁ ସେମାନେ ତାହା ପାଆନ୍ତି ନାହିଁ। କିନ୍ତୁ ଘରେ ଆପଣ ଯେତେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ସମସ୍ତ ଚ୍ୟାଲେଞ୍ଜ ସତ୍ତ୍ୱେ, ମୁହଁରେ ହସ ରଖିବା, କଠିନ ପରିଶ୍ରମ କରିବା, ଦେଶ ପାଇଁ ଖେଳିବା ଏବଂ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେବାକୁ ଚେଷ୍ଟା କରିବା ହେଉଛି ୱେଷ୍ଟଇଣ୍ଡିଜ କ୍ରିକେଟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା।

# ବିବାହ ନ କରି ୩ ପିଲାର ବାପା ହୋଇଛନ୍ତି ବ୍ରାଭୋ

ନୂଆଦିଲ୍ଲୀ,୧୫।୧୦: ୱେଷ୍ଟଇଣ୍ଡିଜ କ୍ରିକେଟ ଦଳର କଥା ଉଠିଲେ, ଡ୍ୱେନ ବ୍ରାଭୋଙ୍କ ପ୍ରଥମେ ମନେ ପଡ଼େ ବ୍ରାଭୋ ପଡ଼ିଆରେ ନିଜର ଶୈଳୀ ଏବଂ ଅଲରାଉଣ୍ଡର ପ୍ରଦର୍ଶନ ଦ୍ୱାରା ଲକ୍ଷ ଲକ୍ଷ ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି ତଥାପି, ତାଙ୍କର କ୍ରିକେଟ ଦକ୍ଷତା ସହିତ, ତାଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ ଏକ ଚଳଚ୍ଚିତ୍ର କାହାଣୀ।

କ୍ରିକେଟ ପଡ଼ିଆରେ ବ୍ରାଭୋଙ୍କୁ ଜଣେ ଶାନ୍ତ ଖେଳାଳି ଭାବରେ ବିବେଚନା କରାଯାଇପାରେ, କିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନ ସର୍ବଦା ପ୍ରେମ ଏବଂ ଗ୍ଲାମରରେ ପରିପୂର୍ଣ୍ଣ ରହିଛି। କ୍ରିକେଟର୍ ଦୀପକ ଚହର ଏକ ଟିଭି ଶୋରେ ପ୍ରକାଶ କରିଥିଲେ, ଉନେ ବ୍ରାଭୋ ବିବାହ ନକରି ତିନି ସନ୍ତାନର ପିତା। ବ୍ରାଭୋ ପ୍ରତିବର୍ଷ ରେ ଏକ ନୂତନ ପ୍ରେମିକା ଆଣନ୍ତି; ଏହା ହୁଏତ ୱେଷ୍ଟଇଣ୍ଡିଜ ସଂସ୍କୃତିର ଏକ ଅଂଶ।

ବ୍ରାଭୋ ଅନେକ ସୁନ୍ଦର ମଡେଲ ଏବଂ ବ୍ୟକ୍ତିତ୍ୱ ସହିତ ଜଡିତ, ଯେଉଁମାନଙ୍କ ମଧ୍ୟରୁ ସବୁଠାରୁ ପ୍ରସିଦ୍ଧ ହେଉଛନ୍ତି ରେଜିନା ରାମଜିତ୍ (ବାର୍ବାଡିଆନ ମଡେଲ) ଏବଂ ଖ୍ୱିତା ଗୋନ୍ସାଲଭେସ ଉଭୟଙ୍କ ସହିତ ତାଙ୍କର ସମ୍ପର୍କ ଦୀର୍ଘ ସମୟ ଧରି ଚର୍ଚ୍ଚାରେ ରହିଥିଲା।



ଖ୍ୱିତା ଗୋନ୍ସାଲଭେସ କେବଳ ବ୍ରାଭୋଙ୍କ ସାଥୀ ନୁହଁନ୍ତି ବରଂ ଜଣେ ବୃତ୍ତିଗତ ରୋଷେୟା ମଧ୍ୟ। ସେ ଫ୍ରାନ୍ସ, ଇଟାଲୀ ଏବଂ ଆମେରିକାରେ ରୋଷେୟା ତାଲିମ ଗ୍ରହଣ କରିଛନ୍ତି। ବର୍ତ୍ତମାନ, ଖ୍ୱିତା ତାଙ୍କ ପୁଅ ଏବଂ ବ୍ରାଭୋଙ୍କ ସହ ତ୍ରିନିଦାଦରେ ରୁହନ୍ତି। ସେ ପ୍ରାୟତଃ ଷ୍ଟାଡିୟମରେ ବ୍ରାଭୋଙ୍କୁ ସମର୍ଥନ କରୁଥିବାର ଦେଖାଯାଆନ୍ତି ଏବଂ ସୋସିଆଲ ମିଡିଆରେ ମଧ୍ୟ ବହୁତ ସକ୍ରିୟ। ତାଙ୍କର ସୌନ୍ଦର୍ଯ୍ୟ ଏବଂ ଶୈଳୀ ତାଙ୍କୁ କାରିବିଆନର ସବୁଠାରୁ ଚମତ୍କାର ବ୍ୟକ୍ତି ମଧ୍ୟରୁ ଜଣେ କରିଛି। ବ୍ରାଭୋଙ୍କର ଭିନ୍ନ ଭିନ୍ନ ସମ୍ପର୍କରୁ ତିନୋଟି ସନ୍ତାନ ଅଛନ୍ତି, କିନ୍ତୁ ସେ ସମସ୍ତଙ୍କ ସହିତ ଭଲ ସମ୍ପର୍କ ବଜାୟ ରଖନ୍ତି ଏବଂ ଜଣେ ଦାୟିତ୍ୱବାନ ପିତାଙ୍କ ଭୂମିକା ନିର୍ବାହ କରନ୍ତି

ବ୍ରାଭୋ ୱେଷ୍ଟଇଣ୍ଡିଜ ଦଳ ପାଇଁ ତିନୋଟି ଫର୍ମାଟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି।

ଟେଷ୍ଟ କ୍ରିକେଟ: ୪୦ ମ୍ୟାଚ୍‌ରେ ୨୨୦୦ ରନ ଏବଂ ୮୬ ଉଇକେଟ

ଦିନିକିଆ: ୧୬୪ ମ୍ୟାଚ୍‌ରେ ୨୯୬୮ ରନ ଏବଂ ୧୯୯ ଉଇକେଟ।

ଅନ୍ତର୍ଜାତୀୟ ୨୦: ୯୧ ମ୍ୟାଚ୍‌ରେ ୧୨୫୫ ରନ ଏବଂ ୭୮ ଉଇକେଟ।ଆଇପିଏଲ୍‌ରେ, ସେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳି ୧୬୧ ମ୍ୟାଚ୍‌ରେ ୧୫୬୦ ରନ ଏବଂ ୧୮୩ ଉଇକେଟ ନେଇଥିଲେ

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ